



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୦ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 20 August 2025

Vol.No. 36 ■ No.219 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ସି.ପି. ରାଧାକ୍ରିଷ୍ଣନଙ୍କୁ ଟକ୍କର ଦେବେ ବି. ସୁଦର୍ଶନ: ବିଜେଡିର ଆଭିମୁଖ୍ୟକୁ ନେଇ ସସପେନ୍ସ



ନୂଆଦିଲ୍ଲୀ,୧୯/୮ : ବିଜେପି ଭେଟେରାନ୍ ତଥା ରାଜ୍ୟପାଳ ବନାମ୍ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି । ତାମିଲନାଡୁର ରାଧାକ୍ରିଷ୍ଣନ୍ ଙ୍କୁ ଟକ୍କର ଦେବେ ତେଲେଙ୍ଗାନାର ସୁଦର୍ଶନ । ଉପରାଷ୍ଟ୍ରପତି ନିର୍ବାଚନୀ ମୈଦାନରେ ୨ ଦକ୍ଷିଣ ଭାରତୀୟ ହେଭିୱେଟ୍ । ସାଉଥ୍ କ୍ୟାଣ୍ଡିଡେଟ୍ ଦେଇ ଘଉଇ ଚାଲ୍ କୁ କାଉଣ୍ଟର ପାଇଁ ଇଣ୍ଡିର ଉଦ୍ୟମ । ଦୋଛକିରେ ଦକ୍ଷିଣ ଭାରତୀୟ ଦଳ, ସସପେନ୍ସରେ ବିଜେଡିର ଷ୍ଟାଣ୍ଡ୍ ! ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଘଉଇ ପ୍ରାର୍ଥୀ ଘୋଷଣା କରିବା ଦିନକ ପରେ, ଆଜି ନିଜ କାର୍ଡ ଖେଳିଛି ଇଣ୍ଡି ମେଣ୍ଟ। ତାମିଲନାଡୁ ତିରୁପତିର ସି.ପି. ରାଧାକ୍ରିଷ୍ଣନଙ୍କୁ ଏନଡିଏ ପ୍ରାର୍ଥୀ କରିବା ପରେ, ସେଇ ଦକ୍ଷିଣ ଭାରତରୁ ନିର୍ଦ୍ଦଳୀୟ ଚେହେରା ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡୀଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିଛି ଇଣ୍ଡି। କଂଗ୍ରେସ, ଡିଏମକେ, ଟିଏମସି ସମେତ ଇଣ୍ଡି ମେଣ୍ଟର ନେତା ଏକାଠି ଭାବେ ପ୍ରେସମିଟ୍ କରି ଏହି ସୂଚନା ଦେଇଛନ୍ତି। ତେବେ ନଜର ପକାନ୍ତୁ କିଏ କେତେ ଅଭିଜ୍ଞ, କାହାର କେତେ ଦକ୍ଷତା। ୬୮ ବର୍ଷୀୟ ଅଥଚ ଖୁବ୍ ସକ୍ରିୟ ଥିବା ସି.ପି. ରାଧାକ୍ରିଷ୍ଣନ୍ ପ୍ରାୟ ବର୍ଷେ ହେବ ମହାରାଷ୍ଟ୍ର ରାଜ୍ୟପାଳ ଅଛନ୍ତି। ୨୦୨୪ ଜୁଲାଇ ୩୧ରେ ସେ ମହାରାଷ୍ଟ୍ର ଗଭର୍ଣ୍ଣର ଭାବେ ଶପଥ ନେଇଥିଲେ। ଏହା ପୂର୍ବରୁ ସେ ଝାଡ଼ଖଣ୍ଡ ରାଜ୍ୟପାଳ ରହିବା ସହିତ, ତେଲେଙ୍ଗାନା ରାଜ୍ୟପାଳ ଓ ପୁଡୁଚେରୀ ଉପରାଜ୍ୟପାଳ ଭାବରେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ୧୯୯୮ରେ ପ୍ରଥମେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ କୋଏମ୍ବାଟୁରରୁ ୨ ଥର ସାଂସଦ ବନିଥିଲେ। ୨୦୦୩ରୁ ୨୦୦୬ ଯାଏଁ ତାମିଲନାଡୁ ବିଜେପି ସଭାପତି ଥିଲେ ସି.ପି. ରାଧାକ୍ରିଷ୍ଣନ୍। ୨୦ ଅକ୍ଟୋବର ୧୯୫୭ରେ ତାମିଲନାଡୁ ତିରୁପୁରରେ ସେ ଜନ୍ମଗ୍ରହଣ କରିଥିବା ବେଳେ, ମାତ୍ର ୧୬ ବର୍ଷ ବୟସରୁ ଆରଏସଏସ ଓ ଜନସଂଘ ସହ ଜଡ଼ିତ ରହିଥିଲେ। ଆଜି ଦିଲ୍ଲୀରେ ଏନଡିଏ ସାଂସଦଙ୍କ ଗହଣରେ ରାଧାକ୍ରିଷ୍ଣନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି।

▶▶ପୃଷ୍ଠା ୭

## ମାଓବାଦୀଙ୍କ ଲିଙ୍କ୍‌ରେ ମାଇନିଂ କମ୍ପାନି: ଗୁଇନ୍ଦା ବିଭାଗର ତନାଘନା



ଭୁବନେଶ୍ୱର, ୧୯/୮ (ନି.ପ୍ର): ଖୋଲୁଛି ୧୦ ଟନ୍ ବିସ୍ଫୋରକ ପଛର ରହସ୍ୟ । ଖାଲି ଆଖିକୁ ବିସ୍ଫୋରକ, ହେଲେ ଗୁଇନ୍ଦା ପାଇଛି ଏହା ପଛର ସତ । ଆମେ କହୁଛୁ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ପୁଲିସକୁ ମିଳିଥିବା ବେଆଇନ ବିସ୍ଫୋରକ ସାମଗ୍ରୀର କଥା । ମିଳିଥିଲା ଜିଲୋଟିନ୍, ଆପେକ୍ସ ବୁଷ୍ଟର, କାରଡେକ୍ସ ଓ ଡିଟୋନେଟର୍ । ପ୍ୟାକେଟ୍ ଉପରେ ଜଳ ଜଳ ହୋଇ ଦିଶୁଛି ସଂସ୍ଥାର ନାଁ । ଏପି ଏକ୍ସପ୍ଲୋସିଭସ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାରେ ଏହାକୁ ତିଆରି କରାଯାଇଥିବା ଉଲ୍ଲେଖ ରହିଛି । ଠିକଣା ହେଉଛି ତେଲେଙ୍ଗାନା ରାଜ୍ୟର ୟାଦାରି ଭୋଙ୍ଗିର ଜିଲ୍ଲା । ଏପରିକି ସାର୍ଟିଫାଏଡ୍ କମ୍ପାନିର ରେଜିଷ୍ଟ୍ରେସନ ନମ୍ବର ବି ଉଲ୍ଲେଖ କରାଯାଇଛି । ଏଥିରେ ଥିବା କମ୍ପାନିର ଲୋଗୋ ସବୁକିଛି ସ୍ପଷ୍ଟ ଭାବରେ ବୟାନ କରୁଛି ଯେ, ଏହି ସଂସ୍ଥାର ମାଲିକାନା କାହା ନାଁରେ ରହିଛି । ତେବେ ଏହି ସଂସ୍ଥାର ମାଓ ଲିଙ୍କ୍ ନେଇ ଖୋଳତାଡ଼ କରୁଛି ଗୁଇନ୍ଦା ବିଭାଗ । ଖାଲି ସେତିକି ନୁହେଁ ମାଇନିଂ କମ୍ପାନି ସହ ମାଓବାଦୀଙ୍କ ଲିଙ୍କ୍ ବାବଦରେ ଠୋସ୍ ପ୍ରମାଣ ମିଳି ସାରିଛି । ଏହି ବିସ୍ଫୋରକ ସାମଗ୍ରୀ ପୂର୍ବରୁ ବି ଦେଖିବାକୁ ମିଳିଥିଲା । ଗତ ୧୭ ଜୁଲାଇରେ କନ୍ଧମାଳର ଗୁମ୍ମା ସଂରକ୍ଷିତ ଜଙ୍ଗଲରେ

▶▶ପୃଷ୍ଠା ୭

## ପ୍ରକାଶ ପାଇଲା ନିଟ ପିଜି-୨୦୨୫ ପରୀକ୍ଷାଫଳ

ଭୁବନେଶ୍ୱର, ୧୯/୮ (ନି.ପ୍ର): ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ ଇନ୍ ମେଡିକାଲ୍ ସାଇନ୍ସେସ (ଏନବିଇଏମଏସ) ଆଜି ( ଅଗଷ୍ଟ ୧୯) ନ୍ୟାସନାଲ ଏଲିଜି ବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ-ପୋଷ୍ଟଗ୍ରାଜୁଏଟ୍ (ନିଟ୍ ପିଜି ୨୦୨୫)ର ଫଳାଫଳ ଘୋଷଣା କରିଛି । ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ ଏବେ ଏନବିଇଏମଏସର ଅଫିସିଆଲ୍ ୱେବସାଇଟ୍ natboard.edu.in କୁ ଯାଇ ସେମାନଙ୍କର ଫଳାଫଳ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ । ପ୍ରାର୍ଥୀ ମାନେ ନିଜର ମାର୍କ ଦେଖିପାରିବା ସହ ରାଙ୍କ ଦେଖିପାରିବେ । ସୂଚନାଯୋଗ୍ୟ ଯେ ନିଟ୍ ପିଜି ୨୦୨୫ ଚଳିତ ମାସ ୩ ତାରିଖରେ ହୋଇଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ପରୀକ୍ଷା ଗୋଟିଏ ଥରରେ ଆୟୋଜନ ହୋଇଥିଲା । ଏହି ଜାତୀୟ ସ୍ତରୀୟ ପରୀକ୍ଷା ଡାକ୍ତରୀ ସ୍ନାତକଙ୍କ ପାଇଁ ଏମଡି, ଏମଏସ, ଡିଏନବି, ଡଏନବି (ସିଧା ୬ ବର୍ଷିଆ ପାଠ୍ୟକ୍ରମ) ଏବଂ ପିଜି ଡିପ୍ଲୋମା ଭଳି ଶ୍ରେଷ୍ଠ ସ୍ନାତକୋତ୍ତର ଡାକ୍ତରୀ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରବେଶ ପାଇଁ ଦ୍ୱାର ଖୋଲିଥାଏ ।

## ଓଡ଼ିଶାରେ ଏସଆଇଆରକୁ ନେଇ ତେଜିଲା ବୟାନବାଜି: ଜୋରଦାର ପ୍ରତିରୋଧ କରିବ କଂଗ୍ରେସ



ଭୁବନେଶ୍ୱର, ୧୯/୮ (ନି.ପ୍ର): ବିହାର ଭଳି ବି ଏସଆଇଆରକୁ ଓଡିଶାରେ ହେବ ତୀବ୍ର ବିରୋଧ। ରାଜ୍ୟରେ ଏସଆଇଆର ନିଷ୍ପତ୍ତି ପରେ ତେଜିଛି ରାଜନୀତି। କଂଗ୍ରେସ କହିଛି, ନିଆଁ ଜଳିବ । ଷ୍ଟାଣ୍ଡ କ୍ଲିୟର କରିପାରୁନି ବିଜେଡି । ୨୪ ବର୍ଷ ପରେ ରାଜ୍ୟରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବା ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ହେବାକୁ ଯାଉଛି। ବିହାର ନିର୍ବାଚନ ପୂର୍ବରୁ ଏହି ଏସଆଇଆର ବଡ ମୁଦ୍ଦା ସାଜିଥିବା ବେଳେ ଓଡିଶାରେ ଏହି ନିଷ୍ପତ୍ତିକୁ ନେଇ ବି ଆରମ୍ଭ ହୋଇଛି ରାଜନୈତିକ ହଟଚମଟ। କେବଳ ଜାତି ଧର୍ମ ଆଧାରରେ ଭୋଟରଙ୍କୁ ବାଦ୍ ଦେବାକୁ ଏହି ନିଷ୍ପତ୍ତି, ଓଡିଶାରେ ଲାଗୁ ହେଲେ ନିଆଁ

▶▶ପୃଷ୍ଠା ୭

## ଓଡ଼ିଶାକୁ କେନ୍ଦ୍ରର ବଡ଼ ଭେଟି: ନିର୍ମାଣ ହେବ ୧୧୦ କିଲୋମିଟର ଲମ୍ୱା ୬ ଥାକିଆ ରାସ୍ତା



ଭୁବନେଶ୍ୱର, ୧୯/୮ (ନି.ପ୍ର): କମିବ ଟ୍ରାଫିକ, ସହଜ ହେବ ଯାତାୟାତ । ଭୁବନେଶ୍ୱର ସହର ଭିତରକୁ ଆଉ ପଶିବନି ଭାରି ଯାନ । ବାଇପାସ୍ ଦେଇ ବାହାରି ଯିବେ ବାହାର ରାଜ୍ୟରୁ ଆସୁଥିବା ବଡ଼ ବଡ଼ ଗାଡ଼ି । ଖୋର୍ଦ୍ଧା ରାମେଶ୍ୱରରୁ ଚୌଦ୍ୱାର ଟାଙ୍ଗୀ ଯାଏଁ ଖୋଲିବ ପ୍ରଗତିର ନୂଆ ରାସ୍ତା । ୬ ଲେନ୍ ବିଶିଷ୍ଟ ୧୧୦ କିମି ଲମ୍ୱା ଭୁବନେଶ୍ୱର ବାଇପାସ ପ୍ରକଳ୍ପ ଉପରେ ବାଜିଛି କେନ୍ଦ୍ର କ୍ୟାବିନେଟ୍ ମୋହର। ଚୂଡାନ୍ତ ହୋଇ ପ୍ରସ୍ତାବିତ ରାସ୍ତା। ନିଷ୍ପତ୍ତି ଅନୁଯାୟୀ, ଆକ୍ସେସ୍-କଣ୍ଟ୍ରୋଲ୍ କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ୍ ଅଧିନରେ ନିର୍ମାଣ ହେବ ଏ ବାଇପାସ୍। ଯାହା ଖୋର୍ଦ୍ଧା, କଟକ ଓ ଢେଙ୍କାନାଳ ତିନି ଜିଲ୍ଲା ଦେଇ ଲମ୍ୱିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିପାଇଁ ୮ ହଜାର ୩୦୭ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟ ହେବ। ହାଇବ୍ରିଡ ମୋଡରେ ଏହାକୁ ନିର୍ମାଣ କରିବାକୁ ବ୍ୟବସ୍ଥା ହୋଇଛି। ଏବେ ରାମେଶ୍ୱର-ଟାଙ୍ଗୀ ଜାତୀୟ ରାଜପଥରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ସମସ୍ତ ଗାଡି ଖୋର୍ଦ୍ଧା-ଭୁବନେଶ୍ୱର-କଟକ ଦେଇ ଯାତାୟାତ କରୁଥିବାରୁ ପ୍ରବଳ ଟ୍ରାଫକ ସମସ୍ୟା ସହରବାସୀ ସାମନା କରୁଛନ୍ତି। ଏଥିରେ ସୁଧାର ଆଣିବାକୁ ଭୁବନେଶ୍ୱର ବାଇପାସ ଗ୍ରୀନଫିଲ୍ଡ ହାଇୱେର ପରିକଳ୍ପନା କରାଯାଇଛି

▶▶ପୃଷ୍ଠା ୭

## ୬ ହଜାରରୁ ଅଧିକ ଛାତ୍ରଙ୍କ ଭିସା ରଦ୍ଦ କଲେ ଟ୍ରମ୍ପ ପ୍ରଶାସନ- ଷ୍ଟେଟ୍ ଡିପାର୍ଟମେଂଟ

ୱାଶିଂଟନ, ୧୯/୮ (ନି.ପ୍ର): ଆମେରିକୀୟ ଷ୍ଟେଟ୍ ଡିପାର୍ଟମେଂଟ ସୋମବାର କହିଛି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ୬,୦୦୦ ରୁ ଅଧିକ ଛାତ୍ର ଭିସା ବାତିଲ୍ କରିଛି। ଏଥିରେ ଅଧିକାଂଶ ମାମଲାରେ ଭିସାଧାରୀମାନେ ନିୟମ ଉଲ୍ଲଂଘନ କରିଥିଲେ କିମ୍ବା ନିର୍ଦ୍ଧାରିତ ସମୟରୁ ଅଧିକ ସମୟ ପର୍ଯ୍ୟନ୍ତ ଆମେରିକାରେ ରହିଥିଲେ, ଯେଉଁଥିରେ ପ୍ରାୟ ୨୦୦-୩୦୦ ମାମଲାରେ ତାଙ୍କୁ ଆତଙ୍କବାଦ ସହିତ ସଂପୃକ୍ତ ଜଣାପଡିଛି।

▶▶ପୃଷ୍ଠା ୭

## ସମ୍ବଲପୁରରେ ଏନକାଉଂଟର

ସମ୍ବଲପୁର, ୧୯/୮ (ନି.ପ୍ର): ସମ୍ବଲପୁର ସହର ସନ୍ନିକଟ ଖଣ୍ଡୁଆଳ ଅଂଚଳରେ ଏନକାଉଂଟର । ଆଜି ସକାଳେ ପୋଲିସ ଏକ ହତ୍ୟା ଘଟଣାର ଅଭିଯୁକ୍ତକୁ ସହର ସନ୍ନିକଟ ଖଣ୍ଡୁଆଳରେ ଦେଖି ଧରିବାକୁ ଯାଇଥିଲା । ମାତ୍ର ଘଟଣାସ୍ଥଳରେ ଅଭିଯୁକ୍ତ ମହମ୍ମଦ ସମାଦ୍ ପୋଲିସ ଗିରଫଦାରୀକୁ ଏଡାଇବାକୁ ଯାଇ ପୋଲିସ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲା । ପୋଲିସର ପାଲଟା ଜବାବରେ ସମାଦ୍ ର ବାମ ଗୋଡ଼ରେ ଗୁଳି ବାଜି ଥିଲା । ସେ ଗୁରୁତର ହୋଇପଡିଥିଲା । ପୋଲିସ ତା’ ନିକଟରୁ ଏକ ୭.୬ ଏମଏମ ପିସ୍ତଲ, ଗୋଟିଏ କଳା ରଙ୍ଗର ଟିଭିଏସ ଆପାଚି ବାଇକ୍ କୁ ଜବତ କରିଛି । ଗୁରୁତର ସମାଦ୍ କୁ ତୁରନ୍ତ ଚିକିତ୍ସା ନିମନ୍ତେ ଭୀମସାରରେ ଭର୍ତି କରିଛି । ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ସମ୍ବଲପୁର ମୋତିଝରଣ ଅଂଚଳର ମହମ୍ମଦ ସମାଦ୍ ଓ ତା’ର ଭାଇ ମହମ୍ମଦ ୱାସିମ୍ ବୁଟଲି ଅଂଚଳର ଆସଫ ଖାନକୁ ଛୁରୀ ଭୁସି ହତ୍ୟା କରି ଫେରାର୍ ହୋଇଯାଇଥିଲେ । ଏହି ହତ୍ୟା ସମ୍ପର୍କରେ ଧନୁପାଲି ଥାନାରେ ଏକ ହତ୍ୟା ମାମଲା ରୁଜୁ ହେବା ସହ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ ହୋଇଥିଲା ।

## ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ଘଟଣା : ହତ୍ୟା ନୁହେଁ ଆତ୍ମହତ୍ୟା ସ୍ପଷ୍ଟ କଲେ କେନ୍ଦ୍ରାପଡ଼ା ଏସପି

କେନ୍ଦ୍ରାପଡ଼ା ୧୯/୮ (ନି.ପ୍ର): ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁ ଘଟଣାରେ କେନ୍ଦ୍ରାପଡ଼ା ଏସପିଙ୍କ ସାମ୍ବାଦିକ ସମ୍ମିଳନୀ । ପୋଷ୍ଟମର୍ଟମ ରିପୋର୍ଟ ଆସିଥିବା ବେଳେ ଜଳିଯିବା କାରଣରୁ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି ଏସପି ସିଦ୍ଧାର୍ଥ କଟାରିଆ । ସାଇଣ୍ଟିଫିକ୍ ଏଭିଡେନ୍ସ ଉପରେ ଏବେ ବି ଖୋଳତାଡ଼ ଚାଲିଛି । ଛାତ୍ରୀ ଜଣକ ଆତ୍ମହତ୍ୟା କରିବା ସମୟରେ ବାପା ଘରେ ନଥିଲେ। ସକାଳ ୮ଟା ୩୦ରୁ ୧୧ଟା ମଧ୍ୟରେ ଛାତ୍ରୀଜଣଙ୍କ ଆତ୍ମହତ୍ୟା କରିଛନ୍ତି । ସକାଳ ୭ଟା ୩୦ରେ ଛାତ୍ରୀଙ୍କ ବାପା ଘରୁ ବାହାରକୁ ଯାଇଥିଲେ, ଦିନ ୧୧ଟା ୩୦ ରେ ଘରକୁ ଫେରିଥିଲେ ବୋଲି କହିଛନ୍ତି କେନ୍ଦ୍ରାପଡ଼ା ଏସପି । ଅନ୍ୟପଟେ ଥମୁନି ମହିଳାମାନଙ୍କ ଉପରେ ହିଂସା ଓ ଅତ୍ୟାଚାର । ବଳଙ୍ଗା, ବାଲେଶ୍ୱର ପରେ ଏବେ ମାହାଙ୍ଗାରେ କଲେଜ ଛାତ୍ରୀଙ୍କ ଉପରେ ଆକ୍ରମଣ । ମାରଣାସ୍ତ୍ରରେ ହାଣି ଲୁଟ୍ ଉଦ୍ୟମ କରି ଫେରାର ହୋଇଛନ୍ତି ଦୁର୍ବୃତ୍ତ , ଛାତ୍ରୀ ଜଣକ ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ସୂଚନା ।

▶▶ପୃଷ୍ଠା ୭

## ଜଣେ ଗ୍ରାମବାସୀଙ୍କୁ ହତ୍ୟା କଲେ ନକ୍ସଲ: ଦେଲେ ଧମକ

ମାଲକାନଗିରି, ୧୯/୮ (ନି.ପ୍ର): ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ପୁଣି ନକ୍ସଲ ମାତିଲେ। ପୁଲିସ ଇନଫର୍ମର ସନ୍ଦେହରେ ଜଣେ ଗ୍ରାମବାସୀକୁ ହତ୍ୟା କରିଥିବା ବେଳେ ପୋଷ୍ଟର ଏବଂ ବ୍ୟାନର ମାରି ସରପଞ୍ଚ ସମେତ କିଛି ଗ୍ରାମବାସୀଙ୍କୁ ହତ୍ୟା ଧମକ ଦେଇଛନ୍ତି। ଘଟଣା ଅନୁଯାୟୀ କାଂକେର ଜିଲ୍ଲାର ମାଡ଼ ଅଞ୍ଚଳରେ ରହିଥିବା ବିନାଗୁଣ୍ଡା ଗ୍ରାମର ମନେଶ ନାରେଟିଙ୍କୁ ପୁଲିସ ଇନଫର୍ମର ଦର୍ଶାଇ ହତ୍ୟା କରିଛନ୍ତି। ପ୍ରକାଶ ଥାଉକି ଗତବର୍ଷ ୨୦୨୪ ଅପ୍ରେଲ ୧୬ ତାରିଖ ଦିନ ବିନାଗୁଣ୍ଡା ଅଂଚଳରେ ଯବାନଙ୍କ ଏନକାଉଣ୍ଟରରେ ୨୯ ଜଣ ନକ୍ସଲ ମୃତ୍ୟୁବରଣ କରିଥିଲେ। ଏହି ଏନକାଉଣ୍ଟରରେ ଦୁର୍ଦାନ୍ତ ନକ୍ସଲ

▶▶ପୃଷ୍ଠା ୭

## ଯୁଦ୍ଧ ବନ୍ଦ ପାଇଁ ଜେଲେନସ୍କିଙ୍କ ସହ ଟ୍ରମ୍ପଙ୍କ ଆଲୋଚନା: ଯୁଦ୍ଧ ବନ୍ଦ ପାଇଁ ପୁଟିନ୍ ଚାହୁଁଥିବା ଜଣାଇଲେ ଟ୍ରମ୍ପ



ନୂଆଦିଲ୍ଲୀ,୧୯/୮ : ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଭେଟିଲେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ । ହ୍ୱାଇଟ୍ ହାଉସରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି । ଦୀର୍ଘ ସାଢେ ୩ ବର୍ଷ ଧରି ଚାଲିଥିବା ଋଷ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ପାଇଁ ଜେଲେନସ୍କିଙ୍କ ସହ ଆଲୋଚନା କରିଛନ୍ତି ଟ୍ରମ୍ପ । ୩ ଦିନ ତଳେ ଆଲାସ୍କାରେ ଋଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ଟ୍ରମ୍ପ ଆଲୋଚନା କରିଥିଲେ । ଏହାପରେ ଜେଲେନସ୍କିଙ୍କ ସହ ଆଲୋଚନା କରିଛନ୍ତି ଟ୍ରମ୍ପ । ଯୁଦ୍ଧ ବନ୍ଦ ପାଇଁ ପୁଟିନ୍ ଚାହୁଁଥିବା ଜେଲେନସ୍କିଙ୍କୁ ଅବଗତ କରିଛନ୍ତି ଆମେରିକା ରାଷ୍ଟ୍ରପତି । ଉଭୟ ଟ୍ରମ୍ପ ଓ ଜେଲେନସ୍କି ପୁଟିନଙ୍କ ସହ ମିଶି ତ୍ରିପାକ୍ଷିକ ଆଲୋଚନା କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ଯୁଦ୍ଧର ପରିସମାପ୍ତି ଶୀଘ୍ର ହେବା ଆବଶ୍ୟକ ବୋଲି କହିଛନ୍ତି ଟ୍ରମ୍ପ । ଯୁଦ୍ଧ ବନ୍ଦ ହେଲେ ୟୁକ୍ରେନକୁ କେବଳ ଆମେରିକା ନୁହେଁ, ଅନ୍ୟ ୟୁରୋପୀୟ ଦେଶଗୁଡିକ ମଧ୍ୟ ସୁରକ୍ଷା ଯୋଗାଇଦେବେ । ୟୁକ୍ରେନ-ଋଷ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା: ଅତିଷ୍ଠ ହୋଇଗଲେଣି ଅଭିଯୋଗକାରୀ



ଭୁବନେଶ୍ୱର, ୧୯/୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁଛନ୍ତି । ହେଲେ ଲୋକଙ୍କ ଅଭିଯୋଗ ଶୁଣିବାକୁ ବାବୁଙ୍କର ଯେମିତି ନାହିଁ ଆନ୍ତରିକତା । ଦକ୍ଷିଣାଞ୍ଚଳ ଆରଡିସି ଜିଲ୍ଲାପାଳଙ୍କୁ ଚିଠି ଲେଖି ଏନେଇ ତାଗିଦ୍ କରିଛନ୍ତି । ମାସ ମାସ ଧରି ଅଭିଯୋଗ ପଡ଼ି ରହୁଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜସ୍ୱ ଆୟୁକ୍ତ । ଲୋକଙ୍କ ଅଭିଯୋଗର ହେବ ଶୁଣାଣି ଓ ଚୁଟ୍‌କିରେ ହେବ ସମସ୍ୟାର ସମାଧାନ । ନୂଆ ସରକାରଙ୍କ ପକ୍ଷରୁ ଏଭଳି ପ୍ରତିଶ୍ରୁତି ମିଳିଥିଲା । ନିଜେ ମୁଖ୍ୟମନ୍ତ୍ରୀ ରାଜଧାନୀରେ ଘଣ୍ଟା ଘଣ୍ଟା ଧରି ଅଭିଯୋଗ ଶୁଣୁଛନ୍ତି । ହେଲେ ରାଜଧାନୀରୁ ଜିଲ୍ଲାସ୍ତରକୁ ଯାଉଥିବା ଅଭିଯୋଗ ଫାଇଲ୍‌ର ଭାଗ୍ୟ ନାଲିଫିତା ତଳେ ସେମିତି ଚାପି ହୋଇ ରହୁଛି । ଯାହାର ଲେଖାଯୋଖା ପ୍ରମାଣ ହେଉଛି ଏହି ଚିଠି । ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଧୀନରେ ଥିବା ୮ ଜିଲ୍ଲାରେ ଦୀର୍ଘ ଦିନ ହେବ ପଡ଼ିରହିଛି ୨୦୭ ଅଭିଯୋଗ ଫାଇଲ୍ । ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, କୋରାପୁଟ ଜିଲ୍ଲାରେ ମାସ ମାସ ଧରି ଗଡୁଛି ଅଭିଯୋଗ । ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତାଗିଦ୍ କରିବା ସହ ୨୦୭ ଅଭିଯୋଗକୁ ଜିଲ୍ଲାପାଳ ମାନେ ବ୍ୟକ୍ତିଗତ ଭାବେ ଯାଞ୍ଚ କରି ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆରଡିସି । ଜିଲ୍ଲାରୁ ଭୁବନେଶ୍ୱର, ଭୁବନେଶ୍ୱରରୁ ପୁଣି ଜିଲ୍ଲା ।

▶▶ପୃଷ୍ଠା ୭

# ସୁବର୍ଣ୍ଣପୁର ଜିଲ୍ଲାରେ ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର, ୧୯/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ମେଘଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୮୫ (ଏକ ଶହ ପଞ୍ଚାଅସି) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୬୭ ( ଏକ ଶହ ସତସଠି) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୮ ( ଅଠର) ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ବିନିକା, ଶ୍ରୀ ମନ୍ଟୁ ଖମାରୀ ଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର ଶ୍ରୀମତି ସୌମ୍ୟରୂପା ରଥଙ୍କ ସମେତ ତହସିଲଦାର, ବିନିକା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ଶଙ୍କରା ଗ୍ରାମ ପଞ୍ଚାୟତର ଜଣେ ବିଧବା ମହିଳା ବସୁଧା ଦେହୁରୀଙ୍କୁ ମଧୁବାବୁ ପେନସନ ଯାଜନରେ ଟ.୧୨୦୦.୦୦ (ବାର ଶହ) ଙ୍କା ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଓଡିଶା ଜୀବିକା ମିଶନ ଯୋଜନା ଅଧିନରେ ବିନିକା ପଞ୍ଚାୟତ ସମିତି ଅଞ୍ଚଳରେ ପ୍ରଧାନ ମନ୍ତ୍ରୀ ଅଣୁ ବା କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟା କରଣ ଉଦ୍ୟମ ଆନୁଷ୍ଠାନିକ କରଣ ଯୋଜନାରେ କୁହିବହାଲ ଗ୍ରାମ ପଞ୍ଚାୟତର ଶ୍ରୀମତି କଳ୍ପନା ସାହୁ, ଶ୍ରୀମତି ସୌଭାଗିନି ମହଲିଙ୍ଗ ଶ୍ରୀମତି ବାସନ୍ତୀ ସାହୁଙ୍କୁ ଓ ଚରଦା ଗ୍ରାମ ପଞ୍ଚାୟତର ଶ୍ରୀମତି ଝିନୂପମା ଥନାପତିଙ୍କୁ ଟ.୪୦,୦୦୦.୦୦ (ଚାଳିଶ ହଜାର ଟଙ୍କା) ଲେଖାଏଁ ବ୍ୟାଙ୍କ୍ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଓଡିଶା ଜୀବିକା ମିଶନ ଯୋଜନାରୁ (୧). ଓଁ ନମଃ ଶିବାୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚରଦା ଙ୍କୁ ଟ.୫୦,୦୦୦.୦୦, (୨).ବିଶ୍ୱ ନାରାୟଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସିଲାଟି ଙ୍କୁ ଟ.୧,୦୦,୦୦୦.୦୦ ଓ (୩) ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସିଲାଟିଙ୍କୁ ଟ.୧,୦୦,୦୦୦.୦୦ ଗୋଷ୍ଠୀ ବିନିଯୋଗ ବା ପୁଞ୍ଜି ନିବେଶ ପାଣ୍ଠି (ଉଓର) ବିତରଣ କରାଯାଇଥିଲା। ଶଙ୍କରା ଗ୍ରାମ ପଞ୍ଚାୟତର ଶ୍ରୀମତି ମନ୍ଦୋ କୁମ୍ଭାରଙ୍କୁ ସ୍ୱାସ୍ଥ୍ୟଗତ ଚିକିତ୍ସା ପାଇଁ ଟ.୧୦,୦୦୦.୦୦, ଶ୍ରୀମତି ତପସ୍ୱିନୀ ରାଜହଂସ ଓ ଶ୍ରୀମତି ସୁଭଦ୍ରା କୁମ୍ଭରଙ୍କୁ ଶିକ୍ଷା ପାଇଁ ଟ.୫,୦୦୦.୦୦ ଲେଖାଏଁ ବ୍ୟାଙ୍କ୍ ଚେକ୍ ମାଧ୍ୟମରେ ବିତରଣ କରାଯାଇଥିଲା। ଓଡିଶା ଜୀବିକା ମିଶନ ଯୋଜନା ଅଧିନରେ ଗୋପାଳନ ନିମନ୍ତେ ସିନ୍ଦୂରପୂର୍ ଗ୍ରାମ ପଞ୍ଚାୟତର ବଲାରଙ୍ଗା ଗ୍ରାମ ଶ୍ରୀମତି ପ୍ରମିଳା ମହାକୁର, ଶ୍ରୀମତି ଦମୟନ୍ତୀ ମହାକୁର ଓ ଶ୍ରୀମତି ବେଦମତି ଛନ୍ଦା ଙ୍କୁ ଟ. ୫୦,୦୦୦.୦୦ (ପଚାଶ ହଜାର) ଟଙ୍କା ଲେଖାଏଁ ବ୍ୟାଙ୍କ୍ ଚେକ୍ ମାଧ୍ୟମରେ ଜିଲ୍ଲାପାଳଙ୍କ ଦ୍ୱାରା ବିତରଣ କରାଯାଇଥିଲା। ଓଡିଶା ଜୀବିକା ମିଶନ ଯୋଜନାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍, ମହାଦେବପାଲି ଶାଖା ମାଧ୍ୟମରେ (୧) ମା ପୂର୍ଣ୍ଣମାସି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କର୍ତ୍ତଙ୍ଗ ଙ୍କୁ ଟ.୧୩,୦୦, ୦୦୦.୦୦ (ତେର) (୨) ଭଗବତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଘୋଡ଼ାଧାର ଙ୍କୁ ଟ.୧୦,୦୦,୦୦୦.୦୦ (୩) ମା ପାଠରେନ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଫବସି ଙ୍କୁ ଟ.୧୦,୦୦,୦୦୦.୦୦, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍, ବିନିକା ଶାଖାଙ୍କ ମାଧ୍ୟମରେ (୧) ମା ସମଲେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପିଟେଇପାଲି (୨) ମା ମାହେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗଜବନ୍ଧ ଓ (୩) ଗାୟତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗଜବନ୍ଧଙ୍କୁ ଟ.୧୦,୦୦, ୦୦୦.୦୦ ଲେଖାଏଁ ଓ ବରୋଦା ବ୍ୟାଙ୍କ୍ ଶାଖା, ବିନିକଙ୍କ ମାଧ୍ୟମରେ (୧) ଶ୍ରୀ ଗଣନାୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିନିକଙ୍କୁ ଟ.୫,୦୦,୦୦୦.୦୦ (୨) ମା ସମଲେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିନିକାଙ୍କୁ ଟ.୧,୫୦,୦୦୦.୦୦ ଓ(୩) ବାସେଲିଦେବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସିଲାଟି ଙ୍କୁ ଟ.୩,୦୦,୦୦୦.୦୦ ବ୍ୟାଙ୍କ୍ ଋଣ ଚେକ୍ ମାଧ୍ୟମରେ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଦ୍ୱାରା ବିତରଣ କରାଯାଇଥିଲା।ଓଡ଼ିଶା ଜୀବିକା ମିଶନ ଯୋଜନାର ସହାୟତା ଓ ଋଣ ପ୍ରଦାନ ସମୟରେ ଲିଡ୍ ବ୍ୟାଙ୍କ୍ ମ୍ୟାନେଜର, ସୁବର୍ଣ୍ଣପୁର ଉପସ୍ଥିତ ଥିଲେ।

# ପୁଣି ଲେଉଟିଲେ ହାତୀପଲ : ଆତଙ୍କିତ ଅଞ୍ଚଳବାସୀ : ବନ କର୍ମଚାରୀଙ୍କ ଅବହେଳା ପାଇଁ ବିପଦରେ ଗ୍ରାମବାସୀ

ଚମ୍ପୁଆ, ୧୯/୦୮ (ନି.ପ୍ର): ଗତ ମାସ ଚମ୍ପୁଆ ରେଞ୍ଜ ଛାଡି ମୟୁରଭଞ୍ଜର କରଞ୍ଜିଆ ରେଞ୍ଜକୁ ଚାଲି ଯାଇଥିବା ତିରିଶ ଟିକିଆ ହାତୀପଲ ଗତ ରାତିରେ ପୁଣି ଚମ୍ପୁଆ ରେଞ୍ଜକୁ ଲେଉଟି ଆସିଛନ୍ତି। ହାତୀପଲ ବୈତରଣୀ ନଦୀ ପାର ହୋଇ କେମୁଣ୍ଡିଆ ଗାଁ ମଧ ଦେଇ ଝାଲିଆ ବେଡା ଗାଁ ଜଗଂଲରେ ପ୍ରବେଶ କରିଛନ୍ତି । ହାତୀପଲରେ ୧୨ଟି ମାଇ ହାତୀ ଓ ୧୨ଟି ଦନ୍ତା ହାତୀ ଥିବା ବେଳେ ୬ ଟି ଛୁଆ ହାତୀଥିବା ଜଣାପଡିଛି। ଚମ୍ପୁଆ ରେଞ୍ଜରେ ଦୀର୍ଘଦିନଧରି ଉତ୍ପାତ କରିବା ପରେ ଗତ ଜୁଲାଇ ମାସରେ ଏହି ହାତୀ ପଲ ମୟୁରଭଞ୍ଜ ର କରଞ୍ଜିଆ ରେଞ୍ଜକୁ ଚାଲି ଯାଇଥିଲେ। ଏକମାସ ପରେ ପୁଣି ଲେଉଟି ଆସିଥିବାରୁ ହାତୀପଲକୁ ନେଇ ଆଖପାଖ ଗାଁ ଗୁଡିକରେ ଭୟର ବାତାବରଣ ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ଏହି ହାତୀ ପଲ ପୂର୍ବରୁ ଚମ୍ପୁଆ ରେଞ୍ଜର କାଟୁଳିକନା, ଝାଲିଆବେଡା, ପଦ୍ମପୁର, ଜାଲି, ପଡୁଆ, ନନ୍ଦପୁର, ଟିଆସିପଶି, ବରପଦା, ବର୍ଧନା , ଶସାଙ୍ଗ, ପତଳା, ଟୁଣଟୁଣା, ବରାବାଳିଆ ଆଦି ଗାଁ ରେ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି କରିଥିଲେ। ହାତୀ ଘର ଭାଙ୍ଗି କ୍ଷୟକ୍ଷତି କରିବା ଦ୍ୱାରା କିଛି ଲୋକ ବାରଦ୍ୱାର ଶୁଣ୍ଢୀପିଣ୍ଡା ହେଉଥିବା ମଧ ଦେଖିବାକୁ ମିଳିଛି। ତେବେ ବନ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ପାଇଁ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ରହୁଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ। ହାତୀପଲ ଗାଁ ମୁହାଁ ହେଉଥିବା ବେଳେ ବନ କର୍ମଚାରୀ ମାନେ ଗ୍ରାମବାସୀଙ୍କୁ ହାତୀ ସମ୍ପର୍କିତ ଆଗୁଆ ସୂଚନା ଦେବାକଥା, କିନ୍ତୁ ହାତୀ ଗାଁ ରେ ପଶି କ୍ଷୟକ୍ଷତି କଲେ ମଧ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ବେଳେ ଗ୍ରାମବାସୀମାନେ ବନ କର୍ମଚାରୀଙ୍କୁ ହାତୀ ସମ୍ପର୍କିତ ଖବର ଦେଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ସାଧାରଣରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହା ଉପରେ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ହେଉଛି।

# ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ, ବଲାଙ୍ଗୀରର ନୂଆଖାଇ ଭେଟଘାଟ -୨୦୨୫ ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୯/୦୮ (ନି.ପ୍ର): ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ ଭାରତୀ ନୀଡ଼, ଆଦର୍ଶ ପଡା, ବଲାଙ୍ଗୀରର ଚତୁର୍ଥ ବାର୍ଷିକ ଉତ୍ସବ ତଥା ନୂଆଖାଇ ଭେଟଘାଟ -୨୦୨୫ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱ ରେ ଆୟୋଜିତ ବୈଠକରେ ପରିଚାଳନା କମିଟିର ସମସ୍ତ ସଦସ୍ୟ ମାନଙ୍କ ଉପସ୍ଥିତିରେ ଚଳିତ ବର୍ଷ ଉତ୍ସବ ପଞ୍ଚାୟତ ସମିତି ମହାବିଦ୍ୟାଳୟ ବେଲପଡ଼ା ଠାରେ ସେପଟ୍ମ୍ବେର ମାସ ୫ ତାରିଖ ପବିତ୍ର ଗୁରୁ ଦିବସ ଦିନ ଅନୁଷ୍ଠିତ ହେବ । ଅନ୍ୟ ବର୍ଷ ପରି ଚଳିତ ବର୍ଷ ମଧ ଓଡ଼ିଶାର ବିଭିନ୍ନ ଅଂଚଳର ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ଓ ଏ ଅଞ୍ଚଳର ପ୍ରତିଭାବାନ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି କମିଟିର ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା । ପବିତ୍ର ଗୁରୁ ଦିବସର ମହତ୍ତ୍ୱକୁ ଦୃଷ୍ଟିରେ ରଖି ବେଲପଡ଼ା ଦୀନରଘୁ ମେହେର ହାଇ ସ୍କୁଲ୍ ର ଅବସରର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ସମ୍ମାନନୀୟ ତ୍ରିବିକ୍ରମ ମହାକୁଡ଼ଙ୍କୁ ଚଳିତ ବର୍ଷ ଅନୁଷ୍ଠାନର ସର୍ବଶ୍ରେଷ୍ଠ ସମ୍ମାନ-୨୦୨୫ ପ୍ରଦାନ କରାଯିବ। ଏହା ସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୦ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରା ଯିବ ବୋଲି ଅନୁଷ୍ଠାନର ସମ୍ପାଦକ ଡକ୍ଟର ନବକିଶୋର ବେହେରା ତଥା ବେଲପଡ଼ା ପ୍ରତିଷ୍ଠାତା ନାଟ୍ୟ ସମ୍ପାଦକ କାର୍ଯ୍ୟକ୍ରମ ସଂଯୋଜକ ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଉପସ୍ଥିତ ସଦସ୍ୟ ମାନଙ୍କ ମଧ୍ୟରେ ବୈଦ୍ୟ ଝସକେତନ ଗୁରୁ, ରମାକାନ୍ତ ସାହୁ, ରଘୁନନ୍ଦନ ସିଂହ, ନରେନ୍ଦ୍ର କୁମାର ବେହେରା, ଅମ୍ବରୀଶ କୁମାର ଦାଶ, ଶାନ୍ତନୁ କୁମାର ପୂଜାହାରୀ, ପ୍ରଭାତ କୁମାର ମିଶ୍ର, ମଧୁସୂଦନ ଦାଶ, ରୁକ୍ମଣ ପୋଡ଼, ଶଙ୍କର ଯୁଏଡ, ସେଠ ବୁଢ଼ା ବାହୁକ, ପ୍ରଦୀପ କୁମାର ମିଶ୍ର ଓ ଦେବେଶ ମିଶ୍ର ଉପସ୍ଥିତ ଥିଲେ।

# ଇଗ୍ନୋ ଡିଇସିଇ ପାଠ୍ୟକ୍ରମର ଓଡ଼ିଆ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୯/୦୮ (ନି.ପ୍ର): ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ବିଗତ ଜୁନ୍ ୯ ତାରିଖରେ ଉଚ୍ଚଶିକ୍ଷା ବିଭାଗ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣା ପତ୍ର ଅନୁଯାୟୀ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ସ୍ନାତକୋତ୍ତର ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ, ସ୍ନାତକ (ଭୋକେସ୍‌ନାଲ୍ ଷ୍ଟଡ଼ିଜ), ଟ୍ରାଭେଲ ଓ ଟୁରିଜିମ୍ ମ୍ୟାନେଜମେଣ୍ଟ, ବିବିଏ, ଏମବିଏ ଆଦି ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମର ପାଠ୍ୟ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି, ଯାହାକୁ ଆଜି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଉନ୍ମୋଚନ କରିଛନ୍ତି। ଆଗରୁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଦ୍ୱାରା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମକୁ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ପ୍ରଦାନ କରାଯାଉଥିଲା, ବର୍ତ୍ତମାନ ଏହାକୁ ଓଡ଼ିଆ ଭାଷାରେ ମଧ ପ୍ରଦାନ କରାଯିବ। ଇଗ୍ନୋ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମ ହେଉଛି ୧ ବର୍ଷିଆ କୋର୍ସ। ଶିକ୍ଷାର୍ଥୀମାନେ +୨ ପରେ ଏହି ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଏହି ପାଠ୍ୟକ୍ରମରେ ମୁଖ୍ୟତଃ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ଆଦି ଉପରେ ଶିକ୍ଷା ପ୍ରଦାନ କରାଯିବ। ପାଠ୍ୟପୁସ୍ତକ ସହ ଶିକ୍ଷାର୍ଥୀମାନଙ୍କୁ ଅଡ଼ିଓ କ୍ୟାସେଟ ଏବଂ ଭିଡିଓ ଟ୍ୟୁଟୋରିଆଲ ମଧ ପ୍ରଦାନ କରାଯିବ। ଉଭୟ ଥିଓରୀ ଓ ପ୍ରାକ୍ଟିକାଲ ବିଷୟବସ୍ତୁକୁ ଉକ୍ତ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହାଦ୍ୱାରା ଶିକ୍ଷାର୍ଥୀମାନେ ପାଠ୍ୟପୁସ୍ତକ ପଢିବା ସହ ଉକ୍ତ ପାଠ୍ୟକ୍ରମର ପ୍ରୟୋଗାତ୍ମକ ଦିଗ ଉପରେ ମଧ ଜ୍ଞାନ ଆହରଣ କରିପାରିବେ। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଇଗ୍ନୋ ପକ୍ଷରୁ ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶେଷ ଭାବରେ ଆମ ବାଲ୍ ବାଟିକା ଏବଂ ଅଙ୍ଗନୱାଡ଼ିରେ କାର୍ଯ୍ୟ କରୁଥିବା କର୍ମୀ ଓ ପ୍ରଶିକ୍ଷକମାନେ ନିଜକୁ ଉକ୍ତ ପାଠ୍ୟକ୍ରମରେ ପଞ୍ଜିକୃତ କରି ଉପକୃତ ହୋଇପାରିବେ। ଓଡ଼ିଆ ଭାଷାରେ ପାଠ୍ୟକ୍ରମ ପ୍ରଚଳନ ହେବା ଦ୍ୱାରା ସମସ୍ତେ ପାଠ୍ୟକ୍ରମକୁ ଅତି ସହଜ ଓ ସରଳ ପଦ୍ଧତିରେ ପଢ଼ିପାରିବେ। ତତ୍‌ସହିତ ଉକ୍ତ ପାଠ୍ୟକ୍ରମଟି ଶିଶୁ ଶିକ୍ଷା ଓ ପୋଷଣ ଦିଗରେ ରୁଚି ରଖୁଥିବା ସମସ୍ତ ବ୍ୟକ୍ତିବିଶେଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବେସରକାରୀ ପ୍ଲେ ସ୍କୁଲର କର୍ମକର୍ତ୍ତାଙ୍କ ପାଇଁ ମଧ ସହାୟକ ହେବ। ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ପ୍ରାରମ୍ଭିକ ଶିକ୍ଷା ହେଉଛି ଆମ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ। ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିପାରିଲେ ଆମ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଇଗ୍ନୋ ଦ୍ୱାରା ପ୍ରଦାନ କରାଯାଉଥିବା ଏହି ପାଠ୍ୟକ୍ରମ ନିଶ୍ଚିତ ରୂପେ ଆମ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ, କର୍ମୀ ଓ ପ୍ରଶିକ୍ଷକମାନଙ୍କର ଦକ୍ଷତା ବିକାଶ କରିପାରିବ, ଯଦ୍ୱାରା ସେମାନେ ସରଳ, ସୁଗମ ଓ ପ୍ରୟୋଗାତ୍ମକ ଶିକ୍ଷା ପଦ୍ଧତି ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷା ପ୍ରଦାନ କରିପାରିବେ। ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା, ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ଠାରୁ ନେଇ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାଦାନ ପଦ୍ଧତିକୁ ମାତୃଭାଷାରେ ପ୍ରଚଳନ କରିବା ପାଇଁ ପ୍ରୋତ୍ସାହିତ କରାଯାଇଛି। ମାତୃଭାଷାରେ ଶିକ୍ଷା ଲାଭ କଲେ ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳତାର ବିକାଶ ହୋଇପାରିବ। ତୃଣମୂଳ ସ୍ତରରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। "ସମସ୍ତଙ୍କ ପାଇଁ ଶିକ୍ଷା ଓ ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା"ର ଲକ୍ଷ୍ୟକୁ ହାସଲ କରାଯାଇପାରିବ।

# ବିଦେଶରେ ଚମକାଇ ବିନିକା ପାଇଁ ଗୌରବ ଆଣିଲେ ସୁନା ଝିଅ ଅନୁଷ୍କା

ସୁବର୍ଣ୍ଣପୁର, ୧୯/୦୮ (ନି.ପ୍ର): ବିଦେଶ ମାଟିରେ ଚମକାଇ ବିନିକା ପାଇଁ ଗୌରବ ଆଣିଲେ ଓଡିଆ ଝିଅ ଅନୁଷ୍କା କ୍ଷ ସୂଚନା ଯୋଗ୍ୟ ଯେ ସୁବର୍ଣ୍ଣପୁର ଜିଲ୍ଲା ବିନିକାର ସୁନା ଝିଅ ଅନୁଷ୍କା ଦାଶ ବିଦେଶ ମାଟିରେ କମାଲ ଦେଖାଇଛନ୍ତି । ଏହେସାସ ତାଇକଣ୍ଡୋ ଏକାଡେମୀ ଭୁବନେଶ୍ୱରରେ ରହି ତାଲିମ ନେଉଥିବା ବିନିକା ଝିଅ ଅନୁଷ୍କା ମାଲେସିଆରେ ନିଲାଇ ଇଣ୍ଡୋର ଷ୍ଟାଡିଅମରେ ଅନୁଷ୍ଠିତ ଆନ୍ତର୍ଜାତୀୟ ତାଇକଣ୍ଡୋ ଚମ୍ପିଆନସିପରେ ଭାଗନେଇ ଏହି ସଫଳତା ପାଇଛନ୍ତି । ୧୫ ଅଗଷ୍ଟ ରୁ ୧୭ ଅଗଷ୍ଟ ପର୍ଯ୍ୟନ୍ତ ମାଲେସିଆରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାରତ ସମେତ ଚାଇନା, ତାଇପେଇ, ଇଣ୍ଡୋନେସିଆ, ଥାଇଲାଣ୍ଡ, ଫିଲପାଇନ୍ସ, ଅଷ୍ଟ୍ରେଲିଆ, ସିଙ୍ଗାପୁର, କୋରିଆ, ହଙ୍ଗକଙ୍ଗ, ନେପାଲ ଏବଂ ଅନ୍ୟାନ୍ୟ ଦେଶର ଖେଳାଳୀ ଅଂଶଗ୍ରହଣ କରିଥିଲେ । ଅନୁଷ୍କାଙ୍କ ଏହି ବିଦେଶ ଗସ୍ତପାଇଁ ଏମସିଏଲ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ କୋଚ ଏହେସାସ ହୋତାଙ୍କ ସହିତ ସେ ବିଦେଶ ଗସ୍ତ କରିଛନ୍ତି । ତେବେ ସେଠାରେ ଅନୁଷ୍ଠିତ ପ୍ରତିଯୋଗିତାର ପ୍ରତ୍ୟକେ ରାଉଣ୍ଡରେ ସଫଳତା ସହ ଶେଷରେ ଫାଇନାଲରେ ସ୍ୱର୍ଣ୍ଣ ପଦକ ଜିଣିଥିବା କୋଚ ଏହେସାସ ହୋତା ସୂଚନା ଦେଇଛନ୍ତି । ଅନୁଷ୍କାଙ୍କ ଏହି ସଫଳତା ପରେ ଏମସିଏଲ କର୍ତୃପକ୍ଷ, ରାଜ୍ୟ ତାଇକଣ୍ଡୋ ସଂଘର ସଂପାଦକ ମନମୋହନ ଭଂଜ, ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡା ଅଧିକାରୀ ଚିତରଂଜନ ମିଶ୍ର ଏବଂ ବିନିକା କ୍ରୀଡା ସଂଘ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଅନୁଷ୍କାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଲଗାଣ ବର୍ଷା ଯୋଗୁଁ ପ୍ରଥମ ଦିନରେ ଫିକା ପଡିଲା ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟ ସେବା

ମାଲକାନଗିରି, ୧୯/୦୮ (ନି.ପ୍ର): ବିମାନରେ ଆସିଲେ ଡାକ୍ତର। ହେଲେ ଆସି ପାରିଲେନି ରୋଗୀ। ମାଲକାନଗିରି ଜିଲ୍ଲାରେ ଫିକା ପଡିଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା । ଲଗାଣ ବର୍ଷା ସାଙ୍ଗକୁ ପାଣିପାଗ ବିଭାଗର ରେଡ ଆଲାର୍ଟ ଯୋଗୁ ଡାକ୍ତରଖାନା ଆସିପାରିଲେନାହିଁ ରୋଗୀ । ଗତକାଲି ରାତିରୁ ବର୍ଷା ଲାଗି ରହିଛି। ଘରଦ୍ୱାରରେ ପାଣି ପଶିଯାଇଛି । ଲୋକ ନାନା ଅସୁବିଧା ଭୋଗୁଛନ୍ତି । ପୋଟେରୁ ପୋଲ ଉପରେ ବହୁଛି ପାଣି। କାଙ୍ଗୋରୁକୋଣ୍ଡା ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଛି । ସେହିପରି କନ୍ୟାଶ୍ରମ ପୋଲ ମଧ ବୁଡିଯାଇଛି। ଫଳରେ ୩୨୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ ଠପ୍ ହୋଇଯାଇଛି। ଆଜି ବି ମାଲକାନଗିରି ପ୍ରବଳ ବର୍ଷାର ହୋଇଛି। ମାଲକାନଗିରି ଜିଲ୍ଲାକୁ ରେଡ୍ ? ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆଜି ମାଲକାନଗିରି ଜିଲ୍ଲାର ସମସ୍ତ ସରକାରୀ ଅଫିସ ଓ ସ୍କୁଲ ଛୁଟି ରହିଛି। ଲଗାଣ ବର୍ଷା ଯୋଗୁ ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବାର ପ୍ରଥମ ଦିନରେ ଆଶାନୁରୂପକ ରୋଗୀ ଆସିନଥିବା ଦେଖିବାକୁ ମିଳିଛି। ବର୍ଷାରେ ଘରୁ ବାହାରିବାକୁ ସୁରକ୍ଷିତ ମଣିନାହାନ୍ତି ଲୋକେ । ବିଶେଷ କରି ପୋଟେରୁ, କାଙ୍ଗୋରୁକୋଣ୍ଡା, କନ୍ୟାଶ୍ରମ ଆଦି ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ କାଲିମେଲା-ପଡିଆ ଅଂଚଳର ରୋଗୀମାନେ ପ୍ରଥମ ଦିନରେ ବାୟୁ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମରେ ଯୋଗ ଦେଇପାରିନାହାନ୍ତି । ବିଶେଷ କରି ଅସ୍ଥିଶଲ୍ୟ, ହୃଦରୋଗ, କୀଡନି, ସ୍ନାୟୁ, ଗ୍ୟାଷ୍ଟ୍ରୋ, ଆନେସ୍ଥେସିଆ, ଏଣ୍ଡୋକ୍ରିନୋଲୋଜି ପରି ୬ଟି ବିଭାଗର ୧୨ଜଣ ବିଶେଷଜ୍ଞ ଡାକ୍ତର ବିମାନରେ ଆସିଛନ୍ତି । ୪ ଦିନ ଧରି ମାଲକାନଗିରି ଜିଲ୍ଲାରେ ରୋଗୀ ସେବା ଯୋଗାଇବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ୮ଶହରୁ ଅଧିକ ରୋଗୀ ନିଜ ନାମ ପଂଜିକରଣ କରିଛନ୍ତି। ପ୍ରଥମ ଦିନ ମାତ୍ର ୬୦ ଜଣ ରୋଗୀ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ତେବେ ଦ୍ୱିତୀୟ ଦିନରୁ ରୋଗୀଙ୍କ ସଂଖ୍ୟା ବଢ଼ିବା ନେଇ ପ୍ରତିକ୍ରୀୟା ରଖିଛନ୍ତି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ବ୍ରଜବନ୍ଧୁ ଦାଶ।

# ଲଗାଣ ବର୍ଷାରେ ଫସି ରହିଥିବା ଟ୍ରକ୍ ଡ୍ରାଇଭର ଓ ବସ୍ ଯାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ

ମାଲକାନଗିରି, ୧୯/୦୮ (ନି.ପ୍ର): ଲଗାଣ ବର୍ଷାରେ ଫସି ରହିଥିବା ଟ୍ରକ୍ ଡ୍ରାଇଭର ଓ ବସ୍ ଯାତ୍ରୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାଲିମେଲା ବିଡ଼ିଓ ପ୍ରଦୀପ କର ପୋଟେରୁ ଓ କାଙ୍ଗୁରୁକୋଣ୍ଡା ପୋଲ ଉଭୟ ପାର୍ଶ୍ୱରେ ଫସି ରହିଥିବା ଟ୍ରକ୍ ଡ୍ରାଇଭର ଓ ବସ୍ ଯାତ୍ରୀଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ବଣ୍ଟନ କରିଛନ୍ତି। ସୂଚନା ଥାଉକି, ପାଖାପାଖି ୬୦ଟି ଟ୍ରକ୍ ଓ ୭ ଗୋଟି ହାଇଦରାବାଦ ଗସ୍ତ ବସ୍ କାଲି ରାତି ୧୨ଟାରୁ ଲଗାଣ ବର୍ଷା ଯୋଗୁଁ ଅଟକି ରହିଥିଲା। ପୋଲ ର ଜଳ ସ୍ତର କମିବା ପରେ ସମସ୍ତ ଟ୍ରକ୍ ଓ ବସ୍ କୁ ଆଜି ଦିନ ୧୨ଟା ପରେ ଛଡ଼ାଯାଇଛି । ଲଗାଣ ବର୍ଷା ନିମନ୍ତେ ଜନ ସାଧାରଣଙ୍କ ସହାୟତା ନିମନ୍ତେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂର୍ବ ପ୍ରସ୍ତୁତି କରାଯାଇଥିଲା । ରେଡ୍ ଆଲର୍ଟକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ହେଡକ୍ୱାଟର ନଛାଡିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ଫିଲ୍ଡ ଅଧିକାରୀଙ୍କୁ ସଜାଗ ହୋଇ ରହିବାକୁ କୁହାଯାଇଛି । ସମସ୍ତ ପ୍ରକାର ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ ବିଡିଓ ମାନଙ୍କୁ ଗ୍ରାମପଞ୍ଚାୟତର ସମସ୍ତ କର୍ମଚାରୀଙ୍କ ସହ ଯୋଗାଯୋଗରେ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ରାଜ୍ୟସ୍ତରୀୟ ଶ୍ରାବଣୀ ଉପକର୍ମା ବେଦପାଠ ଓ ସଂକୀର୍ତ୍ତନ ମହୋତ୍ସବ

ଭୁବନେଶ୍ୱର , ୧୯/୦୮ (ନି.ପ୍ର): ବିଶ୍ୱ ସନାତନ ବୈଦିକ ଧର୍ମପରିଷଦ, ଓଡ଼ିଶା, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ ଓଡ଼ିଶା ତଥା ମା ଭୁଆଶୁଣୀ ଆଳିକ ଭାଗବତ ଟୁଙ୍ଗୀ, ସିଙ୍ଗୁଆ ମିଳିତ ଭାବେ ଭୁବନେଶ୍ୱର ଖଣ୍ଡଗିରି ମହାପୁରୁଷ ଅରକ୍ଷିତ ଦାସ ପାଦୁକା ଆଶ୍ରମଠାରେ ତା ୦୯.୦୮.୨୦୨୫ ଗହ୍ମାପୂର୍ଣ୍ଣିମା ଶନିବାର ଠାରୁ ତା ୧୬.୦୮.୨୫ରିଖ ଶନିବାର ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ବେଦପାଠ ଓ ସଂର୍କୀନ ମହୋତ୍ସବ ପାଳିତ ହୋଇଯାଇଅଛି । ବିଶେଷ କାର୍ଯ୍ୟକ୍ରମ ତା ୧୩.୦୮.୨୦୨୫ରିଖ ବୁଧବାର ରକ୍ଷାପମୀ ଓ ରେଖାପମୀ ପାଳନ ସହିତ ହରଘର ତ୍ରିରଙ୍ଗା, ରାମଧୂନ୍ ସହିତ ଖଣ୍ଡଗିରି, ଉଦୟଗିରି ପରିକ୍ରମା କାର୍ଯ୍ୟକ୍ରମ ସକାଳ ୯ ଘଟିକାରେ ପାଳନ କରାଯାଇଥିଲା । ବ୍ରହ୍ମାନନ୍ଦ ଗୌରବ ଗୁରୁକୁଳ ତପୋବନ, ବ୍ରହ୍ମଚାରିଣୀମାନଙ୍କ ଦ୍ୱାରା ବେଦପାଠ ଓ ଖୋର୍ଦ୍ଧା ଜିଲ୍ଲା ସଂକୀର୍ତ୍ତନ ମହାସଂଘର ସଂକୀର୍ତ୍ତନ କଳକାରମାନେ କଳାପରିଷେଣ କରିଥିଲେ । ତା ୧୭.୦୮.୨୦୨୫ରିଖ ଦେବସଭା ଖଣ୍ଡଗିରିଠାରେ ଗୀତାଯଜ୍ଞ ଓ ପାଦୁକାଶ୍ରମରେ ଦେବଯଜ୍ଞ କାର୍ଯ୍ୟକ୍ରମ କରାଯାଇ। ଉଦ୍‌ଯାପନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାନ୍ ବ୍ୟକ୍ତିବିଶେଷ ଯୋଗଦାନ କରିବା ସହିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଖୋର୍ଦ୍ଧା ଜିଲ୍ଲା ସଂର୍କୀନ ମହାସଂଘର ସଭାପତି ଜଗନ୍ନାଥ ବେହେରା, ପଶ୍ଚିମଓଡ଼ିଶା ସଂର୍କୀନ ପରିଷଦର ସମ୍ପାଦକ ଲୋକନାଥ ମିଶ୍ର, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ମହାସଂଘର ଉପଦେଷ୍ଟା ମହନ୍ତ ବନମାଳୀ ଦାସ, ମହାସଂଘର ଉପସଭାପତି ଦ୍ୱାରିକାନାଥ ସେନାପତି, କଟକ ଜିଲ୍ଲା ଆଠଗଡ଼ ଅଜୟ କୁମାର ଦାସ, ନିଆଳି ଶଗଡାଇଲ ଅରୀକ୍ଷିତ ସ୍ୱାଇଁ, ବାଲିକୁଦା ନାମଯଜ୍ଞ ସଂସ୍କାର ସମିତି ସମ୍ପାଦକ ବସନ୍ତ କୁମାର ନାୟକ, ପବିତ୍ର ମୋହନ ସାହୁ ଓ ସମସ୍ତ ସଂର୍କୀନ ପ୍ରେମୀ କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇଛନ୍ତି ବୋଲି ଖଣ୍ଡଗିରି କୁମ୍ଭମେଳାର ଆବାହକ, ପରିଷଦର ଅଧକ୍ଷ, ମହାସଂଘର ସଭାପତି, ବିଶିଷ୍ଟ ସମାଜସେବୀ, ନଗରବନ୍ଧୁ, ଆଧ୍ୟାତ୍ମିକ ଯୋଗଗୁରୁ ବାବା ପଦେବ ଜଣାଇବା ସହିତ ବାବା ଚନ୍ଦନ ଦାସ, ବାବା ନବ ଦାସ, ଭାସ୍କରବାବା, ଆଲୋକବାବା, ବାବୁଲିବାବା, ଅଭିବାବା, କୃଷ୍ଣ ମହାରାଜ, ମହନ୍ତ ବିଷ୍ଣୁଗିରି ପ୍ରଭୃତି ସାଧୁସନ୍ଥମାନେ ଜଣାଇଛନ୍ତି ।

# ଦୁର୍ଗତିନାଶିନୀ ପୂଜା କମିଟିର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୧୯/୦୮ (ନି.ପ୍ର): କେନ୍ଦୁଝର ସହର ସ୍ଥିତ ସ୍ଥାନୀୟ ମଣ୍ଡୁଆ ଏଲଆଇସି ଅଫିସ ସମ୍ମୁଖରେ ଗତ ବର୍ଷ ନୂତନ ଭାବେ ଦୁର୍ଗତିନାସିନୀ ପୂଜା କମିଟି ପକ୍ଷରୁ ମହା ଆଡମ୍ବରରେ ଦୁର୍ଗାପୂଜା ଅୟୋଜନ କରାଯାଇଥିଲା। ଚଳିତ ବର୍ଷ ମଧ ଦ୍ୱିତୀୟ ବାର୍ଷିକୀ ମା ଦୁର୍ଗାଙ୍କ ପୂଜା ବେଶ ଯାକଜମକରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ସଭାପତି ଅମରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସୁଉଚ୍ଚ ତୋରଣ ସହ ଲାଇଟ୍ ସାଜସଜ୍ଜା, ବିଶେଷ କରି ପ୍ରସାଦ ସେବନ ବ୍ୟବସ୍ଥାକୁ ଆହୁରି ସୁନ୍ଦର କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ସେପଟ୍ମ୍ବେର ୧୬ ରୁ ମୂର୍ତ୍ତି ନିର୍ମାଣ ହେବା ପାଇଁ ସ୍ଥିର ହୋଇଥିବା ବେଳେ ଜରିମେଢ଼ ବେଶ ଆକର୍ଷଣୀୟ ହେବ ବୋଲି ଆଲୋଚନା ହେଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦୀପକ ମହାନ୍ତି, କୋଷାଧ୍ୟକ୍ଷ ଦେବାଶିଷ ଜିତ, ଉପ ସଭାପତି ସତ୍ୟବ୍ରତ ବଳ, ଦୀନବନ୍ଧୁ ବେହେରା, ବରିଷ୍ଠ ସଦସ୍ୟ ସୁନିଲ ନାଏକ, ହରିୟା ନାଏକ, ସୁଧାଂଶୁ ମହକୁଲ, ପ୍ରଫୁଲ୍ଲ ମହାନ୍ତି, ରାଜେଶ ସାହୁ, ଶୁଭ ସଙ୍କେତ ପାଢ଼ୀ, ଜିତେନ୍ଦ୍ର ଶତପଥୀ, ମନୋଜ ବେହେରା, ଅଜୟ ନାଏକ, ସୁଶାନ୍ତ ମହାନ୍ତି, ପ୍ରଶାନ୍ତ ମହାନ୍ତି, ସନ୍ତୋଷ ମହାପାତ୍ରଙ୍କ ସହ ବହୁ ସଦସ୍ୟ ଯୋଗଦେଇଥିଲେ।

# ମା' ଦ୍ୱାରଶୁଣୀ ଠାକୁରାଣୀ ନୂତନ ସ୍ଥାନରେ କଲେ ବିରାଜମାନ

ଚମ୍ପୁଆ, ୧୯/୦୮ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଚମକପୁର ଦଣ୍ଡପାଟର ଚମକପୁର ଗ୍ରାମରେ ରହିଥିବା ମା' ଦ୍ୱାରଶୁଣୀ ଠାକୁରାଣୀ ତଥା ତାଙ୍କର ପାର୍ଶ୍ୱ ଦେବାଦେବୀଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପୂର୍ବକ ରଥରେ ବସାଇ ନିକଟସ୍ଥ ବାସୁଦେବପୁର ଗ୍ରାମଠାରେ ନବନିର୍ମିତ ମନ୍ଦିରରେ ସ୍ଥାପନ କରାଯାଇଛି । ଗତ ଶୁକ୍ରବାର ଦିନ ନୂତନ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଶନିବାର ଦିନ ଘଂଟ, ଶଙ୍ଖ, ହୁଳହୁଳି, ବାଦ୍ୟଯନ୍ତ୍ର ସହ ଶ୍ରଦ୍ଧାଳୁମାନଙ୍କ ମେଳରେ ପୁରୁଣା ଗ୍ରାମରୁ ଠାକୁରାଣୀ ମାଆ ଏବଂ ତାଙ୍କର ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ନୂତନ ସ୍ଥାନକୁ ଅଣାଯାଇଥିଲା । ଏହି ଅବସରରେ ଦଣ୍ଡପାଟର ୧୩୨ ମୌଜାର ପ୍ରାୟ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହିଥିବା ବେଳେ ସେମାନଙ୍କ ପାଇଁ କମିଟି ଜରିଆରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଭାସ୍କର ଦେହୁରୀ, ମାର୍କଣ୍ଡ ନନା, ଦେବାଶିଷ ପଣ୍ଡା ପ୍ରମୁଖ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିବା ବେଳେ ପ୍ରକଳ୍ପ ଅଧିକାରୀ, ବଡ଼ବିଲ ତହସିଲଦାର ଓ ଅତିରିକ୍ତ ତହସିଲଦାର, ଚମ୍ପୁଆ ତହସିଲଦାର, ଚମ୍ପୁଆ ଥାନାଧିକାରୀ, ରିମୁଳି ଫାଣ୍ଡି ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଦେବାଦେବୀଙ୍କ ଥଇଥାନ ନିମନ୍ତେ ସମସ୍ତ ସୁବିଧା କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଏକ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା । ଏହି ଅବସରରେ ସଭାପତି ଲାଲ ବାହାଦୁର ନାଏକ, ସମ୍ପାଦକ ଡିଲେଶ୍ୱର ଦାସ, ଅକ୍ଷୟ ନାଏକ, ଦୁଃଶାସନ ନାଏକ, ଅର୍ଜୁନ ବେହେରା, ପୁରୁଷୋତମ ନାଏକ, ପ୍ରମୋଦ ଦାସ, ହରଜିତ୍ ଦାସ, ସରୋଜ ବାରିକ, ଅମର ନାଏକଙ୍କ ସହିତ ଅନ୍ୟ ସଦସ୍ୟ ତଥା ଗ୍ରାମବାସୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଲାଲକିଲ୍ଲାରୁ ବିକଶିତ ଭାରତର ରୋଡ଼ମ୍ୟାପ



## ଗୋପାଳ ମହାପାତ୍ର

ଏଥର ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ସମ୍ବୋଧନର ଅନେକ ଅର୍ଥ ରହିଛି । ଏପରିକି ପୂର୍ବ ବର୍ଷ ମାନଙ୍କରେ ଦେଇଥିବା ସମ୍ବୋଧନ ଅପେକ୍ଷା ଏହା ଭିନ୍ନ ଥିଲା । ପ୍ରଥମତଃ ପ୍ରଧାନମନ୍ତ୍ରୀ ଏଥର ୧୦୩ମିନିଟ୍‌ର ଏକ ଲମ୍ବା ଭାଷଣ ଦେଇଥିଲେ । ତାଙ୍କ ଭାଷଣରେ ଉଦ୍‌ବୋଧନ ଏବଂ ପ୍ରଖରତା ଥିଲା । ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ୱଷ୍ଟତା ଥିଲା । ଘୋଷଣାରେ ସୂଚନା ନଥିଲେ ମଧ୍ୟ ଏକ ସ୍ୱଷ୍ଟ ଦୂରଦର୍ଶିତା, ଠୋସ୍ ଚେତାବନୀ ଏବଂ ବ୍ୟବହାରିକ ରୋଡ଼ମ୍ୟାପର ଝଲକ ଥିଲା । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ । ତାଙ୍କ ଭାଷଣରେ ଆତ୍ମନିର୍ଭରତା, ସୁରକ୍ଷା ଏବଂ ଏକତାର କଥା ଥିଲା । ୨୦୪୭ ର ବ୍ଲୁ ପ୍ରିଣ୍ଟ କଥା କହିବା ସହ ଆସନ୍ତା ୨୨ବର୍ଷ ମଧ୍ୟରେ ଭାରତର ଅର୍ଥବ୍ୟବସ୍ଥା ୧୦ଟ୍ରିଲିୟନ ଡ଼ଲାରରେ ପହଞ୍ଚିବ ବୋଲି କହିଲେ । ପାକିସ୍ତାନକୁ ମଧ୍ୟ ଲାଲକିଲ୍ଲାରୁ ସ୍ୱଷ୍ଟ ଚେତାବନୀ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଏହି ଭାଷଣ ପୂର୍ବର ଭାଷଣ ଠାରୁ ଭିନ୍ନ ବୋଲି କହିବାର ଅର୍ଥ ହେଉଛି ପୂର୍ବରୁ ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୫ରେ ଯେଉଁ ଭାଷଣ ଦେଉଥିଲେ ବା ଯେଉଁ ଯୋଜନା କଥା କହୁଥିଲେ ସେଇ ଯୋଜନାକୁ ୫ ରୁ ୧୦ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବା କଥା କହୁଥିଲେ । କିନ୍ତୁ ଏଥର ତାଙ୍କ ଯୋଜନା କାର୍ଯ୍ୟକାରୀ କରିବାର ଅବଧି ଆସନ୍ତା ଦୀପାବଳୀ ଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶବାସୀଙ୍କୁ ଆଗାମୀ ଦୀପାବଳୀରେ ଡ଼ବଲ ଖୁସି ମିଳିବ । ଯୁବବର୍ଗଙ୍କ ପାଇଁ ବିକଶିତ ଭାରତର ନୂଆ ରୋଜଗାର ସୃଜନ ମଧ୍ୟ ତୁରନ୍ତ ଲାଗୁ କରାଯିବ ବୋଲି କହିଥିଲେ । ଏକଥା ସତ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୈଳୀ ମନମୋହକ, ଆକର୍ଷକ ଏବଂ ଏଥର ଭାଷଣରେ ସେ 'ଦେଶ' ଶବ୍ଦକୁ ୨୦୫ଥର ବ୍ୟବହାର କରିଥିଲେ, ଆତ୍ମନିର୍ଭର ଶବ୍ଦକୁ ୨୨ଥର ଏବଂ କୃଷକ ଶବ୍ଦକୁ ୨୭ଥର ଉଚ୍ଚାରଣ କରିଥିଲେ । ରାଷ୍ଟ୍ରବାଦ ଏବଂ ସ୍ୱାବଲମ୍ବନ ତାଙ୍କ ଭାଷଣର ଦୁଇଟି ସ୍ଥାୟୀ ମୂଲ୍ୟ ଥିଲା । ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୁର ପରେ ଦେଶବାସୀଙ୍କୁ ସମ୍ବୋଧନ କଲାବେଳେ ଯେପରି ଭାବରେ ପ୍ରତିରକ୍ଷା ଏବଂ ରାଷ୍ଟ୍ରୀୟ ସୁରକ୍ଷାର ପ୍ରସଙ୍ଗ ଉଠାଇଥିଲେ ତାହା ତାଙ୍କ ଭାଷଣର ସବୁଠାରୁ ଅଧିକ ଭାବନାତ୍ମକ ଏବଂ ଶକ୍ତିଶାଳୀ ଅଂଶ ଥିଲା । ମୋଦୀ ଭାରତର ଆଗାମୀ ପିଢ଼ୀଙ୍କ ସୁରକ୍ଷା ପାଇଁ ସ୍ୱଦେଶୀ ସୁରକ୍ଷା ପ୍ରଣାଳୀ "ସୁଦର୍ଶନ ଚକ୍ର ମିଶନ"ର ଘୋଷଣା କରିଥିଲେ । ଏହାକୁ ଇସ୍ରାଏଲର "ଆଇରନ ଡ଼ୋମ"ର ଭାରତୀୟ ସଂସ୍କରଣ ବୋଲି କୁହାଯାଉଛି । ଏତଦ୍ ବ୍ୟତୀତ ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୁରର ଉଲ୍ଲେଖ କରି ସୈନିକଙ୍କ ଧୈର୍ଯ୍ୟକୁ ସଲାମ କରିଥିଲେ ଏବଂ ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇ ଆତଙ୍କବାଦ ଏବଂ ହିଂସାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ସିନ୍ଧୁ ଜଳ ବୁଝାମଣା ପ୍ରସଙ୍ଗରେ ସେ କହିଥିଲେ ଯେ "ରକ୍ତ ଏବଂ ପାଣି ଏକ ସଙ୍ଗରେ କହିପାରିବନାହିଁ" । ପ୍ରଧାନମନ୍ତ୍ରୀ ଆଭ୍ୟନ୍ତରୀଣ ସୁରକ୍ଷାକୁ ମଧ୍ୟ ଜୋର ଦେଇଥିଲେ । ତାଙ୍କ ଭାଷଣରେ "ହାଇ ପାୱାର ଡ଼େମୋଗ୍ରାଫି ମିଶନ୍"ର ଘୋଷଣା କରିଥିଲେ । ଏହା ଅବୈଧ ପ୍ରବାସିଙ୍କ ଉପରେ ନିୟନ୍ତ୍ରଣ ଏବଂ ସଂଶାଧନକୁ ଭାରତୀୟଙ୍କ ପାଇଁ ସଂରକ୍ଷିତ କରିପାରିବ । ତାଙ୍କର ଏହି ବୟାନ ପୂର୍ବୋଦୟ ରାଜ୍ୟ ଏବଂ ପଶ୍ଚିମବଙ୍ଗଳାର ଅବୈଧ ଅନୁପ୍ରବେଶକାରୀଙ୍କ ଉଦ୍ଦେଶ୍ୟରେ ଥିଲା । ଅନୁପ୍ରବେଶକାରୀ ଯୋଗୁଁ ସୀମାବର୍ତ୍ତୀ ରାଜ୍ୟରେ ଜନସଂଖ୍ୟା ଅସନ୍ତୁଳନକୁ ନେଇ ମୋଦୀ ଚିନ୍ତା ପ୍ରକଟ କରିବା ସହ ବିହାରର ଭୋଟର ତାଲିକା ସଂଶୋଧନ ମଧ୍ୟ ତାଙ୍କ ଭାଷଣରେ ସ୍ଥାନ ପାଇଥିଲା ।

ଭାଷଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ବିଧାନର ଗୁରୁତ୍ୱ କଥା କହିବା ସହ ଐତିହାସିକ ବ୍ୟକ୍ତିତ୍ୱ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ତାଙ୍କ ଭାଷଣରେ ଗାନ୍ଧୀ, ନେହେରୁ, ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ ଏବଂ ନେତାଜୀଙ୍କୁ ସ୍ଥାନ ମିଳିଥିଲା । କିନ୍ତୁ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ବ୍ୟାପକ ଚର୍ଚ୍ଚା କରିବା ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବାବଦରେ ସାରଗର୍ଭକ ଭାଷଣ ଦେଇଥିଲେ । ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ ଆମ ମହାପୁରୁଷମାନଙ୍କର ଯୋଗଦାନ କେବଳ ଦେଶର ସ୍ୱାଧିନତା ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା ବରଂ ରାଷ୍ଟ୍ରୀୟ ଏକତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା । ତାଙ୍କ ଭାଷଣରେ ଅନେକ ଭାବନାତ୍ମକ ପ୍ରସଙ୍ଗ ଥିଲା ଓ ଭାରତର ଭାଷାଜନିତ ବିବିଧତା ଏବଂ ସାଂସ୍କୃତିକ ସ୍ଥଳର ପ୍ରସଙ୍ଗ ମଧ୍ୟ ଥିଲା । ବିଦ୍ୟୁତ୍, ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ସ୍ୱଦେଶୀ ପ୍ରୟାସ କଥା ଉଲ୍ଲେଖ ତାଙ୍କ ଭାରତକୁ ବିଶ୍ୱ ମାନଚିତ୍ରରେ ଟେକ୍‌ନିକ୍ ଏବଂ ବୈଜ୍ଞାନିକ କ୍ଷେତ୍ରରେ ଏକ ଅଗ୍ରଣୀ ଦେଶଭାବେ ସ୍ଥାପିତ କରିବା ପାଇଁ ସେ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ । ବିଶ୍ୱସ୍ତରରେ ଭାରତର ଉପଲବ୍ଧିକୁ ରେଖାଙ୍କିତ କରି ଭାରତ ନିଜର ସ୍ୱାର୍ଥରକ୍ଷା କରିବା ସହ ବିଶ୍ୱର ହିତ ସାଧନ କରିବ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ସ୍ୱଷ୍ଟ କରିଦେଇଥିଲେ ଯେ ଭାରତ ବିଶ୍ୱସ୍ତରରେ ନେତୃତ୍ୱର ଦାୟିତ୍ୱ ନେବା ପାଇଁ ମଧ୍ୟ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ୱାବଲମ୍ବନ ପାଇଁ ଅଧିକ ପୁଞ୍ଜିନିବେଶ, ଜିଏସ୍‌ଟି ବ୍ୟବସ୍ଥାକୁ ସୁଧାରିବା ଦିଗରେ ରାଜ୍ୟମାନଙ୍କର ସହମତି ଏବଂ ରୋଜଗାର ସୃଜନ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଯୋଗାଡ଼ କରିବାର କଥା ମଧ୍ୟଥିଲା ।

ମୋଟାମୋଟି ଭାବେ ଦେଶରେ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ଯେଉଁ ଭାଷଣ ଦେଇଥିଲେ ସେଥିରେ ବିକଶିତ ଭାରତ ପାଇଁ ଏକ ସ୍ୱଷ୍ଟ ରୋଡ଼ମ୍ୟାପ ଥିଲା । ଏହାକୁ ଆଗାମୀ ଦିନରେ କେତେକ ରାଜ୍ୟରେ ହେବାକୁଥିବା ନିର୍ବାଚନ ପାଇଁ ଏକ ଆକର୍ଷକ ଦସ୍ତାବିଦ୍ ଥିଲା ବୋଲି ଅନେକ କହିପାରନ୍ତି ଓ ଯୁକ୍ତି ଦର୍ଶାଇ ପାରନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ଯେପରିଭାବେ ତାଙ୍କ ଭାଷଣରେ ମଧ୍ୟମବର୍ଗ ଏବଂ ଯୁବବର୍ଗଙ୍କ ପ୍ରସଙ୍ଗକୁ ରେଖାଙ୍କିତ କରିଥିଲେ, ରାଷ୍ଟ୍ରୀୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ତାକୁ ଦେଖିଲେ କୁହାଯାଇପାରେ ଯେ ତାଙ୍କ ଭାଷଣ ଭାବନାତ୍ମକ ରାଷ୍ଟ୍ରବାଦ ଏବଂ ଭାରତର ଭବିଷ୍ୟତର ଏକ ମିଶ୍ରଣ ଥିଲା ।

ରାମଚନ୍ଦ୍ରପୁର, ରଣପୁର
ମୋ.-୯୪୩୮୪୮୫୦୯୪

# ମାଲକାନଗିରିର ଗାନ୍ଧୀ : ଲକ୍ଷ୍ମଣ ନାଏକ

## ଦଶରଥ ହେମ୍ବ୍ରମ୍



୧୮୦୩ରେ ଇଂରେଜମାନେ ଉତ୍କଳ ପ୍ରଦେଶକୁ ଦଖଲ କଲେ । ଅନ୍ୟ ପ୍ରଦେଶ ଭଳି ଏଠି ମଧ୍ୟ ପାରମ୍ପରିକ ଆଇନ-କାନୁନକୁ ଉଚ୍ଛେଦ କରି ବ୍ରିଟିଶ ଆଇନ ଲାଗୁ କରାଗଲା । ଏହାଦ୍ୱାରା ଉତ୍କଳବାସୀଙ୍କ ଉପରେ ଅକଥନୀୟ ଅନ୍ୟାୟ, ଅତ୍ୟାଚାର, ଅନୀତି, ଦୁର୍ନୀତି ଓ ଶୋଷଣ ଆରମ୍ଭ କରାଗଲା । ଯେଉଁମାନେ ଏହାର ପ୍ରତିବାଦ କଲେ ସେମାନଙ୍କ ଉପରେ ମିଥ୍ୟା ମୋକଦ୍ଦମା ରୁଜୁ କରି ଦୋଷୀ ସାବ୍ୟସ୍ତ କରାଗଲା ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେଲେ । ବଳପୂର୍ବକ ସେମାନଙ୍କ ଧନ, ସମ୍ପତ୍ତିକୁ ହଡ଼ପ କରାଗଲା । ଏହିଭଳି ଅନ୍ୟାୟ ଶାସନ ବିରୋଧରେ ଉତ୍କଳୀୟ ବୀରପୁତ୍ରମାନେ ଇଂରେଜ ବିରୋଧରେ ବିଦ୍ରୋହ ପାଇଁ ଡାକରା ଦେଲେ । ଅନେକ ସମୟରେ ବିଦ୍ରୋହ ହେଲା, ବିଦ୍ରୋହରେ ଅନେକ ଉତ୍କଳୀୟ ବୀରପୁତ୍ରମାନେ ସହିଦ ମଧ୍ୟ ହେଲେ । ସେମାନଙ୍କ ମଧ୍ୟରୁ ଆଦିବାସୀ ବୀର ଶହୀଦ ଲକ୍ଷ୍ମଣ ନାଏକ ଅନ୍ୟତମ । ସେ ଜଣେ ଆଦିବାସୀ ନେତା ଥିଲେ, ଯିଏକି ବ୍ରିଟିଶ ଶାସନର ଅନ୍ୟାୟ ଓ ଶୋଷଣ ବିରୋଧରେ ସଂଗ୍ରାମ କରି ନିଜ ଜୀବନକୁ ବଳିଦାନ ଦେଇଥିଲେ । ତାଙ୍କର ପ୍ରତିଟି ରକ୍ତ ବିନ୍ଦୁରେ ଦେଶପ୍ରେମ ଓ ବୀରତ୍ୱର କାହାଣୀ ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲେଖା ହୋଇଛି, ଯାହା ଏହି ବିଷୟରେ ଆଲୋକପାତ କଲେ ତାଙ୍କୁ 'ଆଦିବାସୀମାନଙ୍କ ମଉଡ଼ମଣି' ବୋଲି ଅଭିହିତ କରାଯାଇପାରେ । ମହାତ୍ମା ଗାନ୍ଧୀଙ୍କ ପ୍ରେରଣା ଓ ଦିଗ୍‌ଦର୍ଶନରେ ଦେଶ ପାଇଁ ଶହୀଦ ହେବା ପୂର୍ବରୁ ନିଶ୍ଚୟ ଏ ଦେଶ ସ୍ୱାଧୀନତା ଆସିବ ବୋଲି ସେ ଦୃଢ଼ ଆଶା କରିଥିଲେ, ତାହା ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସଂପୂର୍ଣ୍ଣ ହୋଇଥିଲା । ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅନୁସରଣ, ସ୍ୱେଚ୍ଛା ଦେଶଭକ୍ତ, ଗାନ୍ଧୀଙ୍କର ଆଜ୍ଞାଧୀନ ଛାତ୍ର, ବିଶ୍ୱସ୍ତ ଭାରତଛାଡ଼ ଆନ୍ଦୋଳନର ଜଣେ ନିଷ୍ଠାପର ସହଯୋଗୀ ହୋଇଥିବାରୁ ଓଡ଼ିଶା ରାଜ୍ୟର 'ମାଲକାନଗିରି-କୋରାପୁଟର ଗାନ୍ଧୀ' ନାମରେ ପରିଚିତ । କୋରାପୁଟ ରାଜା ତୃତୀୟ ବିକ୍ରମଦେବ ମୁସ୍ତାଦାର ବା ନାୟକ ପଦରେ ଲକ୍ଷ୍ମଣଙ୍କ ପିତା ପଦ୍ମଲ ନାଏକଙ୍କୁ ନିଯୁକ୍ତ ଦିଆଯାଇଥିଲା, କିନ୍ତୁ ସେ ବ୍ରିଟିଶ ସରକାରଙ୍କ ଅଧୀନରେ ରହି କାର୍ଯ୍ୟ ନିର୍ବାହ କରୁଥିଲେ । ତେନ୍ତୁଲିଗୁମା, ସାନଗୁମ୍ମା, ବେଜୁଣୀଗୁଡ଼ା, ଲେକିଗୁଡ଼ା, ଅଁଳାଗୁଡ଼ା ଆଦି ଅଞ୍ଚଳରୁ ଖଜଣା ଆଦାୟ କରିବା ତାଙ୍କର ଦାୟିତ୍ୱ ଥିଲା । ସେହି ସମୟରେ ଆଦିବାସୀମାନଙ୍କ ଉପରେ ରାଜସ୍ୱ ଅଧିକାରୀ, ଜଙ୍ଗଲ ପ୍ରହରୀ ଓ ପୋଲିସ କର୍ମଚାରୀମାନଙ୍କ ଦ୍ୱାରା ଅତ୍ୟାଚାର ଓ ଶୋଷଣ ଅତ୍ୟଧିକ ଚାଲିଥିଲା । ଏହିସବୁ ଅନ୍ୟାୟ ଦେଖି ଲକ୍ଷ୍ମଣ ନାଏକଙ୍କ ମନରେ ବିଦ୍ରୋହର ଅଗ୍ନି ବର୍ଷଣ ହେବାରେ ଲାଗିଲା । ପଛଘୁଞ୍ଚା ନଦେଇ ସାହସିକତାର ପରିଚୟ ଦେଇ ସେ ଆଦିବାସୀଙ୍କ ଦେବଦୂତ ସାଜିଲେ ଏବଂ ଜଣେ ସୁଦକ୍ଷ ନେତା ଭାବରେ ଉଭା ହେଲେ । ବ୍ରିଟିଶ ଅଧିକାରୀମାନଙ୍କ ଦ୍ୱାରା ହେଉଥିବା ଶୋଷଣ ଓ ଶାସନର ଅତ୍ୟାଚାର ବିରୋଧରେ ସ୍ଥାନୀୟ ଲୋକମାନଙ୍କୁ ଏକାଠି କଲେ । ତାଙ୍କର ଏହି ପ୍ରୟାସ ଜାରି ରଖି ଅପୂର୍ବ ସଫଳତା ପ୍ରାପ୍ତ ହୋଇ ଜଣେ ଶକ୍ତିଶାଳୀ ଆଦିବାସୀ ନେତା ଭାବେ ଭାରତରେ ସୁନାମ ଆଣିଲେ । ଏହା ପରେ ସେ ଭାରତୀୟ ଜାତୀୟ କଂଗ୍ରେସ ଦଳରେ ସାମିଲ ହେଲେ ଏବଂ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଅସହଯୋଗ ନୀତିକୁ ଆପଣାଇ ନେଲେ ।

ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ୧୯୧୫ରେ ଭାରତ ଫେରିଆସି ୧୯୧୭ରେ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ । ୧୯୨୦ରେ ଅସହଯୋଗ ଆନ୍ଦୋଳନର ଡାକରା ଦେଲେ । ଏହାପରେ ଲବଣ ସତ୍ୟାଗ୍ରହ, 'କୁଟି ଖାଅ କାଟି ପିନ୍ଧ'ର ସ୍ଲୋଗାନ୍‌ରେ ଶହଶହ ସ୍ୱାଧୀନତା ପ୍ରେମୀ ଗାନ୍ଧିଜୀଙ୍କ ସହ ଯୋଡ଼ି ହେଇଥିଲେ । ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଲକ୍ଷ୍ମଣ ନାଏକ ସ୍ୱାଧୀନତା ଆନ୍ଦୋଳନରେ ଲମ୍ଫ ପ୍ରଦାନ କରି ଗାଁକୁ ଗାଁ ବୁଲି ଲୋକଙ୍କୁ ନିର୍ଭୀକ ହେବା ସହ ସରକାରଙ୍କୁ ବେନିୟମ ଖଜଣା ନ ଦେବା, ଅହିଂସା ମାର୍ଗରେ ପରିଚାଳିତ ହେବା, ମଦ୍ୟ/ହାଣ୍ଡିଆ ତ୍ୟାଗ କରିବା, ବଳିପ୍ରଥାକୁ ଉଚ୍ଛେଦ କରିବା, ଅନ୍ଧବିଶ୍ୱାସ-କୁସଂସ୍କାର ପରି ମହାମାରୀଠୁ ଦୂରେଇ ରହିବା ସହ ଏକ ଶୃଙ୍ଖଳିତ ଜୀବନ ଧାରଣ ନିମନ୍ତେ ବାର୍ତ୍ତା ପ୍ରଚାର କଲେ । ନିରକ୍ଷର ଆଦିବାସୀଙ୍କୁ ସାକ୍ଷର କରିବା ପାଇଁ କୋରାପୁଟର ଉଦୟଗିରିଠାରେ ଏକ ସ୍କୁଲ ମଧ୍ୟ ଖୋଲିଲେ । ଏହିପରି ମହତ କାର୍ଯ୍ୟ ଦ୍ୱାରା ସାମାଜିକ ସଂସ୍କାରରେ ବଡ଼ ପରିବର୍ତ୍ତନ ଆଣିବାରେ ସେ ସଫଳ ହୋଇଥିଲେ । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ବମ୍ବେ ଅଧିବେଶନରେ ଭାରତ ଛାଡ଼ ପ୍ରସ୍ତାବ ପାସ୍ ହେଲା । ପରେ ବ୍ରିଟିଶ ସରକାର ଏହାକୁ ବେଆଇନ ଘୋଷଣା କଲେବି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସମଗ୍ର ଭାରତ ବର୍ଷରେ 'ଭାରତ ଛାଡ଼ ଆନ୍ଦୋଳନ' ଚାଲିଲା । କୁହାଯାଏ, ଏହା ଥିଲା ସ୍ୱାଧୀନତା ଆନ୍ଦୋଳନର ଅନ୍ତିମ ପର୍ବ ବୋଲି । କିନ୍ତୁ ଏହି ସମୟରେ ଭାରତରେ ଥିବା ଆଦିବାସୀ ସଂଗ୍ରାମୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବିଦ୍ରୋହ କରିବାକୁ ଆଗେଇ ଆସିଥିଲେ । ତାହାର ଉଦାହରଣ ହେଲା, କୋରାପୁଟ ଜିଲ୍ଲାର ଗୁଣୁପୁର, ରାୟଗଡ଼ାରେ 'ଗୁମ୍ମା ଗରବା ମେଳି' । ସେହିପରି ପାରଳାଖେମୁଣ୍ଡି ଅଞ୍ଚଳର ମୁଠାଦାରମାନେ ସରକାରଙ୍କ ବିରୁଦ୍ଧରେ ମହାମେଳି, କୋରପୁଟକୁ ଲାଗିଥିବା ମଧ୍ୟପ୍ରଦେଶ (ଅଧୁନା ଛତିଶଗଡ଼)ରେ 'ବସ୍ତର ମେଳି', ଆନ୍ଧ୍ରପ୍ରଦେଶରେ ଆଲୁରୀ ସୀତାରାମ ରାଜୁଙ୍କ ନେତୃତ୍ୱରେ 'ରମ୍ପା ମେଳି' ଅନ୍ୟତମ ମୁଖ୍ୟ ବିଦ୍ରୋହ/ମେଳି । କିନ୍ତୁ ଏହି ସମୟରେ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ସମ୍ବାଦ ପାଇବା ପରେ ଲକ୍ଷ୍ମଣ ନାଏକ ବଲରାମ ପୁଜାରୀଙ୍କ ଦ୍ୱାରା ଜୟପୁରରୁ ଆସିଥିବା ନିର୍ଦ୍ଦେଶଗୁଡ଼ିକୁ ଆଦିବାସୀ ଭାଷାରେ ଅନୁବାଦ କରି ଲୋକମାନଙ୍କୁ ସତ୍ୟାଗ୍ରହ ଓ ସ୍ୱାଧୀନତା ନିମନ୍ତେ ଅହିଂସା ଲଢ଼େଇର ବାର୍ତ୍ତା ପ୍ରଚାର କରାଇଲେ । ତେଣୁ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଗାନ୍ଧୀଙ୍କ ଆହ୍ୱାନକ୍ରମେ ମାଥିଲି ଥାନା ସମ୍ମୁଖରେ ଲୋକମାନଙ୍କୁ ନେଇ ବ୍ରିଟିଶ ଶାସନ ବିରୋଧରେ ଏକ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନର ନେତୃତ୍ୱ ଲକ୍ଷ୍ମଣ ନେଇଥିଲେ । ସତ୍ୟ ଓ ଅହିଂସାପୂର୍ଣ୍ଣ ଭାବରେ ଥାନା ଉପରେ ତ୍ରିରଙ୍ଗା ପତାକା ଉଡ଼ାଇବା ମୁଖ୍ୟ ଲକ୍ଷ୍ୟ ଥିଲା । କିନ୍ତୁ ବ୍ରିଟିଶ ପୋଲିସମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ଲାଠିମାଡ଼ ସହ ଲକ୍ଷ୍ମଣ ନାୟକଙ୍କୁ ବନ୍ଧୁକରେ ନିସ୍ଥୁକ ମାଡ଼ ମାରିଲେ ଏବଂ ତାଙ୍କର ବୀରକେଶକୁ ଓପାଡ଼ି ନିଆଁ ଲଗାଇ ଦେଇଥିଲେ । ଲକ୍ଷ୍ମଣ ନାଏକ ବେହୋସ ହୋଇ ପଡ଼ିଲା ପରେ ବ୍ରିଟିଶ ପୋଲିସମାନେ ଜନ ସାଧାରଣଙ୍କ ଉପରେ ଗୁଳିଚାଳନା କରି ଥାନା ପରିସର ମଧ୍ୟରେ ୪୦ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । ସେହିଦିନ ଗୁଳିକାଣ୍ଡରେ ମାତାଲ ଅବସ୍ଥାରେ ଥିବା ଫରେଷ୍ଟଗାର୍ଡ ଜି. ରାମୟାର ମୃତ୍ୟୁ ହେଇଥିଲା । ଏହିସବୁର ମୂଳ କାରଣ ଲକ୍ଷ୍ମଣ ନାଏକଙ୍କ ଦ୍ୱାରା ହିଁ ହୋଇଛି ଦର୍ଶାଯାଇ, ତାଙ୍କ ବିରୋଧରେ ଏକ ମିଥ୍ୟା ହତ୍ୟା ମାମଲା ଥାନାରେ ଦାୟର କରାଗଲା । ବିଚାର ବିଭାଗ ଲକ୍ଷ୍ମଣଙ୍କୁ ଦୋଷୀ ସାବ୍ୟସ୍ତ କରି ୧୯୪୨ ମସିହା ନଭେମ୍ବର ୧୩ ତାରିଖରେ ତାଙ୍କର ମୃତ୍ୟୁଦଣ୍ଡ ଘୋଷଣା କଲା ଓ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲରେ ତାଙ୍କୁ ଫାଶୀ ଦିଆଗଲା । ଲକ୍ଷ୍ମଣ ନାଏକଙ୍କ ବୀରତ୍ୱ, ତ୍ୟାଗ ଓ ବଳିଦାନ ଭାରତ ତଥା ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କର ଅଦମ୍ୟ ସାହସ ଓ ଆତ୍ମତ୍ୟାଗ ଅନ୍ୟମାନଙ୍କୁ ଶିଖାଇ ଦିଏ ଯେ, ସ୍ୱାଧୀନତା ଏକ ରାଜନୈତିକ ମୁକ୍ତି ନୁହେଁ, ବରଂ ସତ୍ୟ ଓ ନ୍ୟାୟ ପାଇଁ ଲଢ଼ିବାର ଏକ ସାହସିକତାକୁ ସୁଚାଏ ଏବଂ ସାମାଜିକ ନ୍ୟାୟ ବ୍ୟବସ୍ଥା ଓ ସମାନତା ଅଧିକାର ପ୍ରତୀକ । ତେଣୁ ତାଙ୍କର ସାହସିକତା ଓ ଦେଶପ୍ରେମ ପାଇଁ ସମସ୍ତ ଓଡ଼ିଆ ପ୍ରାଣରେ ଚିରନମସ୍ୟ ହୋଇ ରହିଛନ୍ତି ।

+ଦୁର୍ନୀତି ନିବାରଣ ଅଧିକାରୀ,
ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ -୯୩୩୭୪୦୪୨୫୪

# ସମ୍ବିଧାନର ଓବିସି ଓ ଧାରା-୩୪୦



## ଅଧ୍ୟାପକ ଗୋପବନ୍ଧୁ

ଆମ ପାଇଁ କ୍ଷୋଭର ବିଷୟ ଯେ ଯେଉଁ ନିୟାମକ ପୁସ୍ତକ ଅନୁଯାୟୀ ଦେଶରେ ଶାସନ ବ୍ୟବସ୍ଥା ପରିଚାଳିତ ହେଉଛି, ଯାହାକୁ ଆମେ ସମ୍ବିଧାନ କହୁଛୁ, ତାହା ଆମ ଶିକ୍ଷା ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟ ନୁହେଁ । କେବଳ ରାଜନୀତି ବିଜ୍ଞାନର ଉଚ୍ଚ ପାଠ୍ୟକ୍ରମରେ କିଛି ଏ ବିଷୟରେ ଆଲୋଚନା ରହିଛି । ତେଣୁ ଭାରତୀୟ ନାଗରିକ ହୋଇବି ଅନେକେ ଆମ ସମ୍ବିଧାନର ବିଭିନ୍ନ ଧାରା ଓ ଉପଧାରା ବିଷୟରେ ଅଜ୍ଞ ଅଟନ୍ତି । ଆମ ସମ୍ବିଧାନ ଏକ ପ୍ରଗତିଶୀଳ ଗ୍ରନ୍ଥ, ଯାହା ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରିଛି । ସେଇଥିପାଇଁ ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତି(ଏସସି)ଙ୍କ ବିକାଶ ପାଇଁ ଓ ଧାରା ୩୪୨ ଅନୁଯାୟୀ ଅନୁସୂଚିତ ଜନଜାତି (ଏସଟି)ଙ୍କ ବିକାଶପାଇଁ ସଂଖ୍ୟାନୁପାତିକ ସଂରକ୍ଷଣ ବିଭିନ୍ନ କ୍ଷେତ୍ରରେ କରାଯାଇଛି । ଏହି ଦୁଇ ଧାରା ସମ୍ବନ୍ଧରେ କିଛିଲୋକ ଅବଗତ ଅଛନ୍ତି । ତଥାପି ଏହି ଧାରାର ଅନ୍ତର୍ଗତ ଅନେକ ହିତାଧିକାରୀ ଏଯାଏଁ ଏ ବିଷୟରେ ଅବଗତ ନୁହଁନ୍ତି । ଏ ବିଷୟରେ ଜାଣିବାକୁ ଆଗ୍ରହୀ ମଧ୍ୟ ନୁହଁନ୍ତି ।

ସମତାଭିତ୍ତିକ ସମାଜ ଗଠନ ପାଇଁ ସମ୍ବିଧାନରେ ଅନ୍ୟ ଏକ ଧାରା ରହିଛି ତାହା ହେଉଛି ୩୪୦ । ଯାହାକି ଏବେ ବହୁଳଭାବେ ଆଲୋଚନାର ପରିସରକୁ ଆସୁଛି । ଦେଶରେ ଥିବା ଅନ୍ୟାନ୍ୟ ପଛୁଆବର୍ଗ (ଓବିସି)ଙ୍କ ବିକାଶ ପାଇଁ ଏହି ଧାରା ଉଦ୍ଦିଷ୍ଟ । ଏହି ଧାରା ଅନୁଯାୟୀ ରାଷ୍ଟ୍ର ଓବିସିଙ୍କ ବିକାଶ ପାଇଁ ଉଦ୍ୟମ କରିବାକୁ ବାଧ୍ୟ । ଏମାନଙ୍କ ଅବସ୍ଥା ସମ୍ବନ୍ଧରେ ଅନୁଧ୍ୟାନ ପାଇଁ ସରକାର କମିଶନ ବସାଇ ପାରିବେ ଓ କମିଶନଙ୍କ ସୁପାରିଶ ମୁତାବକ ପଦକ୍ଷେପ ନେଇପାରିବେ । ଏହି ଧାରାକୁ ସମ୍ବିଧାନ ପ୍ରଣୟନ ସଭାରେ ୧୬ ଜୁନ, ୧୯୪୯ ମସିହାରେ କାକା କାଲେଲକର ଉପସ୍ଥାପନ କରିଥିଲେ । ଏହା ପଛରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମେନ ଡ .ବି.ଆର. ଆମ୍ବେଦକରଙ୍କ ଦୃଢ଼ ସମର୍ଥନ ଥିଲା । କାରଣ ସେ ଚାହିଁଥିଲେ ଓବିସିଙ୍କୁ ଏସଟି ଓ ଏସସି ତୁଲ୍ୟ ସମାନୁପାତିକ ସଂରକ୍ଷଣ ସୁବିଧା ପାଇବା ପାଇଁ ସାମ୍ବିଧାନିକ ସ୍ୱୀକୃତି ଦେବା ପାଇଁ । କିନ୍ତୁ ଦୁଃଖର କଥା ଅଳ୍ପ କେତେଜଣକୁ ଛାଡିଦେଲେ ସେ ସମୟର ସଂଖ୍ୟାଧିକ ଓବିସି ନେତା ତାଙ୍କୁ ସହଯୋଗର ହାତ ବଢ଼ାଇ ନଥିଲେ । ତଥାପି ସେ ଭବିଷ୍ୟତ ପାଇଁ ଏହି ଧାରାକୁ ସମ୍ବିଧାନରେ ସ୍ଥାନିତ କରିଯାଇଛନ୍ତି । ସେ ଜାଣିଥିଲେ ଆଜି ନହେଲେବି କାଲି ଓବିସିମାନେ ଏହାର ଆବଶ୍ୟକତାକୁ ବୁଝିବେ । ଯାହାକି ଏବେ ଓବିସିମାନେ ବୁଝିବା ଆରମ୍ଭ କଲେଣି ।

ସ୍ୱାଧୀନତା ପରେ ଓବିସି ଓ ପ୍ରଗତିଶୀଳ ନେତୃତ୍ୱ ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ଆବଶ୍ୟକତାକୁ ବୁଝିଲେ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କଲେ । ଧାରା ୩୪୦ ଅନୁଯାୟୀ ୧୯୫୩ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଓବିସିଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପାଇଁ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ । ଏହା କାଲେଲକର କମିଶନ ଭାବେ ପରିଚିତ । ଏହା ୧୯୫୫ ମସିହାରେ ତାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା । ସେ ସମୟର ସରକାର ଏହି କମିଶନଙ୍କ ସୁପାରୀଶକୁ ଗ୍ରହଣ କରିନଥିଲେ । ପୁଣି ଏହି ଧାରା ଅନୁସାରେ ୧୯୭୯ ମସିହାରେ ଜନତା ପାର୍ଟି ସରକାର ଶ୍ରୀ ବି.ପି. ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ । ଯାହା ମଣ୍ଡଳ କମିଶନ ଭାବେ ପରିଚିତ । ଏହି କମିଶନ ୧୯୮୦ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା । ସେତେବେଳକୁ ଜନତା ପାର୍ଟି ସରକାର କ୍ଷମତାରୁ ବିଦାୟ ନେଇ ସାରିଥିଲା । ପରବର୍ତ୍ତି ସରକାର ଏହି କମିଶନର ରିପୋର୍ଟକୁ କର୍ଯ୍ୟକାରୀ କଲେ ନାହିଁ । ଏହି ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଭି.ପି. ସିଂ ଘୋଷଣା କରିଥିଲେ ଓ ୧୯୯୨ ମସିହାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଚାକିରୀରେ ୨୭% ସଂରକ୍ଷଣ କାର୍ଯ୍ୟକାରୀ ହେଲା । ୨୦୦୬ ମସିହାରେ ତତକାଳୀନ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଶ୍ରୀ ଅର୍ଜୁନ ସିଂ ଶିକ୍ଷାରେ ୨୭% ସଂରକ୍ଷଣ ସୁବିଧା ପ୍ରଦାନ କଲେ । ଏ ସମସ୍ତ ପଦକ୍ଷେପ ଧାରା ୩୪୦ ଅନୁଯାୟୀ ଗ୍ରହଣ କରାଯାଇଛି ।

ଧାରା ୩୪୦ ଅନୁଯାୟୀ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ସାମ୍ବିଧାନିକ ସ୍ୱୀକୃତି ପାଇଛନ୍ତି ସଂରକ୍ଷଣ ସୁବିଧା ପାଇବା ପାଇଁ । କିନ୍ତୁ ଏହି ବର୍ଗର ପ୍ରାୟ ଶତକଡା ୯୯ ଭାଗ ଲୋକ ଏହି ଧାରା ସମ୍ବନ୍ଧରେ ଅବଗତ ନୁହଁନ୍ତି କି ଏହି ଧାରାର ଗୁରୁତ୍ୱ ବୁଝନ୍ତି ନାହିଁ । ଏହି ଧାରା ଯେ ତାଙ୍କ ସର୍ବାଙ୍ଗୀନ ବିକାଶ ସହିତ ଜଡିତ ସେମାନେ ଏହା ଜାଣନ୍ତି ନାହିଁ । କେବଳ ସଂରକ୍ଷଣ ନୁହେଁ ଏହା ସହିତ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ପାଇଁ ମଧ୍ୟ ଏହି ଧାରା ସରକାରଙ୍କୁ ପ୍ରେରୀତ କରେ । ଏହା ସହିତ ବର୍ଗୀୟ ଚେତନାକୁ ମଧ୍ୟ ଏହି ଧାରା ଉଦ୍ଦୀବିତ କରେ । ଦେଶରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ବାଦେ ଅନ୍ୟ ଏକ ଅନଗ୍ରସର ବର୍ଗ ରହିଛି ତାହା ହେଉଛି ଓବିସି, ସେ ବିଷୟକୁ ଏହି ଧାରା ସ୍ୱିକୃତି ଦେଇଛି । ଦେଶରେ ଯେଉଁ ଅଗ୍ରସର ବର୍ଗ ବା ଆଜି ଯାହା ସାଧାରଣ ବର୍ଗଭାବେ ପରିଚିତ ତାଙ୍କଠାରୁ ଓବିସି ପୃଥକ । ଏମାନେ ସାମାଜିକ ଦୃଷ୍ଟିରୁ ତାଙ୍କଠାରୁ ନ୍ୟୁନଭାବେ ପରିଗଣିତ ହୁଅନ୍ତି । ଏହା ସହିତ ଆର୍ଥିକ ଓ ଶିକ୍ଷାଗତ ଦୃଷ୍ଟିକୋଣରୁ ମଧ୍ୟ ତାଙ୍କଠାରୁ ବହୁ ପଛରେ । ବର୍ଣ୍ଣବ୍ୟବସ୍ଥା ଅନୁଯାୟୀ ଏମାନେ ତଥାକଥିତ ଉଚ୍ଚଜାତିଙ୍କ ଠାରୁ ତଳ ସ୍ତରର ବୋଲି ସାଧାରଣରେ ପରିଗଣିତ ହୁଅନ୍ତି ।

ଦେଶରେ ଅର୍ଦ୍ଧେକରୁ ଅଧିକ ହେଉଛନ୍ତି ଓବିସିର ଲୋକ । ଏମାନଙ୍କ ବିକାଶ ଦେଶର ବିକାଶକୁ ବହୁଗୁଣିତ କରିବ । ଏହି ବିଶାଳ ଜନସମୁଦାୟ ଧାରା ୩୪୦ କୁ ନବୁଝିବା ଯୋଗୁଁ ତାଙ୍କ ମଧ୍ୟରେ ଗୋଷ୍ଠୀଗତ ଚେତନା ଆସିପାରି ନାହିଁ । ଏମାନଙ୍କ ମଧ୍ୟରେ ଅନ୍ୟମାନଙ୍କ ପରି ଜାତି ଚେତନା ତ ରହିଛି, କିନ୍ତୁ ଓବିସି ସମ୍ବନ୍ଧୀୟ ଗୋଷ୍ଠୀଗତ ଚେତନା ସେତେ ମାତ୍ରାରେ ଏମାନଙ୍କ ମଧ୍ୟରେ ନାହିଁ । ଫଳରେ ଏମାନେ ଧାରା ୩୪୦ ଦେଇଥିବା ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ ନୁହଁନ୍ତି । ଏହି ଧାରା ମୁତାବକ ମଣ୍ଡଳ କମିଶନ ବସିଥିଲା ଓ ମଣ୍ଡଳ କମିଶନର ରିପୋର୍ଟ ମୁତାବକ ଓବିସିମାନେ ଆଜି କେନ୍ଦ୍ର ଓ ଅନେକ ରାଜ୍ୟରେ ଶିକ୍ଷା ଓ ଚାକିରୀରେ ୨୭% ସଂରକ୍ଷଣ ସୁବିଧା ପାଉଛନ୍ତି । ଏହି ଧାରା କଣ ଓ କେଉଁମାନଙ୍କ ପାଇଁ ଏହି ଧାରା ଉଦ୍ଦିଷ୍ଟ ଏବଂ ମଣ୍ଡଳ କମିଶନ ରିପୋର୍ଟ କାହାପାଇଁ ସେ ବିଷୟରେ ଓବିସି ମାନେ ଅବଗତ ନଥିବା ଯୋଗୁଁ ଏମାନେ ମଣ୍ଡଳ ବିରୋଧି ଆନ୍ଦୋଳନରେ ମାତିଥିଲେ ଓ ଗୁଳିଖାଇ ମରିଥିଲେ । ଏ ସମ୍ବନ୍ଧରେ ଏମାନେ ସଚେତନ ଥିଲେ ସେ ସମୟରେ ବିରୋଧି ଆନ୍ଦୋଳନ ଏତେ ତୀବ୍ର ହୋଇ ନଥାନ୍ତା ଓ ଏହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରିଥିବା ସରକାରର ପତନ ହୋଇ ନଥାନ୍ତା । ସେ ସମୟରେ ଅନେକ ଓବିସି ଯୁବକ ନିଜ ଗୋଡ଼ରେ ନିଜେ କୁରାଢ଼ି ମରିବାର କାମ କରିଥିଲେ ।

ଏବେ କିଛି ସଚେତନ ସଂଗଠନ ଓ ବ୍ୟକ୍ତିବିଶେଷ ଓବିସିଙ୍କୁ ଏସଟି-ଏସସି ତୁଲ୍ୟ ରାଜନୀତିର ସମସ୍ତ ସୋପାନରେ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ଦାବୀ ଉଠାଉଛନ୍ତି । ଆଉ ଦଳେ ପାଦେ ଆଗେଇ ଯାଇ କହୁଛନ୍ତି ଦେଶରେ ଓବିସିଙ୍କ ସଂଖ୍ୟା ଯଦି ଶତକଡା ୫୨ ଭାଗ ତେବେ ଏମାନଙ୍କୁ ମଧ୍ୟ ଏସଟି ଓ ଏସସି ତୁଲ୍ୟ ସମସ୍ତ କ୍ଷେତ୍ରରେ ଜନସଂଖ୍ୟା ଅନୁଯାୟୀ ୫୨% ସଂରକ୍ଷଣ ସୁବିଧା ମିଳୁ । ଓଡିଶାରେ ଏହି ଧାରାର ପ୍ରୟୋଗ ଅତ୍ୟନ୍ତ ଦୁର୍ବଳ । ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସିଙ୍କୁ କୌଣସି ସଂରକ୍ଷଣ ସୁବିଧା ମିଳୁନଥିଲା । ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ମିଳୁଛି । ଏବେ ରାଜ୍ୟ ସରକାର ଓବିସିଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ଦେବେ ବୋଲି ଘୋଷଣା କରିଛନ୍ତି । ଦୁଃଖର କଥା ଯେ ଏହା ମେଡିକାଲ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକର ଲାଗୁ ହେବ ନାହିଁ ।

ରାଜ୍ୟରେ ଓବିସିମାନେ ସର୍ବାଧିକ ଉପେକ୍ଷିତ ଓ ଦେଶରେ ବୋଧହୁଏ ପ୍ରଥମ । ଯଦି କେବେ ଓବିସି ଙ୍କୁ ଆହୁରି ଅଧିକ ସୁବିଧା ମିଳେ ଓ ତାଙ୍କ ବିକାଶ ପାଇଁ କିଛି ନୂଆ ଯୋଜନା କାର୍ଯ୍ୟକାରୀ ହୁଏ, ତେବେ ତାହା ଧାରା ୩୪୦ ଅନୁଯାୟୀ ହେବ । ଏହି ଧାରା ଅନୁସାରେ ଭାରପ୍ରାପ୍ତ କମିଶନରଙ୍କ ରିପୋର୍ଟ ଉପରେ ଏହା ହୋଇପାରିବ । ଗଣତନ୍ତ୍ରରେ ଆନ୍ଦୋଳନ ଜରିଆରେ ଚାପ ସୃଷ୍ଟି ଅନିବାର୍ଯ୍ୟ ବିଷୟ । ଓବିସି ସମାଜ ଯେତେ ସଂଗଠିତ ହେବ ଓ ଯେତେ ସଚେତନ ହେବ ତାଙ୍କ ଅଧିକାର ପ୍ରାପ୍ତିର ସମ୍ଭାବନା ସେତେ ଅଧିକ ହେବ । ଏଦିଗରେ ପ୍ରୟାସ ମଧ୍ୟ ଜରୁରୀ । ସାମ୍ବିଧାନିକ ନୀତି ନିୟମ ପରିସରେ କୌଣସି ଆନ୍ଦୋଳନ ଅଯୌକ୍ତିକ ନୁହେଁ । ଏହା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ମଜଭୁତ କରେ । ଭାଗୀଦାରୀର ସମ୍ଭାବନାକୁ ବଢାଏ ।

ସାମ୍ପ୍ରତିକ ଅବସ୍ଥାରେ ଧାରା ୩୪୦ ର ଗୁରୁତ୍ୱ ବଢି ବଢି ଚାଲିଛି । ଦେଶରେ ତଥା ରାଜ୍ୟରେ ଓବିସି ସମାଜ ଯେତେ ଜାଗ୍ରତ ହେବ ଏହି ଧାରାର ପ୍ରାସଙ୍ଗିକତା ସେତେ ଅଧିକ ହେବ । ଦେଶର ଅର୍ଦ୍ଧାଧିକ ଲୋକଙ୍କ ସ୍ୱାର୍ଥ ଓ ବିକାଶ ପାଇଁ ଯେଉଁ ଧାରା ରହିଛି ତାକୁ ଏତେ ସାଧାରଣ ଭାବେ ନିଆଯାଇ ପାରିବ ନାହିଁ । ଆଗାମୀ ଦିନରେ ଏହି ଧାରାର ପ୍ରୟୋଗ ସମ୍ଭାବନା ଆହୁରି ବ୍ୟାପକ ହେବା ନିଶ୍ଚିତ । ଓଡ଼ିଶାରେ କେନ୍ଦ୍ର ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ଏସଇବିସି ତାଲିକା ପ୍ରସ୍ତୁତ କରାଯାଇଛି । ରାଜ୍ୟରେ ଏସଇବିସିମାନଙ୍କୁ ୨୭% ସଂରକ୍ଷଣ ପ୍ରଦାନ ପାଇଁ ବିଭିନ୍ନ ରାଜନୈତିକ ଦଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏ ଆନ୍ଦୋଳନରେ ବିଜେଡି ଓ କଂଗ୍ରେସ ଆଗୁଆ ଅଛନ୍ତି । ବିଜେପି ମଧ୍ୟ ଓବିସିଙ୍କ ସ୍ୱାର୍ଥ କଥା କହୁଛି ଓ ୨୭% ସଂରକ୍ଷଣ ପ୍ରଦାନ ପାଇଁ ପଦକ୍ଷେପ ନେବ ବୋଲି କହୁଛି । କୌଣସି ଦଳ ଓବିସିଙ୍କୁ ଛାଡିବାକୁ ନାରାଜ । ଏବିଷୟ ଏବେ ଓଡ଼ିଶା ରାଜନୀତିକୁ ଆଚ୍ଛାଦିତ କରିଦେଇଛି । ତେଣୁ ଅନାଲୋଚିତ ସମ୍ବିଧାନର ୩୪୦ ଧାରା ଆଜି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି ।

+ଦର୍ଶନ
ବିଭାଗ(ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୦ ଅଗଷ୍ଟ ୨୦୨୫, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପାରାଙ୍କୁ ଦାନା ଦେବା: ଜୀବଦୟା ଓ ବାସ୍ତବତା

ଭାରତର ଗଳିକନ୍ଦି, ମନ୍ଦିର ପ୍ରାଙ୍ଗଣ ଏବଂ ଐତିହାସିକ ସ୍ଥଳୀମାନଙ୍କରେ ପାରାଙ୍କୁ ଦାନା ଖାଇବାକୁ ଦେବା ଏକ ସାଧାରଣ ଏବଂ ପୁରୁଣା ଦୃଶ୍ୟ । ଏହା କେବଳ ଏକ ଅଭ୍ୟାସ ନୁହେଁ, ବରଂ ଏକ ଗଭୀର ସାମାଜିକ, ସାଂସ୍କୃତିକ ତଥା ଧାର୍ମିକ ପ୍ରଥା ଭାବରେ ଦୀର୍ଘ ଦିନ ଧରି ପ୍ରଚଳିତ । ଅନେକ ଲୋକ ଏହାକୁ ପୁଣ୍ୟ ଏବଂ ସେବାର କାର୍ଯ୍ୟ ଭାବରେ ବିବେଚନା କରନ୍ତି । ବିଶେଷ କରି ଜୈନ ସମ୍ପ୍ରଦାୟରେ, 'ଜୀବଦୟା' ବା ସମସ୍ତ ଜୀବଙ୍କ ପ୍ରତି କରୁଣାର ସିଦ୍ଧାନ୍ତ ଅନୁଯାୟୀ, ପାରାଙ୍କୁ ଖାଇବାକୁ ଦେବା ଏକ ପବିତ୍ର କର୍ତ୍ତବ୍ୟ ଭାବରେ ଗଣାଯାଏ । କିନ୍ତୁ ନିକଟରେ ମୁମ୍ବାଇ ଭଳି ମହାନଗରରେ ପାରାଙ୍କୁ ଖାଇବାକୁ ଦେବା ଉପରେ ନ୍ୟାୟାଳୟଙ୍କ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକ ଏକ ବଡ଼ ବିତର୍କ ସୃଷ୍ଟି କରିଛି । ଏହି ନିଷ୍ପତ୍ତି ପରମ୍ପରା ଏବଂ ଆଧୁନିକ ସହରୀ ଜୀବନର ଆବଶ୍ୟକତା ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ପଦାକୁ ଆଣିଛି । ଏହି ପ୍ରତିବନ୍ଧକ ପଛରେ ଥିବା କାରଣଗୁଡ଼ିକୁ ବୁଝିବା ଏବଂ ଏହାର ବିଭିନ୍ନ ଦିଗକୁ ବିଶ୍ଳେଷଣ କରିବା ଆଜିର ସମୟର ଏକ ବଡ଼ ଆବଶ୍ୟକତା । ମୁମ୍ବାଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବୃହନ୍ମୁମ୍ବାଇ ମହାନଗର ନିଗମ (BMC) ଦ୍ୱାରା ଲାଗୁ କରାଯାଇଥିବା ଏହି ପ୍ରତିବନ୍ଧକର ମୂଳଦୁଆ ଜନସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା ଉପରେ ପର୍ଯ୍ୟବସିତ । ସମୟକ୍ରମେ ସହରୀ ପରିବେଶରେ ପାରାଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି, ଯାହା ଅନେକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି । ଏହାର ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ପାରାଙ୍କ ମଳରୁ ବ୍ୟାପୁଥିବା ରୋଗ । ବିଶେଷଜ୍ଞ ଏବଂ ଡାକ୍ତରଙ୍କ ମତରେ, ପାରାଙ୍କ ଶୁଖିଲା ମଳ ଏବଂ ପରରେ ଥିବା ଧୂଳିକଣା ବାୟୁରେ ମିଶି ଶ୍ୱାସକ୍ରିୟା ମାଧ୍ୟମରେ ମଣିଷ ଶରୀରରେ ପ୍ରବେଶ କରେ । ଏହାଦ୍ୱାରା ଅନେକ ପ୍ରକାରର ଜୀବାଣୁ ଏବଂ କବକ (Fungi) ଜନିତ ସଂକ୍ରମଣ ହେବାର ଆଶଙ୍କା ରହିଛି । ଏହି ସଂକ୍ରମଣଗୁଡ଼ିକ ମଧ୍ୟରେ ହିଷ୍ଟୋପ୍ଲାଜ୍ମୋସିସ୍ ଅନ୍ୟତମ, ଯାହା ଏକ କବକ ଜନିତ ଫୁସଫୁସ୍ ସଂକ୍ରମଣ ଏବଂ ଏହାର ଲକ୍ଷଣ ସାଧାରଣ ଜ୍ୱର ଠାରୁ ଆରମ୍ଭ କରି ଗୁରୁତର ଫୁସଫୁସ୍ ରୋଗ ପର୍ଯ୍ୟନ୍ତ ହୋଇପାରେ । ସେହିପରି କ୍ରିପ୍ଟୋକୋକୋସିସ୍ ମଧ୍ୟ ପାରା ମଳରୁ ବ୍ୟାପିଥାଏ ଏବଂ ଏହା ଫୁସଫୁସ୍ ସମେତ ମସ୍ତିଷ୍କକୁ ପ୍ରଭାବିତ କରି ମେନିଞ୍ଜାଇଟିସର କାରଣ ହୋଇପାରେ। 'ପ୍ୟାରଟ୍ ଫିଭର' ଭାବେ ଜଣାଶୁଣା ସିଟାକୋସିସ୍ ଏକ ବ୍ୟାକ୍ଟେରିଆ ଜନିତ ସଂକ୍ରମଣ ଯାହା ନିମୋନିଆ ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ । ଏହା ବ୍ୟତୀତ ସାଲମୋନେଲା ଏବଂ ଇ.କୋଲାଇ ଭଳି ବ୍ୟାକ୍ଟେରିଆ ମଧ୍ୟ ପାକସ୍ଥଳୀ ସମ୍ବନ୍ଧୀୟ ରୋଗର କାରଣ ହୋଇଥାଏ । ଭାରତ ଭଳି ଏକ ଜନବହୁଳ ଦେଶରେ, ଯେଉଁଠାରେ ଘନବସତି ଅଧିକ, ଏହି ପ୍ରକାରର ରୋଗ ବ୍ୟାପିବାର ଆଶଙ୍କା ଯଥେଷ୍ଟ ଅଧିକ । ମୁମ୍ବାଇ, ଦିଲ୍ଲୀ ଭଳି ସହରର ଡାକ୍ତରମାନେ 'ହାଇପରସେନ୍ସିଟିଭିଟି ନିମୋନାଇଟିସ୍' ବା 'ପିଜିଅନ୍ ଲଙ୍ଗ୍' ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ଚିନ୍ତା ପ୍ରକଟ କରିଛନ୍ତି ।

ଜନସ୍ୱାସ୍ଥ୍ୟ ବ୍ୟତୀତ, ପାରାଙ୍କ ଅନିୟନ୍ତ୍ରିତ ସଂଖ୍ୟା ସହରୀ ପରିବେଶ ଏବଂ ଐତିହ୍ୟ ସ୍ଥଳୀଗୁଡ଼ିକ ପାଇଁ ମଧ୍ୟ ଏକ ବଡ଼ ବିପଦ ସୃଷ୍ଟି କରୁଛି । ଅନିୟନ୍ତ୍ରିତ ଭାବେ ଖାଦ୍ୟ ମିଳିବା କାରଣରୁ ପାରାଙ୍କର ପ୍ରଜନନ ହାର ବହୁତ ବୃଦ୍ଧି ପାଇଛି, ଯାହା ସ୍ଥାନୀୟ ପରିବେଶର ଭାରସାମ୍ୟକୁ ନଷ୍ଟ କରୁଛି । ଏହି ଅତ୍ୟଧିକ ସଂଖ୍ୟା ଘରଚଟିଆ ଭଳି ଅନ୍ୟ ସ୍ଥାନୀୟ ପକ୍ଷୀମାନଙ୍କୁ ଖାଦ୍ୟ ଏବଂ ବାସସ୍ଥାନ ପାଇଁ ପ୍ରତିଯୋଗିତାରୁ ବାହାର କରିଦେଉଛି, ଯାହା ଜୈବ ବିବିଧତା ପାଇଁ କ୍ଷତିକାରକ । ଏହା ସହିତ, ଭାରତର ଅନେକ ଐତିହାସିକ ସ୍ମାରକୀ ଏବଂ ପୁରାତନ କୋଠା ପାରାଙ୍କ କାରଣରୁ କ୍ଷତିଗ୍ରସ୍ତ ହେଉଛି । ପାରାଙ୍କ ମଳରେ ଥିବା ୟୁରିକ୍ ଏସିଡ୍ ଅତ୍ୟନ୍ତ କ୍ଷୟକାରୀ ହୋଇଥିବାରୁ ଏହା ପଥର, ମାର୍ବଲ, ଧାତୁ ଏବଂ କାଠକୁ ଧୀରେ ଧୀରେ ନଷ୍ଟ କରିଦିଏ, ଯାହାଦ୍ୱାରା କୋଠାଗୁଡ଼ିକର ସୌନ୍ଦର୍ଯ୍ୟ ହାନି ହେବା ସହ ସେଗୁଡ଼ିକର ଗଠନ ମଧ୍ୟ ଦୁର୍ବଳ ହୋଇପଡ଼େ । ଏହି କ୍ଷତିର ମରାମତି ପାଇଁ ସରକାର ଏବଂ ସାଧାରଣ ଲୋକଙ୍କୁ ବହୁ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ । ପାରାଙ୍କ ସଂଖ୍ୟା ନିୟନ୍ତ୍ରଣ କରିବା କେବଳ ଭାରତର ସମସ୍ୟା ନୁହେଁ । ବିଶ୍ୱର ଅନେକ ପ୍ରମୁଖ ସହର ଏହି ସମସ୍ୟାର ସମ୍ମୁଖୀନ ହୋଇ କଠୋର ପଦକ୍ଷେପ ନେଇଛନ୍ତି । ଇଟାଲୀର ଭେନିସ୍ ସହରର ପ୍ରସିଦ୍ଧ ସେଣ୍ଟ ମାର୍କ ସ୍କୋୟାରରେ ଐତିହାସିକ କୋଠାଗୁଡ଼ିକର କ୍ଷତି ଏବଂ ସ୍ୱଚ୍ଛତା ସମସ୍ୟା ଯୋଗୁଁ ୨୦୦୮ ମସିହାରୁ ପାରାଙ୍କୁ ଖାଇବାକୁ ଦେବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି । ସେହିପରି, ଲଣ୍ଡନର ଟ୍ରାଫାଲଗାର ସ୍କୋୟାରରେ ଏବଂ ସ୍ୱଚ୍ଛତା ପାଇଁ ପ୍ରସିଦ୍ଧ ସିଙ୍ଗାପୁରରେ ମଧ୍ୟ କୌଣସି ବନ୍ୟଜନ୍ତୁଙ୍କୁ ଖାଇବାକୁ ଦେବା ଉପରେ କଠୋର ନିୟମ ଓ ଜୋରିମାନାର ବ୍ୟବସ୍ଥା ରହିଛି । ଏହି ଆନ୍ତର୍ଜାତୀୟ ଉଦାହରଣଗୁଡ଼ିକ ଦର୍ଶାଏ ଯେ ସହରୀ ପରିବେଶରେ ଜନସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବା ଏକ ବିଶ୍ୱସ୍ତରୀୟ ଆବଶ୍ୟକତା ।

ଏହି ପ୍ରସଙ୍ଗରେ ଧାର୍ମିକ ଭାବନା ଏକ ସମ୍ବେଦନଶୀଳ ଦିଗ ହୋଇଥିଲେ ମଧ୍ୟ ଏହି ପ୍ରତିବନ୍ଧକର ଉଦ୍ଦେଶ୍ୟ 'ଜୀବଦୟା'ର ଭାବନାକୁ ଅସମ୍ମାନ କରିବା ନୁହେଁ । ବରଂ, ଆଧୁନିକ ସହରୀ ପରିପ୍ରେକ୍ଷୀରେ ଏହି ଦୟା ଏବଂ କରୁଣାକୁ କିପରି ଏକ ସୁଚିନ୍ତିତ ଓ ବୈଜ୍ଞାନିକ ଉପାୟରେ ପାଳନ କରାଯାଇପାରିବ, ତାହା ବିଚାର କରିବାର ସମୟ ଆସିଛି । ଏହାର ସମାଧାନ ପାଇଁ ସହରର ଜନବସତି, ହସ୍ପିଟାଲ ଏବଂ ଐତିହ୍ୟ ସ୍ଥଳୀଠାରୁ ଦୂରରେ କିଛି ନିର୍ଦ୍ଦିଷ୍ଟ ଖାଇବା ସ୍ଥାନ (Designated Feeding Zones) ଚିହ୍ନଟ କରାଯାଇପାରେ । ଏହା ସହିତ, ପାରାଙ୍କ ଅତ୍ୟଧିକ ସଂଖ୍ୟା ବୃଦ୍ଧିର କ୍ଷତିକାରକ ଦିଗଗୁଡ଼ିକ ବିଷୟରେ ଜନସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ । ଲୋକଙ୍କୁ ବୁଝାଇବାକୁ ପଡ଼ିବ ଯେ ଏହା ଦୟା ବିରୁଦ୍ଧରେ ନୁହେଁ, ବରଂ ଏକ ସୁସ୍ଥ ସମାଜ ପାଇଁ ଏକ ଜରୁରୀ ପଦକ୍ଷେପ । ଶେଷରେ କହିବାକୁ ଗଲେ, ପାରାଙ୍କୁ ଖାଇବାକୁ ଦେବା ଉପରେ ପ୍ରତିବନ୍ଧକ କୌଣସି ଧାର୍ମିକ ଭାବନା ଉପରେ ଆକ୍ରମଣ ନୁହେଁ, ବରଂ ଏହା ଏକ ବୃହତ୍ତର ସାମାଜିକ ସ୍ୱାର୍ଥ, ଜନସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା ପାଇଁ ଏକ ଆବଶ୍ୟକୀୟ ପଦକ୍ଷେପ । ପରମ୍ପରା ଏବଂ ଆସ୍ଥାକୁ ସମ୍ମାନ ଦେବା ଯେତିକି ଜରୁରୀ, ଏକ ସୁସ୍ଥ ଏବଂ ସୁରକ୍ଷିତ ସହରୀ ପରିବେଶ ଗଢ଼ିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ତେଣୁ, ଏକ ସନ୍ତୁଳିତ ଏବଂ ଦୂରଦୃଷ୍ଟିସମ୍ପନ୍ନ ନୀତି ଆପଣାଇବା ହିଁ ଏହି ଜଟିଳ ସମସ୍ୟାର ସଠିକ୍ ସମାଧାନର ମାର୍ଗ ପ୍ରଶସ୍ତ କରିପାରିବ ।

# ଓଡିଶାର ପାରମ୍ପରିକ ପ୍ରଥା ଖୁଦୁରୁକୁଣୀ ବା ଭାଲୁକୁଣୀ ଓଷା



## ପ୍ରଶାନ୍ତ କୁମାର ନାୟକ

ଓଡ଼ିଶାର ଜନଜୀବନ, ସମାଜ, ସଂସ୍କୃତି ଓ ପରମ୍ପରା ଅତି ମହାନ। ଧର୍ମ, ରୀତିନୀତି ଓ ଚାଲି ଚଳଣିରେ ପାର୍ଥକ୍ୟ ରହିଥିଲେ ମଧ୍ୟ ଉତ୍କଳବାସୀ ବିଭିନ୍ନ ପର୍ବ ପର୍ବାଣୀଗୁଡିକୁ ଅତି ଆନନ୍ଦରେ ପାଳନ କରିଥାଆନ୍ତି ।

ସର୍ବ ଧର୍ମ ସମନ୍ୱୟର କ୍ଷେତ୍ର ଏଇ ଓଡ଼ିଶାରେ ମୁଖ୍ୟତଃ ଅନାବିଳ ଭକ୍ତି ଭାବନାର ସମୃଦ୍ଧି ପାଇଁ, ଅବସର ବିନୋଦନ ପାଇଁ, ସାଂସ୍କୃତିକ ଶୃଙ୍ଖଳା ରକ୍ଷାପାଇଁ, କର୍ତ୍ତବ୍ୟନିଷ୍ଠାର ପାରମ୍ପରିକତା ପାଇଁ ଏବଂ ଭାଇଚାରା ତଥା ସଦଭାବ ଓ ସଦିଚ୍ଛାର ପାରସ୍ପରିକତା ପାଇଁ ପର୍ବପର୍ବାଣୀଗୁଡିକ ମହା ଆଡମ୍ବରରେ ପାଳିତ ହୋଇଥାଏ।

କିମ୍ବଦନ୍ତୀମୂଳକ ଓ ଲୋକାକାର ଆଶ୍ରିତ ପର୍ବାଣୀଗୁଡିକ ମଧ୍ୟରେ ଖୁଦୁରୁକୁଣୀ ବା ଭାଲୁକୁଣୀ ଓଷା ଅନ୍ୟତମ। ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ପରମ୍ପରାକୁ ଆଧାରକରି ଏହି ଓଷା ଓଡିଆ ସମାଜରେ ଅଦ୍ୟାବଧି ପ୍ରଚଳିତ ହୋଇ ଆସୁଅଛି । ପ୍ରଚଳିତ ଏହି ପରମ୍ପରା ଅନୁସାରେ ଖୁଦୁରୁକୁଣୀ ଓଷା ପ୍ରତିବର୍ଷ ଭାଦ୍ରବ ମାସର ପ୍ରତ୍ୟେକ ରବିବାର ଦିନ କୁଆଁରୀ ଓଡିଆ ଝିଅମାନେ ପାଳନ କରିଥାଆନ୍ତି । ଏହି ଓଷାରେ ସେମାନେ ମା' ମଙ୍ଗଳାଙ୍କୁ ପୂଜା ଆରାଧନା କରିଥାଆନ୍ତି ।

କିମ୍ବଦନ୍ତୀ ଅନୁସାରେ ଏକଦା ଉତ୍କଳ ଭୂଖଣ୍ଡରେ ଜଣେ ରାଜାଥିଲେ । ତାଙ୍କର ନାମଥିଲା ତିଳ ଧ୍ୱଜ । ତାଙ୍କ ମନ୍ତ୍ରୀଙ୍କ ନାମ ଥିଲା ଗୁଣନିଧି । ସେମାନେ ନିଜ ରାଜ୍ୟର ପ୍ରଜାମାନଙ୍କୁ ଖୁବ୍ ଖୁସୀରେ ପାଳନ କରୁଥିଲେ। କୌଣସି ପ୍ରଜାମାନଙ୍କର କିଛି ଅଭାବ ଅସୁବିଧା ନଥିଲା । ରାଜା ଅତ୍ୟନ୍ତ ପ୍ରଜାବତ୍ସଳ ଥିଲେ । ସେହି ରାଜ୍ୟରେ ଜଣେ ସାଧବ ମଧ୍ୟ ବାସ କରୁଥିଲେ । ତାଙ୍କର ନାମ ଥିଲା ତିଳବନ୍ତ ଏବଂ ସାଧବାଣୀଙ୍କ ନାମ ଥିଲା ଶକୁନ୍ତଳା । ସାଧବଙ୍କର ସାତଗୋଟି ପୁଅ ଓ ସାତ ବୋହୂ ବି ଥିଲେ । ସେମାନେ ରୂପରେ ଯେମିତି ଗୁଣରେ ବି ସେମିତି । ଏକକୁ ଆରେକ । ପୁତ୍ରମାନେ ଗୋଟାପଣେ ପିତୃଭକ୍ତ ଥିଲେ। ସାତ ଭାଇଙ୍କର ଗୋଟିଏ ବୋଲି ଗେହ୍ଲା ଭଉଣୀ ଥିଲା ଯାହାର ନାମ ତଅପୋଇ ଥିଲା । ତଅପୋଇ ପିଲାବେଳୁ ଏତେ ଗେଲ ବସରରେ ବଢିଥିଲାଯେ ତାକୁ ଯଦି ଟିକିଏ କଷ୍ଟ ହେଉଥିଲା କେହିବି ସହିପାରୁ ନଥିଲେ । ସାଙ୍ଗସାଥୀଙ୍କ ମେଳରେ ଖେଳିବା ବେଳେ ତଅପୋଇ ଯଦି ପଡିଯାଉଥିଲା, ତେବେ ସାତ ଭାଇ ଓ ଭାଉଜ ତତକ୍ଷଣାତ ପାଖକୁ ଦୌଡିଯାଇ ଆସୁଥିଲେ । କିଏ ଆଉଁଷି ଦେଉଥିଲାତ ଆଉକିଏ ଆଖିରୁ ଲୁହ ପୋଛି ଦେଉଥିଲା। କିଏ ଦେହରୁ ଧୂଳି ଝାଡି ଦେବାବେଳେ କିଏ କୋଳେଇନେଇ ଗେଲ କରୁଥିଲା। ଏମିତି ହସଖୁସୀରେ ଦିନ କଟୁଥିଲା ତଅପୋଇର ।

ଦିନେ ତଅପୋଇ ସାଙ୍ଗସାଥୀଙ୍କ ମେଳରେ ବାଉଁଶ କୁଲେଇ ଓ କଣ୍ଢେଇ ଧରି ଅଗଣାରେ ଖେଳୁଥାଏ। ଠିକ୍ ଏତିକିବେଳେ ଗ୍ରାମର ବିଧବା ବ୍ରାହ୍ମଣୀ ବୁଢିଟିଏ ଆସି ସେଇଠି ପହଞ୍ଚିଲା । ଏହି ବିଧବା ବ୍ରାହ୍ମଣୀ ବୁଢିଟି ଅତ୍ୟନ୍ତ ଦୁଷ୍ଟ ସ୍ୱଭାବର ମହିଳା ଥିଲା । ସେ କେବେବି କାହାର ଖୁସୀ ଦେଖିପାରେ ନାହିଁ। ସର୍ବଦା ପରନିନ୍ଦା ପର ଚର୍ଚ୍ଚା ତା' ମନ ମଧ୍ୟରେ ବସା ବାନ୍ଧିଥାଏ। ଅନ୍ୟ ମାନଙ୍କର ଅମଙ୍ଗଳ ହିଁ ତା'ର ଏକମାତ୍ର ଉଦ୍ଦେଶ୍ୟ ଥିଲା। ସେହି ବିଧବା ବ୍ରାହ୍ମଣୀ ତଅପୋଇକୁ ଦେଖି ଉପହାସ କରି କହିଲା ଆଲୋ ତଅପୋଇ, ତୁ ଏତେବଡ ସାଧବ ଘରର ଝିଅ ହୋଇ ବାଉଁଶ କୁଲେଇ ଆଉ କଣ୍ଢେଇ ଧରି ଖେଳୁଛୁ । ମୁଁ ତୋଭଳି ସାଧବ ଝିଅ ହୋଇଥିଲେ ରୂପା କୁଲେଇରେ ସୁନା ଚାନ୍ଦ ଧରି ଖେଳୁଥାଆନ୍ତି । ବିଧବା ବ୍ରାହ୍ମଣୀର ଏ ପ୍ରକାର ଉପହାସଜନକ କଥା ଶୁଣି ତଅପୋଇକୁ ଭାରି ବାଧିଲା। ସେ ସଙ୍ଗେସଙ୍ଗେ ସେହି ଖେଳିବା ସ୍ଥାନରୁ ହିଁ ଦୌଡି ଦୌଡି ପଳେଇ ଆସି ଗମ୍ଭୀରା ଘରଭିତରେ ମୁହଁ ମାଡି ଶୋଇପଡିଲା ଆଉ କାନ୍ଦିବାକୁ ଲାଗିଲା। କିଛିବି ଖିଆପିଆ କଲା ନାହିଁ। ରାତିରେ ଯେତେବେଳ ସମସ୍ତେ ଭୋଜନ କରିବାପାଇଁ ଏକାଠି ହେଲେ, ବାପା ଦେଖିଲେଯେ ତଅପୋଇକୁ ଛାଡି ଆଉ ସମସ୍ତେ ଅଛନ୍ତି। ତଅପୋଇକୁ ନଦେଖି ବାପା ବିଚଳିତ ହେଲେ ଆଉ ତାକୁ ଡାକି ଆଣିବାକୁ ସମସ୍ତଙ୍କୁ ପଠେଇଲେ । ଜଣଜଣକରି ସମସ୍ତେ ଯେତେ ଡାକିଲେ ବି ତଅପୋଇ କାହାକଥା ଶୁଣିଲାନି । ପରେ ଯେତେବେଳ ସାନ ଭାଉଜ ଯାଇ ଡାକିଲା ତାକୁ ଦେଖି ତଅପୋଇ କାନ୍ଦି କାନ୍ଦି କହିଲା ଭାଉଜ, ତୁମେ ବାପାଙ୍କୁ ଆଗ ମୋକଥା କୁହ। ସେ ପ୍ରଥମେ ମୋ କଥା ବୁଝିବେ ତା' ପରେଯାଇ ମୁଁ ଖାଇବି। ନହଲେ ମୋର ସବୁ ଖିଆପିଆ ବନ୍ଦ। ସାନ ବୋହୂପାଖରୁ ବାପା ସବୁ କଥା ଶୁଣିଲେ ଆଉ ନିଜେ ତଅପୋଇ ପାଖକୁ ଗଲେ । ବାପାଙ୍କୁ ଦେଖି ତଅପୋଇ କାନ୍ଦି କାନ୍ଦି କହିଲା ବାପା ମୋର ରୂପା କୁଲେଇ ଓ ସୁନାର ଚାନ୍ଦ ଦରକାର । ନହେଲେ ମୁଁ କିଛିବି ଖିଆପିଆ କରିବିନି କି ପାଣି ଟୋପାଏ ବି ଗ୍ରହଣ କରିବିନି। ଗେହ୍ଲା ଝିଅର କଥାଶୁଣି ବାପା ମୁରୁକି ମୁରୁକି ହସି କହିଲେ ଓହୋ, ଏଇ ସାମାନ୍ୟ କଥା ପାଇଁ ମୋ ସୁନାନାକି ଝିଅ କିଛି ନଖାଇ ନପିଇ କାନ୍ଦୁଛି। ତୁ କହିଲେ ପରା ମୁଁ ଆକାଶରୁ ମୁଁ ସତସତିକା ଚାନ୍ଦ ତୋଳି ଆଣିବି । ହଉ ତୁ ଜମା ବ୍ୟସ୍ତ ନହୋଇ ଯାଆ ଖିଆପିଆ କର। ମୁଁ ସାତଦିନ ଭିତରେ ତୋ ପାଇଁ ସୁନା ଚାନ୍ଦ ଆଉ ରୂପା କୁଲେଇ ଗଢେଇଦେବି। ବାପାଙ୍କଠାରୁ ଏଇ କଥାଶୁଣି ତଅପୋଇର ଖୁସୀ କହିଲେ ନସରେ ।ତାପରେ ସେଦିନ ସମସ୍ତେ ଖୁସୀରେ ଖିଆପିଆ କରି ଶୋଇଲେ। ପରଦିନ ସାଧବ ବଣିଆ ଡକେଇ ଓ ରୂପା କୁଲେଇ ଓ ସୁନାର ଚାନ୍ଦ ଗଢିଦେବା କଥା କହିଲେ। ବାସ୍ ସଙ୍ଗେସଙ୍ଗେ ତିଆରି କାର୍ଯ୍ୟ ଆରମ୍ଭ ହୋଇଗଲା । ମଝିରେ ମଝିରେ ସାଧବ ପୁଅ ଓ ବୋହୂମାନେ ଆସି ତିଆରି କାର୍ଯ୍ୟର ତଦାରଖ କରୁଥିଲେ ।

ହେଲେ କ'ଣ ହେବ । ମଣିଷ ପାଞ୍ଚେ ଗୋଟେ ଆଉ ଦଇବ ଘଟାଇଥାଏ ଆଉ ଗୋଟେ । ସୁନା ଚାନ୍ଦ ଅଧା ଗଢା ହେଲାବେଳକୁ ବାପା ଚାଲିଗଲେ ଏବଂ ଗଢା କାର୍ଯ୍ୟ ଶେଷ ହେଲାବେଳକୁ ମାଆ ବି ଚାଲିଗଲେ । ତାପରେ ସତେ ଯେମିତି ଦୁନିଆର ସବୁ ଦୁଃଖ କଷ୍ଟ ତଅପୋଇର କପାଳରେ ଛିଣ୍ଡି ପଡିଲା। ତଅପୋଇ ନିଜ ଭାଗ୍ୟକୁ ଆଦରି କାନ୍ଦୁଥାଏ। ଏମିତି କିଛି ଦିନ ବିତିଗଲାପରେ ସାଧବ ପୁଅମାନେ ବଣିଜ ପାଇଁ ବିଦେଶ ଯିବାର ସମୟ ଉପନୀତ ହେଲା। ସାତ ଭାଇଯାକ ସେମାନଙ୍କ ସ୍ତ୍ରୀ ମାନଙ୍କୁ ପାଖକୁ ଡାକି କହିଲେ ଆମ୍ଭେମାନେ ବଣିଜ ପାଇଁ ବିଦେଶ ଯାତ୍ରା କରିବୁ। ତୁମେ ସବୁ ଆମର ଗୋଟିଏବୋଲି ଗେହ୍ଲା ଭଉଣୀ ତଅପୋଇକୁ ଗେହ୍ଲାରେ ପାଳିବ। ତାକୁ ନିଜ ଝିଅ ଭାବି ତା'ର ସବୁ ଅଳି ଅର୍ଦ୍ଦଳି ସହିବ । ତାକୁ ଦୋଳିରେ ଝୁଲେଇବ। ଖିଆପିଆ, ପିନ୍ଧା ଓଢାରେ ଟିକିଏ ବି ଯେମିତି ଊଣା ନହୁଏ ସେଥିପ୍ରତି ଧ୍ୟାନ ଦେବ। ଭାଇମାନଙ୍କର ବିଦେଶ ଯିବାକଥା ଶୁଣି ତଅପୋଇ ଆହୁରି ଦୁଃଖରେ ଭାଙ୍ଗି ପଡିଲା। ଭାଇମାନେ ତାକୁ ବୁଝାଶୁଝା କରି ବଣିଜ ପାଇଁ ଯାତ୍ରା କଲେ । ସାଧବାଣୀମାନେ ଧୂପ,ଦୀପ ଓ ଫୁଲଦେଇ ମା' ମଙ୍ଗଳାଙ୍କୁ ସୁମରଣାକରି ବୋଇତ ବନ୍ଦାଣ କରି ସାଧବମାନଙ୍କୁ ବିଦାୟଦେଲେ।

ବାପା ମାଆ ତ ଆଗରୁ ଚାଲିଯାଇଥିଲେ। ଏବେ ପୁଣି ଭାଇମାନେ ବଣିଜ ପାଇଁ ବିଦେଶ ଚାଲିଗଲେ । ଭାଉଜମାନଙ୍କ ଗହଣରେ କିଛିଦିନ ହସଖୁସୀରେ ତଅପୋଇର ଦିନ କଟିଗଲା। ଦିନେ ତଅପୋଇ ଭାଇମାନଙ୍କ ସହିତ ମିଶି ଦୋଳିରେ ଖେଳୁଥାଏ। କିଏ ତା ମୁଣ୍ଡ କୁଣ୍ଡେଇ ଦେଉଥାଏ ତ କିଏ ମୁଣ୍ଡରେ ଖୋସା କରିଦେଉଥାଏ । କିଏ ପୁଣି ଦୋଳିକୁ ଝୁଲାଇ ଦେଉଥିବାବେଳେ ଆଉ କିଏ ପାଦରେ ଅଳତା ଲଗାଇ ଦେଉଥାଏ । ଏଭଳି ଏକ ଖୁସିର ବାତାବରଣ ମଧ୍ୟରେ ହଠାତ୍ ସେହି ବିଧବା ବ୍ରାହ୍ମଣୀଟି ଭିକ୍ଷାବୃତ୍ତି କରିବା ଉଦ୍ଦେଶ୍ୟରେ ସାଧବ ଘର ଆଗରେ ଠିଆ ହୋଇ ଭିକ୍ଷା ଗଣ୍ଡେ ଦିଅ କହି ବାରମ୍ବାର ଡାକ ପକେଇଲା। ସାଧବ ବୋହୂମାନେ ଆଉ ତଅପୋଇ ଏକାଠି ହସଖୁସୀରେ ସମୟ କାଟୁଥିବାରୁ ବ୍ରାହ୍ମଣୀର ଡାକ ସେମାନେ ଶୁଣି ପାରିଲେ ନାହିଁ। ଅନେକଥର ଡାକିବାପରେ ମଧ୍ୟ କେହି ନଶୁଣିବାରୁ ସେହି ବିଧବା ବ୍ରାହ୍ମଣୀ ନିଜେ ଘର ଭିତରକୁ ପଶିଆସି ଦେଖିଲା ତଅପୋଇ ଦୋଳିରେ ଝୁଲୁଛି ଆଉ ଭାଉଜମାନେ ତା'ର ସେବାରେ ଲାଗିଛନ୍ତି। ଏସବୁ ଦେଖି ବ୍ରାହ୍ମଣୀ ରାଗରେ ଗରଗର ହୋଇ ବଡ ବୋହୂକୁ ପାଖକୁ କହିଲା, ଆଲୋ ଏସବୁ କ'ଣ କରୁଛ । ସାପକୁ ଅଣ୍ଟିରେ ପୂରେଇ କ୍ଷୀର ପିଆଉଛ। ଦିନ ଆସିବ ସେଇ ସାପ ତୁମ ମାନଙ୍କୁ ଚୋଟ ମାରିବ । ସିଏ ପରା ତୁମ ଗେରସ୍ତ ମାନଙ୍କର ଗୋଟିଏ ବୋଲି ଗେହ୍ଲା ଭଉଣୀ। ତୁମମାନଙ୍କ ନାଁରେ ସ୍ୱାମୀମାନଙ୍କୁ କହି ମାଡଗାଳି ଖୁଆଇବ । ସେତେବେଳେ ତୁମ ଅବସ୍ଥା କଣ ହେବ । କେବେ ଭାବିଛ ? ଏମିତି କେତେ କ'ଣ କହିଲାପରେ ଶେଷରେ ପରାମର୍ଶ ଦେଲାଯେ, ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପାକଳି । ବିଧବା ବ୍ରାହ୍ମଣୀର କଥା ସାନ ଭାଉଜ ବ୍ୟତୀତ ଅନ୍ୟ ଛଅ ଭାଉଜଙ୍କ ମନକୁ ପାଇଲା । ତାପରେ ସେମାନେ ଧୀରେଧୀରେ ତଅପୋଇ ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ । ଦୋଳିକୁ ଛିଣ୍ଡେଇ ଦେଲେ, ପଲଙ୍କରେ ନ ଶୁଆଇ ଚଟାଣରେ ଶୁଆଇଲେ। ଭାତ ବଦଳରେ ମୂଷାମାଟି ଓ ଲୁଣ ଖାଇବାକୁ ଦେଲେ ତଅପୋଇକୁ। ଏତିକିରେ ସେମାନଙ୍କର ମନ ଭରିଲାନି ଯେ ଛେଳି ଚରେଇବାପାଇଁ ଜଙ୍ଗଲକୁ ପଠେଇବାକୁ ମଧ୍ୟ ପଛେଇଲେ ନାହିଁ। ବିଚାରୀ ତଅପୋଇ ଆଉ କ'ଣ ବା କରିପାରି ଥାଆନ୍ତା । ଭାଉଜମାନଙ୍କୁ ଡରିମରି ସବୁ କାମ କରିନେଉଥାଏ। ଯାହାକୁ ଘରର ସର ଲବଣୀ ବି ରୁଚୁ ନଥିଲା ସିଏ ଆଜି ମୂଷା ମାଟି ଖାଉଛି। ଭାଗ୍ୟର କି ବିଡମ୍ବନା ସତେ । ସାତ ଭାଉଜଙ୍କ ମଧ୍ୟରେ ସାନ ଭାଉଜ ନୀଳେନ୍ଦ୍ରି ଅତି ସ୍ନେହ ଓ ମମତା ଦେଉଥିଲା ତଅପୋଇକୁ। ଯେଉଁଦିନ ସାନ ଭାଉଜର ପାଳିଥାଏ ସିଏ ମନଜାଣି ତଅପୋଇକୁ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଦିଏ । ନିଜେ ଗେଲକରି ଖୁଆଇ ଦିଏ ବି। ତାକୁ ପାଖରେ ବସେଇ ଗେହ୍ଲାକରେ। କେବଳ ଏଇ ସାନ ଭାଉଜପାଇଁ ତ ତଅପୋଇ ବଞ୍ଚି ରହିଛି ଆଜିଯାଏ। ତଅପୋଇ ସବୁଦିନ ଛେଳି ବଣକୁ ଯାଏ। ଦିନେ ତା'ର ଭାଗ୍ୟ ଖରାପ ହେଲା । ବଣରେ ଛେଳି ଚରାଉ ଚରାଉ ବଡ ଭାଉଜର ଅତି ପ୍ରିୟ ଛେଳି ଘରମଣି ବଣରେ କେଉଁଆଡେ ହଜିଗଲା। ଘରମଣିକୁ ନଦେଖି ବଡ ଭାଉଜ ଅତ୍ୟନ୍ତ କ୍ରୋଧିତ ହେଲା ଆଉ କହିଲା ଆଲୋ ପୋଡା ମୁହଁ, ମୋ ଘରମଣିକୁ କୁଆଡେ ହଜେଇଲୁ। ଏବେ ଯାଇ ମୋ ଘରମଣିକୁ ଖୋଜିଆଣ। ନଚେତ୍ ତୋ ନାକ କାଟିଦେବି । ବିଚାରି ତଅପୋଇ ଉପାୟଶୂନ୍ୟ ହୋଇ ଭୟରେ ପୁଣି ବଣକୁ ଗଲା ଘରମଣିକୁ ଖୋଜିବାପାଇଁ । ଏବେ ସଞ୍ଜ ହୋଇ ରାତି ହେବା ଆରମ୍ଭ ହେଉଥାଏ । ବଣର ପ୍ରାୟ ସବୁଆଡେ ଖୋଜାଖୋଜି କଲାପରେ ମଧ୍ୟ ଘରମଣିକୁ ସେ ଆଉ ପାଇଲା ନାହିଁ । ବଣ ମଧ୍ୟରେ ଏଣେତେଣେ ଚାଲିଚାଲି ପାଦତାର ଫୋଟକା ହୋଇ ଅନେକ କଷ୍ଟ ଲାଗୁଥାଏ । ଭାଉଜ ନାକକାଟି ଦେବାର ଧମକ କଥା ବି ତା'ର ମନେ ପଡ଼ିଯାଉଥାଏ। ତେଣୁ ଯେତେ କଷ୍ଟ ହେଲେବି ସେ ଘରମଣିକୁ ଖୋଜିବା କାମ ଜମା ବନ୍ଦ କରୁନଥାଏ । ମଝିରେ ମଝିରେ ଘରମଣି ଘରମଣି, ତୁ କୁଆଡେ ଗଲୁଲୋ କହି ରଡି ଛାଡୁଥାଏ। (କ୍ରମଶଃ)

# 'ଜୀବନର ରଙ୍ଗାଳୟେ କେତେ ଅଭିନୟ, ଘଟେ ନିତ୍ୟ ନବ ନବ ପାଏଁ ପରିଚୟ'



## କିଶୋର କୁମାର ଜେନା

ଜୀବନ ହେଉଛି ଏକ ଚେତନାର ସ୍ରୋତ। ଜୀବନର ପ୍ରତିଟି ଅଣୁ ସ୍ପନ୍ଦନଶୀଳ। ସକଳ ବସ୍ତୁରେ ଜୀବନ ବିଦ୍ୟମାନ। ନିର୍ଜୀବ ବୋଲି କୌଣସି ବସ୍ତୁ ହିଁ ନାହିଁ। ଖଣ୍ଡିଏ ପଥରର ବି ଜୀବନ ରହିଛି। ବସ୍ତୁମାତ୍ରେ ଯେ ଜୀବନର ସ୍ପନ୍ଦନରେ ପୂର୍ଣ୍ଣ, ତାହା ଅତ୍ୟାଧୁନିକ ବୈଜ୍ଞାନିକମାନେ ସଂପୂର୍ଣ୍ଣରୂପେ ପ୍ରମାଣ କରିସାରିଛନ୍ତି। ଆଜିର ମଣିଷ ଖୁବ ବ୍ୟସ୍ତ। ତା' ନିକଟର ସମୟର ଘୋର ଅଭାବ। ଅଧିକରୁ ଅଧିକ ଅର୍ଥ ଉପାର୍ଜନ ଏବଂ ପ୍ରତିଷ୍ଠା ଲାଭ ପାଇଁ ନିଜ ନିଜ ଭିତରେ ତୁମୁଳ ପ୍ରତିଯୋଗିତା ମେସିନ ପରି ସମୟ କଟଉ କଟଉ ମଣିଷ ନିଜେ ମଧ ପାଲଟି ଯାଉଛି ମେସିନ। ଫଳରେ ଆଚାର, ବିଚାର, ଶିଷ୍ଟାଚାର ଓ ସଂସ୍କୃତିହୀନ ହୋଇ କେବଳ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ସେ ଲାଗି ପଡୁଛି। ଧୀରେ ଧୀର ସମସ୍ତେ ଆତ୍ମକୈନ୍ଦ୍ରିକ ହେଇ ପଡୁଛନ୍ତି। ମୌଳିକ ଆବଶ୍ୟକତା ନାଁରେ ଅସରନ୍ତି କାମନା ବାସନା ପଛରେ ଧାଇଁ ଧାଇଁ ହାଲିଆ ହୋଇ ପଡୁଛନ୍ତି ପଛେ ସେଥିରୁ ନିବୃତ୍ତ ହେଉ ନାହାନ୍ତି। ଚାରିଆଡ଼େ ଖାଲି ବସ୍ତୁବାଦର ମୋହ। ଅର୍ଥଲାଭ ଜନିତ ଉଚ୍ଚ ଆଶା। ନିଜ ନିଜ ଭିତରେ ଅଯଥା ପ୍ରତିଯୋଗିତାର ମନୋବୃତ୍ତି, ଭୋଗବାଦ ଇତ୍ୟାଦି ଦ୍ୱାରା ବିଭିନ୍ନ ସାମାଜିକ ବୈଷମ୍ୟ ସୃଷ୍ଟି ହେଉଛି। ଏହାଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ଆପଣାର ଭାବ କମିଯିବା ସହ ଈର୍ଷା, ଦ୍ୱେଷ ଓ ଅସୂୟା ଭାବ ବଢ଼ି ବଢ଼ି ଯାଉଛି। ଆଉ କେତେକ ଭାବୁଛନ୍ତି ପାଖରେ ଧନ ଥିଲେ ହିଁ ଯଶ ଓ ଖ୍ୟାତି ଆପେ ଆପେ ଆସିଥାଏ। ସେମାନେ ଲାଗିପଡୁଛନ୍ତି ଯେତେ ଦୂର ସମ୍ଭବ କମ ପରିଶ୍ରମ କରି କମ ମୁଣ୍ଡ ଖେଳେଇ ପ୍ରଚୁର ଅର୍ଥ ଉପାର୍ଜନ କରିବା ପାଇଁ ଏହାଦ୍ୱାରା ଏକ ବିଚିତ୍ର ମନସ୍ତାତ୍ତ୍ୱିକ ବ୍ୟାଧି ସାରା ସମାଜରେ ଦେଖା ଦେଇଛି।

ନିଜର ଅସରନ୍ତି କାମନା ବାସନା ପୂରଣ କରିବାରେ ବ୍ୟର୍ଥ ହୋଇ କିଭଳି ଏକ ହତାଶଭାବ ତଥା ଅଶାନ୍ତିର ବାତାବରଣ ଆମ ସମସ୍ତଙ୍କୁ ଘେରି ରହିଛି। ଧୀରେ ଧୀରେ ଆମ ମାନଙ୍କ ଭିତରୁ ସରଳତା ତଥା ସରଳ ଜୀବନଯାପନ ପ୍ରଣାଳୀ ଦୂରେଇ ଯିବାରେ ଲାଗିଛି। ଆମେ ଭୁଲିଯାଉଛୁ ସୃଷ୍ଟିକର୍ତ୍ତାଙ୍କ ଅମୂଲ୍ୟଦାନ ଆମ ଜୀବନ ହେଉଛି ଆମର ସବୁଠୁ ମୂଲ୍ୟବାନ ସମ୍ପଦ। ଆଉ ତାକୁ ଆନନ୍ଦରେ ତଥା ଶାନ୍ତିରେ ରଖିବା ହେଉଛି ଆମର ପ୍ରଧାନ କର୍ତ୍ତବ୍ୟ। କାମନାର ଶେଷ ନାହିଁ। କିନ୍ତୁ ଆମ୍ଭେମାନେ ଏହାର ଏକ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରିବା ଦରକାର। ଅର୍ଜନ କରୁଥିବା ଧନ ଆଜି ଅଛି, କାଲିକୁ ନ ଥାଇପାରେ। ଅଯଥା ବସ୍ତୁବାଦର ମୋହରେ ଘାଣ୍ଟି ନ ହୋଇ ନିଜର ଯେତିକି ଆବଶ୍ୟକତା, ସେତିକି ପୂରଣ କରି ସ୍ୱଚ୍ଛରେ ସନ୍ତୁଷ୍ଟ ହୋଇ ସରଳ ନିରାଡ଼ମ୍ବର ଜୀବନଯାପନ କଲେ ଆମେ ଭଲରେ ତଥା ଶାନ୍ତିରେ ରହିପାରିବା। ତରେ ଚଳି ସରଳ ଜୀବନଯାପନ କଲେ ହିଁ ଆମେ ମାନସିକ ଶାନ୍ତି ପାଇପାରିବା। ଯାହା ଆମ ପାଇଁ ନିହାତି ଆବଶ୍ୟକ। ଆମେ ନିଜର ସର୍ବନିମ୍ନ ଅଭାବ ପୂରଣ କରି ସତ, ସରଳ ତଥା ଆଡ଼ମ୍ବରବିହୀନ ଜୀବନଯାପନ କଲେ ସମସ୍ତଙ୍କର ସବୁ ଅଭାବ ପୂରଣ ହେବା ସହିତ ଜୀବନ ଆନନ୍ଦମୟ ହେବ।

ଜୀବନକୁ ନିତ୍ୟାନନ୍ଦମୟ କରିଦିଅନ୍ତୁ। ସତ୍ୟରୁ ଆନନ୍ଦ ଲାଭ କରନ୍ତୁ। ତପଃରୁ ଆନନ୍ଦ ଲାଭ କରନ୍ତୁ। ପ୍ରତ୍ୟେକଟି ଦିନକୁ ଜୀବନର ଅନ୍ତିମ ଦିବସ ବୋଲି ଗ୍ରହଣ କରି ଦିନର ପ୍ରତିଟି ମୁହୂର୍ତ୍ତର ପ୍ରାର୍ଥନା, ଧ୍ୟାନ ଓ ସେବାରେ ନିୟୋଜିତ କରନ୍ତୁ। ଆପଣଙ୍କ ଜୀବନ ଭଗବତ୍ ପଦାରବିନ୍ଦରେ ଏକ ନିୟତ ଉତ୍ସର୍ଗରେ ପରିଣତ ହୋଇଯାଉ। ଏହି ଆଲେଖ୍ୟ ସମୟରେ ମନେପଡୁଛି ବ୍ୟାସକବି ଫକୀରମୋହନଙ୍କ ସେହି କାଳଜୟୀ ଧାଡ଼ି 'ଜୀବନର ରଙ୍ଗାଳୟେ କେତେ ଅଭିନୟ, ଘଟେ ନିତ୍ୟ ନବ ନବ ପାଏଁ ପରିଚୟ। ଉଲ୍ଲାସ, ବିଳାସ ସୁଖ ବିବିଧ ପ୍ରକାର, ବିଳାପ ସନ୍ତାପ କେଉଁ ଦିନ ହା ହା କାର।'


ଆଇନଜୀବୀ, ବଙ୍ଗାଳିସାହି,
କଟକ,
ମୋ: ୭୩୨୫୯୦୪୯୨୭


## କବିତା କୋଣାର୍କ



### ଫୁଟପାଥ୍

**ସୁଧାଂଶୁ ଶେଖର ଦ୍ୱିବେଦୀ**

ଫୁଟପାଥ୍ ଚାଲିଥାଏ
ସଡ଼କ ସହିତ
ଯେମିତି ସହରର ଭିଡ଼ ଭିତରେ
ଚାଲିଥାଏ ମା'ଟିଏ
ନିଜ ସନ୍ତାନର ହାତ ଧରି।

ଗାଁର ଜୟକୃଷ୍ଣ
ସହରରେ ଜ୍ୟାକି ହେଇଗଲା
ଗାଁର ପାଦଚଲା ମାଟି ରାସ୍ତା
ସହରରେ ପହଞ୍ଚୁ ପହଞ୍ଚୁ
ଫୁଟପାଥ୍ ହେଇଗଲା।

ଯେଉଁମାନଙ୍କୁ ସହରରେ
ମିଳେନି ଆଶ୍ରା
ଫୁଟପାଥ୍ ହେଇଯାଏ ଘର
ଫୁଟପାଥ୍‌ରେ କେବଳ
ପଥିକ ଚାଲନ୍ତି ନାହିଁ
ଗଢ଼ିଥାଏ କେତେ କେତେ ଜୀବନ।


+ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨


### ପାଞ୍ଚାଳୀର ସ୍ୱର

**ଡ. ଭାରତୀ ହୋତା**



ହେ କୃଷ୍ଣ !!
ପୁଣି ଥରେ ପ୍ରସାରି ଦିଅ
ବୈକୁଣ୍ଠରୁ ମର୍ତ୍ତ୍ୟପୁର
ତୁମ ବସ୍ତ୍ରର କୁହୁକ
ତ୍ରସ୍ତା ଏଠି କେତେ ପାଞ୍ଚାଳୀ
ଅଧର୍ମର କୁରୁ ସଭା ତଳେ
କପଟ ପଶାର ମୋହରା
ବିବଶ ନାୟିକା ।

ହେ କେଶବ !!
ତୁମ ପଞ୍ଚାବନ କୋଟି ବସ୍ତ୍ରର ଭଣ୍ଡାର
ଏଠି ପଡ଼ିପାରେ ନିଅଣ୍ଟ
ଦୁଃଶାସନ ଏବେ ଥକି ପଡ଼ିବନି
ଖୋଲିବାରେ ବେହରଣ ତା'ର,
ସହସ୍ର ପିତାମହ ଏଠି ମୌନ
ଶତ ସଭାଷଦ ବିବଶ
ଉପଭୋଗ କରିବେ ଆଖି ଖୋଲି
କ୍ରିଷ୍ଟାର କଷଣ...

ଶତ ସୁତପୁତ୍ର ପ୍ରମୋଦିତ
ହୃଦୟରେ ଦୁର୍ବାର ବାସନାର ରଙ୍ଗୀନ
ସ୍ୱପ୍ନ
ଭୁଲିବାକୁ ଲାଖବିନ୍ଧାର
ଅସହ୍ୟ ଲାଞ୍ଛନ।

ହେ ମାଧବ !!
ଲମ୍ପଟ ଗାନ୍ଧାରୀ ସୁତ ପ୍ରଲୁବ୍ଧ ନୟନେ
ଖୋଜି ବୁଲେ ରାଣୀ ହଂସପୁରେ
ଅସ୍ପୃଶ୍ୟା ସେ ମୁକ୍ତ କେଶା
ଅସହାୟ ଧର୍ମପୁତ୍ରର ବିବଶ ଅଶ୍ରୁଳ
ନୟନ
ଶକ୍ତି ହୀନ ସେଠି ପାର୍ଥର ଗାଣ୍ଡୀବ
ଭୀମ ସାଜେ ସ୍ଥାବର
ମାନ ହୁଏ ଭୂଲୁଣ୍ଠିତ ।

ହେ ଗୋବିନ୍ଦ !
ତବ ଆଭିର୍ଭାବ
ଧର୍ମ ସଂସ୍ଥାପନାର୍ଥେ
ଥରେ ଫେରି ଆସ
କରିବାକୁ ଧର୍ମ ସଂସ୍ଥାପନ
ଆଜି ପ୍ରତି କୋଣେ ଭୀତତ୍ରସ୍ତା
ବିବର୍ଣ୍ଣା ଯାଜ୍ଞସେନୀ
ସରିଯିବନି ତୁମ ଅସରନ୍ତି ବସ୍ତ୍ର ଭଣ୍ଡାର
ଘୋଡ଼େଇ ଦିଅ
ଶତ ଦ୍ରୌପଦୀର ଅନାବୃତ ଅଙ୍ଗ ।

ହେ ଚକ୍ରୀ !!
ଉଠାଅ ତୁମ ଚକ୍ର ସୁଦର୍ଶନ
ଶତ ଶତ ପାଞ୍ଚାଳୀର ଆକୁଳ ପ୍ରାର୍ଥନା
ନିଶ୍ଚୟ ଆନ୍ଦୋଳିତ ହେଉଥିବ
ହୃଦୟ ତୁମ
ପରିକଳ୍ପନା କି ଆଉ
ଏକ ମହାଭାରତର
ହେବ କି ଧରାବତରଣ ?


+ଖରିଆର ରୋଡ଼
ନୂଆପଡ଼ା

# କ'ଣ ଭୁଲ୍ ପାନିଆ ଦ୍ୱାରା ବି ଚୁଟି ଉପୁଡ଼େ କି ? ପ୍ଲାଷ୍ଟିକ୍, କାଠ ନା ମେଟାଲ୍ କେଉଁ ପାନିଆ କେଶ ପାଇଁ ଭଲ ?



ଶସ୍ତା , ସୁନ୍ଦର , ମଜଭୁତ ଏହି ସବୁ ଶବ୍ଦ ଖାସ୍ କରି ମଧ୍ୟବିତ୍ତ ପରିବାରରେ ଅଧିକ ବ୍ୟବହାର ହୁଏ । ସେ ଘରକରଣା ସାମଗ୍ରୀ ହେଉ କି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସବୁଥିରେ ଆମେ ଶସ୍ତା,ମଜଭୁତର ଯୁଗଳବନ୍ଦୀକୁ ଖୋଜିଥାଉ । ଯେମିତିକି ମୁଣ୍ଡ କୁଣ୍ଡାଉଥିବା ପାନିଆକୁ ହିଁ ନେଇଯାଆନ୍ତୁ । ପ୍ରାୟତଃ ଘରେ ଲୋକମାନେ ମୁଣ୍ଡ କୁଣ୍ଡାଇବା ପାଇଁ ପ୍ଲାଷ୍ଟିକ୍ ପାନିଆର ବ୍ୟବହାର କରିଥା'ନ୍ତି । ସୁଲଭ ମୂଲ୍ୟ ସାଙ୍ଗକୁ ବିଭିନ୍ନ ଡିଜାଇନରେ ଉପଲବ୍ଧ ଥିବାରୁ ପ୍ଲାଷ୍ଟିକ୍ ପାନିଆ ପ୍ରାୟତଃ ସମସ୍ତଙ୍କ ପସନ୍ଦ ଥାଏ । କିନ୍ତୁ ପ୍ଲାଷ୍ଟିକର ହୋଇଥିବାରୁ ଏଥିରେ ଚୁଟି ଫସିବା ଭଳି ଅସୁବିଧା ମଧ୍ୟ ଦେଖାଯାଏ । ଖାଲି ଚୁଟି ଫସିବା ନୁହେଁ ଏଥିରେ ଥିବା ପଏଣ୍ଟେଡ୍ ଦାନ୍ତ କେଶମୂଳରେ ବାଜି ଖଣ୍ଡିଆ ହେବାର ମଧ୍ୟ ସମ୍ଭାବନା ଥାଏ। ବର୍ତ୍ତମାନ ସୋସିଆଲ୍



ମିଡିଆରେ କାଠର ପାନିଆ ବ୍ୟବହାର କରିବାକୁ ବହୁତ ବିଜ୍ଞାପନ ଆସୁଛି । ଯାହା ନିମ୍ବ କାଠ କିମ୍ବା ବାଉଁଶକୁ କାଟି ତିଆରି କରାଯାଏ । ଏଥିରେ ଷ୍ଟେଟିକ୍ ଚାର୍ଜ ନଥିବା କାରଣରୁ ଏହା କେଶମୂଳ ପାଇଁ ବହୁତ ଭଲ ହୋଇଥାଏ । ଡର୍ମାଟୋଲୋଜିଷ୍ଟ ଡାକ୍ତର କଶିଶ କାଲରା କୁହନ୍ତି ଯେ ଆଜିକାଲି ଯେତେ ପ୍ରକାର ପାନିଆ ବଜାରରେ ବିକ୍ରି ହେଉଛି, ତାହା ନିମ୍ବ, ବାଉଁଶ କିମ୍ବା ପ୍ଲାଷ୍ଟିକର ହେଉନା କାହିଁକି ସବୁ ବିଜ୍ଞାପନର ଅଂଶ ଅଟେ । ସୋସିଆଲ ମିଡିଆରେ କଣ୍ଟେଣ୍ଟ ପାଇଁ କିଛି ଖାସ ପ୍ରକାରର ପାନିଆକୁ ଭଲ ବୋଲି କୁହାଯାଏ । କିନ୍ତୁ ପାନିଆ କିଣିବା ସମୟରେ ଏହି କଥା ପ୍ରତି ନିଶ୍ଚୟ ଧ୍ୟାନ ରଖନ୍ତୁ ଯେ ତାହା ସବୁବେଳେ ଚଉଡ଼ା ଦାନ୍ତ ଥିବା ପାନିଆ ହୋଇଥିବା ଦରକାର । ତାର ଦାନ୍ତ ଗୁଡ଼ିକ ପଏଣ୍ଟେଡ୍ ହୋଇନଥିବା ଦରକାର । ଏହା ଦ୍ୱାରା କେଶମୂଳରେ କ୍ଷତ ହୋଇପାରେ । ପାନିଆକୁ ପ୍ରତିଥର ବ୍ୟବହାର କରିବା ପରେ କିମ୍ବା ପ୍ରତି ୨ ଦିନରେ ଗରମ ପାଣି ଏବଂ ସାବୁନରେ ଧୋଇବା ଦରକାର । ଦିନରେ ୨ ଥରରୁ ଅଧିକ ମୁଣ୍ଡ କୁଣ୍ଡାଇବାର କୌଣସି ଆବଶ୍ୟକତା ନାହିଁ । ପ୍ରତି ୩ ରୁ ୬ ମାସ ପରେ ପାନିଆକୁ ବଦଳାନ୍ତୁ ।

ମୁଣ୍ଡ କୁଣ୍ଡାଇବା ନିହାତି ଜରୁରି , ଏହାଦ୍ୱାରା କେଶମୂଳରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ । ଯାହାଦ୍ୱାରା ଚୁଟି ଧଳା ହୁଏ ନାହିଁ , ମୃତ ଚର୍ମ ବାହାରିଯାଏ ଏବଂ ରୂପି ସମସ୍ୟା ମଧ୍ୟ ହୁଏ ନାହିଁ । ତେବେ ମୁଣ୍ଡ କୁଣ୍ଡାଇବାର ମଧ୍ୟ ଅନେକ ଉପାୟ ଅଛି, ଯାହାକୁ ଅନେକ ଲୋକ ଜାଣିନାହାନ୍ତି । ମୁଣ୍ଡ କୁଣ୍ଡାଇବା ପୂର୍ବରୁ ଚୁଟିକୁ ଅନେକ ଭାଗରେ ବାଣ୍ଟି ଦିଅନ୍ତୁ । ଏହାଦ୍ୱାରା ଚୁଟି ଛିଣ୍ଡିବ ନାହିଁ । କେବେବି ଓଦା ଚୁଟିରେ ମୁଣ୍ଡ କୁଣ୍ଡାନ୍ତୁ ନାହିଁ । ହାଲୁକା ଓଦା ହୋଇଥିଲେ ହେୟାର ସିରମ ନିଶ୍ଚୟ ଲଗାନ୍ତୁ ଏବଂ କୁଣ୍ଡାଇବା ପୂର୍ବରୁ ହାତରେ ଚୁଟିକୁ ଶୁଖାନ୍ତୁ । ଯେଉଁଭଳି ଭାବରେ ରୁମାଲ, ଟୁଥବ୍ରଶ ବ୍ୟକ୍ତିଗତ ହୋଇଥାଏ, ସେହିଭଳି ପାନିଆ ମଧ୍ୟ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ସାମଗ୍ରୀ ଅଟେ । ଅନେକ ଥର ଲୋକ ନିଜ ପରିବାରର କୌଣସି ସଦସ୍ୟ କିମ୍ବା ସାଙ୍ଗର ପାନିଆ ବ୍ୟବହାର କରିଦିଅନ୍ତି ଯାହାକି ଭୁଲ । ଅନ୍ୟର ପାନିଆ ବ୍ୟବହାର କରିବା ଦ୍ୱାରା ରୂପି କିମ୍ବା ଚର୍ମ ସଂକ୍ରମଣ ହୋଇପାରେ । ଯଦି ଅନ୍ୟର ପାନିଆ ଅସଫା ହୋଇଥାଏ ତେବେ ଚୁଟି ଏବଂ କେଶମୂଳର ପ୍ରାକୃତିକ ତେଲ ସେଥିରେ ଲାଗିଯାଏ ଯାହାଦ୍ୱାରା ଦୁଇ ମୁହାଁ ଚୁଟି ବଢ଼ିପାରେ ।

ଯେତେବେଳେ ବି ଶରୀର ପାଇଁ ପ୍ରୋଟିନ୍‌ର ଆବଶ୍ୟକତା କଥା ଆସେ, ଅଧିକାଂଶ ଲୋକଙ୍କ ମନକୁ ପ୍ରଥମେ ଅଣ୍ଡା, ମାଛ କିମ୍ବା ମାଂସର ଚିତ୍ର ଆସିଥାଏ । ଏହା ସତ ଯେ ଅଣ୍ଡା ପ୍ରୋଟିନ୍‌ର ଏକ ଉତ୍ତମ ଉତ୍ସ, ଗୋଟିଏ ବଡ଼ ଅଣ୍ଡାରେ ପ୍ରାୟ ୬ ଗ୍ରାମ୍ ପ୍ରୋଟିନ୍ ମିଳିଥାଏ । କିନ୍ତୁ, ଏହା ଏକ ଭୁଲ ଧାରଣା ଯେ କେବଳ ଆମିଷ ଖାଦ୍ୟରେ ହିଁ ଭଲ ପରିମାଣର ପ୍ରୋଟିନ୍ ମିଳେ । ଆମ ଚାରିପାଖରେ ଏପରି ଅନେକ ଶାକାହାରୀ ଖାଦ୍ୟ ଅଛି, ଯେଉଁଥିରେ ଅଣ୍ଡା ତୁଳନାରେ କେଇ ଗୁଣା ଅଧିକ ପ୍ରୋଟିନ୍ ରହିଛି । ଶରୀରର ମାଂସପେଶୀ ଗଠନ, କୋଷିକାର ମରାମତି ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଜରୁରୀ । ଯଦି ଆପଣ ଜଣେ ଶାକାହାରୀ କିମ୍ବା ନିଜ ଖାଦ୍ୟରେ ଅଧିକ ପ୍ରୋଟିନ୍ ସାମିଲ କରିବାକୁ ଚାହୁଁଛନ୍ତି, ତେବେ ଏହି ୪ଟି ଖାଦ୍ୟ ଆପଣଙ୍କ ପାଇଁ ଏକ ଉତ୍ତମ ବିକଳ୍ପ ହୋଇପାରେ ।

# ଆଉ ଅଣ୍ଡା କାହିଁକି ? ଏହି ୪ଟି ଶାକାହାରୀ ଖାଦ୍ୟରେ ରହିଛି ତା'ଠାରୁ ଅଧିକ ପ୍ରୋଟିନ୍

## ପନିର୍ :

ଭାରତୀୟ ଖାଦ୍ୟରେ ପନିରର ସ୍ଥାନ ସ୍ୱତନ୍ତ୍ର । ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ପ୍ରୋଟିନ୍‌ର ଏକ ବିଶାଳ ଭଣ୍ଡାର ମଧ୍ୟ ।

♦ ପ୍ରୋଟିନ୍‌ର ମାତ୍ରା : ୧୦୦ ଗ୍ରାମ୍ ପନିରରେ ପାଖାପାଖି ୧୮-୨୦ ଗ୍ରାମ୍ ପ୍ରୋଟିନ୍ ମିଳିଥାଏ, ଯାହାକି ପ୍ରାୟ ୩ଟି ଅଣ୍ଡାର ପ୍ରୋଟିନ୍ ସହିତ ସମାନ ।

♦ ଅନ୍ୟାନ୍ୟ ଲାଭ : ପନିରରେ କ୍ୟାଲସିୟମ୍ ଭରପୂର ମାତ୍ରାରେ ଥାଏ, ଯାହା ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଏଥିରେ ଥିବା କେସିନ୍ ପ୍ରୋଟିନ୍ ଧୀରେ ଧୀରେ ହଜମ ହୁଏ, ଯାହା ଦ୍ୱାରା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ରହିବାର ଅନୁଭବ ହୁଏ ।

♦ କିପରି ଖାଇବେ : ଆପଣ ଏହାକୁ ତରକାରୀ, ପନିର୍ ଭୁର୍ଜି, ସାଲାଡ୍ କିମ୍ବା କଞ୍ଚା ମଧ୍ୟ ଖାଇପାରିବେ ।

## ମସୁର ବା ମୁଗ ଡାଲି :

ଡାଲି ପ୍ରତ୍ୟେକ ଭାରତୀୟ ଘରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ଶସ୍ତା, ସହଜରେ ଉପଲବ୍ଧ ଏବଂ ପ୍ରୋଟିନ୍‌ରେ ଭରପୂର ।

♦ ପ୍ରୋଟିନ୍‌ର ମାତ୍ରା : ଏକ କପ୍ (ପ୍ରାୟ ୨୦୦ ଗ୍ରାମ୍) ରନ୍ଧା ଡାଲିରେ ପାଖାପାଖି ୧୮ ଗ୍ରାମ୍ ପ୍ରୋଟିନ୍ ମିଳେ । ଏହା ମଧ୍ୟ ପ୍ରାୟ ୩ଟି ଅଣ୍ଡା ସହ ସମାନ ।

♦ ଅନ୍ୟାନ୍ୟ ଲାଭ : ଡାଲିରେ ପ୍ରୋଟିନ୍ ସହିତ ଫାଇବର୍, ଆଇରନ୍, ଫୋଲେଟ୍ ଏବଂ ଅନ୍ୟାନ୍ୟ ଜରୁରୀ ପୋଷକ ତତ୍ତ୍ୱ ମଧ୍ୟ ପ୍ରଚୁର ପରିମାଣରେ ଥାଏ । ଫାଇବର୍ ପାଚନ କ୍ରିୟାକୁ ସୁସ୍ଥ ରଖେ ।

♦ କିପରି ଖାଇବେ : ଡାଲି, ଡାଲମା, ସୁପ୍ କିମ୍ବା ଖେଚୁଡ଼ି ଆକାରରେ ଏହାକୁ ଖାଦ୍ୟରେ ସାମିଲ କରାଯାଇପାରେ ।

## କାବୁଲି ଚଣା :

ଛୋଲେ ବା ଘୁଗୁନି ଭାବରେ ପରିଚିତ କାବୁଲି ଚଣା କେବଳ ସ୍ୱାଦରେ ଜବରଦସ୍ତ ନୁହେଁ, ପୋଷଣରେ ମଧ୍ୟ କମ୍ ନୁହେଁ ।

♦ ପ୍ରୋଟିନ୍‌ର ମାତ୍ରା : ଏକ କପ୍ ରନ୍ଧା କାବୁଲି ଚଣାରେ ପ୍ରାୟ ୧୫ ଗ୍ରାମ୍ ପ୍ରୋଟିନ୍ ଥାଏ । ଏହା ପାଖାପାଖି ଅଢ଼େଇଟି ଅଣ୍ଡାର ପ୍ରୋଟିନ୍ ସହ ସମାନ ।

♦ ଅନ୍ୟାନ୍ୟ ଲାଭ : ଏଥିରେ ଉଭୟ ପ୍ରୋଟିନ୍ ଓ କାର୍ବୋହାଇଡ୍ରେଟ୍‌ର ଭଲ ସନ୍ତୁଳନ ଥାଏ, ଯାହା ଶରୀରକୁ ଶକ୍ତି ଯୋଗାଇଥାଏ । ଏହା ମଧ୍ୟ ଫାଇବରର ଏକ ଭଲ ଉତ୍ସ ।

♦ କିପରି ଖାଇବେ : ଏହାକୁ ତରକାରୀ, ସାଲାଡ୍ କିମ୍ବା ସିଝାଇ ସ୍ନାକ୍ସ ଭାବରେ ଖାଇପାରିବେ ।

## କଖାରୁ ମଞ୍ଜି :

ଆମେ ସାଧାରଣତଃ କଖାରୁ ମଞ୍ଜିକୁ ଫୋପାଡ଼ି ଦେଇଥାଉ, କିନ୍ତୁ ଏହା ପୋଷକ ତତ୍ତ୍ୱର ଏକ ଛୋଟ ପ୍ୟାକେଜ୍ ।

♦ ପ୍ରୋଟିନ୍‌ର ମାତ୍ରା : ମାତ୍ର ୩୦ ଗ୍ରାମ୍ (ପ୍ରାୟ ୨-୩ ଚାମଚ) କଖାରୁ ମଞ୍ଜିରେ ୯ ଗ୍ରାମ୍ ପର୍ଯ୍ୟନ୍ତ ପ୍ରୋଟିନ୍ ମିଳିଥାଏ, ଯାହା ଗୋଟିଏ ବଡ଼ ଅଣ୍ଡାଠାରୁ ଯଥେଷ୍ଟ ଅଧିକ ।

♦ ଅନ୍ୟାନ୍ୟ ଲାଭ : ଏଥିରେ ମ୍ୟାଗ୍ନେସିୟମ୍, ଜିଙ୍କ୍, ଆଇରନ୍ ଏବଂ ସୁସ୍ଥ ଫ୍ୟାଟ୍ ଭରପୂର ମାତ୍ରାରେ ଥାଏ, ଯାହା ହୃତପିଣ୍ଡ ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଲାଭଦାୟକ ।

♦ କିପରି ଖାଇବେ : ଏହାକୁ ଭାଜି କରି ସ୍ନାକ୍ସ ଭଳି, ସାଲାଡ୍, ଦହି କିମ୍ବା ସୁପ୍ ଉପରେ ପକାଇ ଖାଇପାରିବେ ।

ତେଣୁ, ପରବର୍ତ୍ତୀ ଥର ଯେତେବେଳେ ଆପଣ ପ୍ରୋଟିନ୍ ପାଇଁ କେବଳ ଅଣ୍ଡା ବିଷୟରେ ଭାବିବେ, ଏହି ଶକ୍ତିଶାଳୀ ଶାକାହାରୀ ବିକଳ୍ପଗୁଡ଼ିକୁ ମନେ ପକାଇବାକୁ ଭୁଲିବେ ନାହିଁ । ଏକ ସୁସ୍ଥ ଓ ସନ୍ତୁଳିତ ଖାଦ୍ୟ ମାଧ୍ୟମରେ ଆପଣ ନିଜ ଶରୀରର ସମସ୍ତ ପ୍ରୋଟିନ୍ ଆବଶ୍ୟକତାକୁ ସହଜରେ ପୂରଣ କରିପାରିବେ ।



# ବର୍ଷାରେ ଘର ଭିତରକୁ ପଶି ଆସୁଛନ୍ତି କି ଜନ୍ଦା, ପିମ୍ପୁଡ଼ି ? ଏମିତି କରନ୍ତୁ ଉପାୟ ଘରେ ପଶିବେନି ପୋକ , କୀଟ

ବର୍ଷାରେ ଥଣ୍ଡା ପବନ ସାଙ୍ଗକୁ ଗରମରୁ ସିନା ମୁକ୍ତି ମିଳିଥାଏ ହେଲେ ଏ ସମୟରେ ଘରକୁ ଅଦିନିଆ ଅତିଥି ହୋଇ କିଛି ପୋକ,କୀଟ ପ୍ରବେଶ କରନ୍ତି । ଜନ୍ଦାଠାରୁ ଆରମ୍ଭ କରି ପିମ୍ପୁଡ଼ି ଏବଂ ଛୋଟ ଛୋଟ କୀଟ ଖାଇବା ଦ୍ରବ୍ୟ ଉପରେ ନିଜର କବଜା କରିନିଅନ୍ତି । ବର୍ଷାରେ ଆର୍ଦ୍ରତା ଏବଂ ସିଲନ ହେତୁ ପିମ୍ପୁଡ଼ିମାନେ ଘରେ ବହୁତ ଶୀଘ୍ର ବ୍ୟାପି ଯାଆନ୍ତି । ଯଦି ଆପଣ ମଧ୍ୟ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ଆମେ ଆପଣଙ୍କ ପାଇଁ ଏପରି ସହଜ ଏବଂ ଘରୋଇ ଉପଚାର ଆଣିଛୁ, ଯାହାଦ୍ୱାରା ମିନିଟ୍‌ରେ ପିମ୍ପୁଡ଼ିମାନଙ୍କର ଆତଙ୍କ କମ୍ କରାଯାଇପାରିବ ।



### ଲେମ୍ବୁ :

ଲେମ୍ବୁର ଖଟା ସ୍ୱାଦ ଏବଂ ଏହାର ବାସ୍ନା ପିମ୍ପୁଡ଼ିମାନଙ୍କୁ ଆଦୌ ପସନ୍ଦ ଆସେନାହିଁ ।
ଗୋଟିଏ ଲେମ୍ବୁର ରସ ବାହାର କରି ସେଥିରେ ଅଳ୍ପ ପାଣି ମିଶାନ୍ତୁ ।
ଏହି ମିଶ୍ରଣକୁ ସ୍ପ୍ରେ ବୋତଲରେ ଭର୍ତ୍ତି କରି ସେହି ସ୍ଥାନମାନଙ୍କରେ ସ୍ପ୍ରେ କରନ୍ତୁ ଯେଉଁଠାରେ ପିମ୍ପୁଡ଼ିମାନେ ଅଧିକ ଦେଖାଯାଆନ୍ତି ।
ଦିନକୁ ଦୁଇଥର ବ୍ୟବହାର କଲେ ପରିବର୍ତ୍ତନ ସ୍ପଷ୍ଟ ଭାବରେ ଦେଖାଯିବ ।

### ଡାଲଚିନି ପାଉଡର :

ଡାଲଚିନିର ଗନ୍ଧ ପିମ୍ପୁଡ଼ିମାନଙ୍କୁ ଘଉଡ଼ାଇବାର ଏକ ଉତ୍ତମ ଉପାୟ ।
ଡାଲଚିନି ପାଉଡରକୁ ପିମ୍ପୁଡ଼ିମାନଙ୍କର ରାସ୍ତା ଏବଂ କୋଣରେ ପକାନ୍ତୁ ।
ଆପଣ ଚାହିଲେ ଡାଲଚିନି ତେଲକୁ ପାଣିରେ ମିଶାଇ ମଧ୍ୟ ସ୍ପ୍ରେ କରିପାରିବେ ।

### ଲୁଣ :

ଏକ ଗ୍ଲାସ୍ ଉଷୁମ ପାଣିରେ ଦୁଇ ଚାମଚ ଲୁଣ ପକାଇ ଗୋଳାନ୍ତୁ ।
ଏହି ଘୋଳକୁ ପିମ୍ପୁଡ଼ିମାନଙ୍କର ରାସ୍ତାରେ ସ୍ପ୍ରେ କରନ୍ତୁ ।
କିଛି ମିନିଟ୍‌ରେ ପ୍ରଭାବ ଦେଖାଯିବ ।

### ସିର୍କାର ପ୍ରଭାବଶାଳୀ ଉପଚାର

ସିର୍କା କେବଳ ପିମ୍ପୁଡ଼ିମାନଙ୍କୁ ଘଉଡ଼ାଏ ନାହିଁ ବରଂ ସେମାନଙ୍କ ଦ୍ୱାରା ଛଡ଼ାଯାଇଥିବା ଗନ୍ଧର ଚିହ୍ନକୁ ମଧ୍ୟ ଲିଭାଇ ଦିଏ ।
ସିର୍କା ଏବଂ ପାଣିକୁ ସମାନ ପରିମାଣରେ ମିଶାନ୍ତୁ ।
ସ୍ପ୍ରେ ବୋତଲରେ ଭର୍ତ୍ତି କରି ଫାଟ, କୋଣ ଏବଂ ରୋଷେଇ ଘର କାଉଣ୍ଟର ଉପରେ ସ୍ପ୍ରେ କରନ୍ତୁ ।
ଦିନକୁ ଦୁଇଥର ବ୍ୟବହାର କଲେ ପରିବର୍ତ୍ତନ ସ୍ପଷ୍ଟ ଭାବରେ ଦେଖାଯିବ ।

### ପୁଦିନା ତେଲ

ପୁଦିନା ତେଲର ବାସ୍ନା ପିମ୍ପୁଡ଼ିମାନଙ୍କୁ ଦୂରରେ ରଖେ ।
ପାଣିରେ ୧୦ ବୁନ୍ଦା ପୁଦିନା ତେଲ ପକାଇ ମିଶାନ୍ତୁ ।
ସ୍ପ୍ରେ ସାହାଯ୍ୟରେ ଘରର କୋଣ ଏବଂ ଦ୍ୱାର ଉପରେ ଲଗାନ୍ତୁ ।

### ପିମ୍ପୁଡ଼ିମାନଙ୍କଠାରୁ ରକ୍ଷା ପାଇବା ପାଇଁ ଅତିରିକ୍ତ ଟିପ୍ସ

ଖାଦ୍ୟ ଏବଂ ପାନୀୟ ଜିନିଷଗୁଡ଼ିକୁ ସର୍ବଦା ଘୋଡ଼ାଇ ରଖନ୍ତୁ ।
ରୋଷେଇ ଘର ଏବଂ ଘରକୁ ଶୃଙ୍ଖଳା ଏବଂ ସଫା ରଖନ୍ତୁ ।
ଫାଟ ଏବଂ ଛିଦ୍ରଗୁଡ଼ିକୁ ସିଲ୍ କରନ୍ତୁ ଯାହାଦ୍ୱାରା ପିମ୍ପୁଡ଼ିମାନଙ୍କୁ ଭିତରକୁ ପ୍ରବେଶ କରିବାର ରାସ୍ତା ନ ମିଳେ ।

ବର୍ଷା ଦିନରେ ପିମ୍ପୁଡ଼ିମାନଙ୍କଠାରୁ ମୁକ୍ତି ପାଇବା କଷ୍ଟକର ଲାଗିପାରେ କିନ୍ତୁ ଏହି ଘରୋଇ ଉପଚାରଗୁଡ଼ିକୁ ଆପଣାଇ ଆପଣ ମିନିଟ୍‌ରେ ସେମାନଙ୍କର ଆତଙ୍କ କମ୍ କରିପାରିବେ । ଲେମ୍ବୁ, ଡାଲଚିନି, ଲୁଣ, ସିର୍କା ଏବଂ ପୁଦିନା ତେଲ ଭଳି ପ୍ରାକୃତିକ ଉପାୟ କେବଳ ସୁରକ୍ଷିତ ନୁହେଁ ବରଂ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଭାବ ମଧ୍ୟ ଦେଖାଇଥାଏ ।



# କେଉଁ କେଉଁ କାରଣ ଯୋଗୁ ହଳଦିଆ ପଡ଼େ ଦାନ୍ତ ? କ'ଣ କୁହନ୍ତି ଏକ୍ସପର୍ଟ

ମଣିଷର ଆତ୍ମବିଶ୍ୱାସ ଦ୍ୱିଗୁଣ ବଢ଼ାଇଥାଏ ସୁନ୍ଦର ହସ । କିନ୍ତୁ ଯଦି ଦାନ୍ତ ହଳଦିଆ ପଡ଼ିଯାଏ ତା'ହେଲେ ଆତ୍ମବିଶ୍ୱାସ କମିବା ସହ ଲୋକଙ୍କ ଆଗରେ କଥା ହେବାକୁ ଲାଜ ମଧ୍ୟ ଲାଗେ । ଏହା ବେଳେବେଳେ ମୁଖ ସ୍ୱାସ୍ଥ୍ୟ ପାଇଁ ମଧ୍ୟ କ୍ଷତିକାରକ ହୋଇପଡ଼େ । ଅଧିକ ଚା',କଫି ଏବଂ ଠିକ୍ ଭାବରେ ବ୍ରଶ୍ ନକଲେ ଦାନ୍ତରେ ହଳଦିଆ ଆସ୍ତରଣ ଜମି ଯାଏ । ଯାହାଫଳରେ ଦାନ୍ତ ହଳଦିଆ ପଡ଼େ । ତେବେ ଏନେଇ ବିଶେଷଜ୍ଞ କୁହନ୍ତି , ଯଦି ଆପଣଙ୍କର ଦାନ୍ତ ମଧ୍ୟ ହଳଦିଆ ପଡ଼ିଛି ଏବଂ ଆପଣ ବୁଝିପାରୁ ନାହାନ୍ତି ଯେ ଭଲ ଭାବରେ ବ୍ରଶ୍ କରିବା ପରେ ମଧ୍ୟ ଦାନ୍ତର ହଳଦିଆପଣ କାହିଁକି ଯାଉନାହିଁ ତେବେ ଏହି ପାଠଟି କେବଳ ଆପଣଙ୍କ ପାଇଁ । ଦାନ୍ତର ହଳଦିଆପଣ ଦୁଇଟି କାରଣରୁ ହୋଇଥାଏ । ଗୋଟିଏ ହେଉଛି external stains ଏବଂ surface stains ଅର୍ଥାତ୍ ବାହ୍ୟ ଦାଗ ଏବଂ ଆଭ୍ୟନ୍ତରୀଣ ଦାଗ । external stains ଦୁର୍ବଳ ଓରାଲ୍ ହାଇଜିନ୍ କାରଣରୁ ହୋଇଥାଏ । ଦ୍ୱିତୀୟଟି ଖାଦ୍ୟପେୟ କାରଣରୁ ହୋଇପାରେ । ଯେପରିକି ଅଧିକ ହଳଦୀ ଥିବା ଖାଦ୍ୟ ଖାଇବା, ଚା' କଫି ଅଧିକ ପିଇବା କିମ୍ବା ଆଇରନ୍‌ର କୌଣସି ଔଷଧ ନେବା । ଯଦି ଆପଣ ତମାଖୁ ଖାଆନ୍ତି କିମ୍ବା ସ୍ମୋକିଙ୍ଗ୍ କରନ୍ତି ତେବେ ତାହାଦ୍ୱାରା ମଧ୍ୟ ଦାନ୍ତ ହଳଦିଆ ପଡ଼ିବାକୁ ଲାଗେ ।

# ବିଏମ୍ ସି ମେୟର ଏକାଦଶ ଓ କମିଶନର ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ

ଭୁବନେଶ୍ୱର, ୧୯/୦୮ (ନି.ପ୍ର): ସ୍ୱାୟତ୍ତ ଶାସନ ଦିବସ ଅବସରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ରିକ୍ରିଏସନ କ୍ଲବ ପକ୍ଷରୁ ଆଜି ମେୟର ଏକାଦଶ ଓ କମିଶନର ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ଟସ୍ ଜିଣି କମିଶନର ଏକାଦଶ ବ୍ୟାଟିଂ ସାଇଡ୍ ନେଇଥିଲା । ପ୍ରଥମେ ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ବଲ୍ ପକାଇ ଖେଳର ଶୁଭାରମ୍ଭ କରିଥିବା ବେଳେ କମିଶନର ଶ୍ରୀ ଚଂଚଳ ରାଣା ବ୍ୟାଟିଂର ଶୁଭାରମ୍ଭ କରିଥିଲେ । ୧୨ ଓଭର ବିଶିଷ୍ଟ ଏହି ମ୍ୟାଚରେ ଓପନର ଭାବେ କମିଶନର ଏକାଦଶର କ୍ୟାପଟେନ ତଥା କମିଶନର ଶ୍ରୀ ଚଂଚଳ ରାଣା ଓ ଭାଇସ୍ କ୍ୟାପଟେନ ତଥା ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ ପଡିଆକୁ ଓହ୍ଲାଇଥିଲେ । ଅଧିନାୟକ ଶ୍ରୀ ରାଣା ଆକର୍ଷଣୀୟ. ଛକା ମାରି ସମସ୍ତଙ୍କୁ ସମ୍ମିଭୂତ କରିଥିଲେ । ଜୋନାଲ କମିଶନର ଶ୍ରୀ ରାକେଶ ପାତ୍ର, ଇଂଜିୟର ତାରସ ମାରାଣ୍ଡି, ଜୋନାଲ କମିଶର ମନ୍ମଥ କୁମାର ନାୟକ, ଧନଞ୍ଜୟ ମହାନ୍ତ ପ୍ରମୁଖ ଭଲ ଖେଳ ପ୍ରଦର୍ଶନ କରିଥିଲେ । ୫ ୱିକେଟ୍ ବିନିମୟରେ କମିଶନର ଏକାଦଶକୁ ୧୭୬ ରନରେ ଶାନ୍ତ ହେବାକୁ ପଡିଥିଲା ୧୭୭ ରନ୍ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ମେୟର ଏକାଦଶର କ୍ୟାପଟେନ ମହିର କୁମାର ରାଉତ ଓ ତାଙ୍କ ଟିମ୍ । ଅଲ ରାଉଣ୍ଡର ଶେକ୍ ନୁର୍ ହାସନ ଛକା ଚୌକାର ବର୍ଷା କରି ଦଳକୁ ୧୫୧ ରନରେ ପହଂଚାଇ ଦେଇଥିଲେ । ସେ ବ୍ୟକ୍ତିଗତ ଭାବେ ଏକାକି ୭୦ ରନ୍ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଛନ୍ତି । ମେୟର ଏକାଦଶ ପକ୍ଷରୁ ବିଂଚି ନାରାୟଣ ମହାସୁପକାର, ରାମଚନ୍ଦ୍ର ରଣସିଂହ, ଅଜିତ୍ ବେହେରା, ନୃପେଶ କୁମାର ନାୟକ, କୁମାରେନ୍ଦ୍ର ମହାପାତ୍ର, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଏଥିରେ ଭଲ ଖେଳ ପ୍ରଦର୍ଶନ କରିଥିଲେ । ବେଶ ଆନନ୍ଦ ଉଲ୍ଲାସର ସହ ଆଜିର ଏହି ବନ୍ଧୁତାପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ସଂପର୍କକୁ ନିବିଡ କରିବା ସହ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚର ଉଦେଶ୍ୟ । କେବଳ ସେତିକି ନୁହେଁ, ଅଧିକାରୀ ଓ କର୍ମଚାରୀମାନେ ବର୍ଷସାରା କାର୍ଯ୍ୟରେ ନିମଗ୍ନ ରହୁଛନ୍ତି । ସେମାନଙ୍କ ମନରେ ଟିକିଏ ଆନନ୍ଦ ଦେବାରେ ଏହି ମ୍ୟାଚ୍ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ମେୟର ଶ୍ରୀମତୀ ଦାସ । କର୍ମକ୍ଳାନ୍ତ ଜୀବନରେ ଟିକିଏ ଅପନୋଦନ ସହ ପରସ୍ପର ମଧ୍ୟରେ ସଂପର୍କକୁ ସୁଦୃଢ କରିବା ପାଇଁ ପ୍ରଶାସକ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଏପରି ସୌହାର୍ଦ୍ଦ୍ୟପୂର୍ଣ୍ଣ ମ୍ୟାଚ୍ ପ୍ରତିବର୍ଷ ଅନୁଷ୍ଠିତ ହେବା ଦରକାର । ଏହା ଦ୍ୱାରା ପରସ୍ପର ମଧ୍ୟରେ ଥିବା ସମସ୍ତ ମନୋମାଳିନ୍ୟ ଦୂର ହୋଇଥାଏ ବୋଲି କହିଛନ୍ତି ବିଏମ୍ ସି କମିଶନର ଶ୍ରୀ ରାଣା । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁଙ୍କ ସହ ବହୁ କର୍ପୋରେଟର, ବିଏମ୍ ସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଡିଜିଟାଲ ଫସଲ ସର୍ବେକ୍ଷଣ ନିମନ୍ତେ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୧୯/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କୃଷି ବିଭାଗ ତରଫରୁ ଡିଜିଟାଲ ଫସଲ ଖରିଫ -୨୦୨୫ ସର୍ବେକ୍ଷଣ ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଶେ ଚନ୍ଦ୍ର ମଲିକ, ଉଦ୍ୟାନ କୃଷି ବିଭାଗ ଅଧିକାରୀ ଦେବଦାସ ଦତ, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡିଏସ୍‌ଡବ୍ଲ୍ୟୁ, ଏଡିଏଓ କମଳାକାନ୍ତ ଦାସ, ହେମନ୍ତ ସାମଲ, ଆରଆଇ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଡିଜିଟାଲ ଫସଲ ସର୍ବେକ୍ଷଣ କିଭଳି ସୁରୁଖୁରୁରେ ହୋଇପାରିବ ସେ ସଂପର୍କରେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କ ସମେତ ଆଲୋଚନା କରିଥିଲେ ।

# ଅପରାଧ ନିୟନ୍ତ୍ରଣରେ ଭଦ୍ରକ ଏସ୍‌ପିଙ୍କ ହେଲପ୍ ଲାଇନ୍ ନମ୍ବର ଜାରି

ଭଦ୍ରକ, ୧୯/୦୮ (ନି.ପ୍ର):ଏହି ଜିଲାରେ ଅପରାଧ ନିୟନ୍ତ୍ରଣ ରୋକିବା ନେଇ ଏସ୍‌ପି ମନୋଜ ରାଉତ ହେଲପ୍ ଲାଇନ୍ ନମ୍ବର ଜାରି କରିଛନ୍ତି । ଏହାଫଳରେ ଲୋକେ ଅପରାଧ ଓ ଅପରାଧୀଙ୍କ ପ୍ରତି ସତର୍କ ରହିବା ସହ ଆବଶ୍ୟକ ପଡିଲେ ଯଥାଶୀଘ୍ର ପୁଲିସ୍‌ର ସହାୟତା ନେଇପାରିବେ ବୋଲି ଜିଲା ପୁଲିସ୍ ପ୍ରଶାସନ ପକ୍ଷରୁ ଏସ୍‌ପି ଶ୍ରୀ ରାଉତ୍ ଏକକାଳୀନ ୬ଟି ଜରୁରୀ ହେଲପ୍ ଲାଇନ୍ ନମ୍ବର ଜାରି କରିଛନ୍ତି । ବିଶେଷକରି ମହିଳାଙ୍କ ବିରୋଧରେ ବଢିଚାଲିଥିବା ହିଂସା ଏବଂ ତଳସ୍ତରରେ ଘଟୁଥିବା ଅପରାଧ ନିୟନ୍ତ୍ରଣ କରିବା ପାଇଁ ଶ୍ରୀ ରାଉତଙ୍କ ପକ୍ଷରୁ ଏହି ହେଲପ୍ ଲାଇନ୍ ନମ୍ବର ଜାରି ହୋଇଛି । ଏହି ନମ୍ବର ମଧ୍ୟରେ ମହିଳାଙ୍କ ସୁରକ୍ଷା ଲାଗି ୧୮୧, ଶିଶୁ ସୁରକ୍ଷା ଡେସ୍କ ଲାଗି ୧୦୯୮, ଜରୁରୀ କାଳୀନ ହେଲପ୍ ଲାଇନ୍ ପାଇଁ ୧୧୨, ମାନସିକ ସ୍ୱାସ୍ଥ୍ୟ ପାଇଁ ୧୮୦୦୮୯୧୪୪୧୬ / ୧୪୪୧୬, ଜିଲା ଏସ୍‌ପିଙ୍କର ୯୫୩୮୦୦୨୮୬୪୪ ଏବଂ ଜିଲା ଏସ୍‌ପି ଅଫିସ୍ ପାଇଁ ୦୬୭୮୪୨୪୨୦୩୫ ନମ୍ବର ଜାରି କରାଯାଇଛି । ଜାରି କରାଯାଇଥିବା କିଛି ହେଲପ୍ ଲାଇନ୍ ନମ୍ବର ଜରିଆରେ ମକ ଡ୍ରିଲ୍ କରାଯାଇଥିବାବେଳେ ଆଉ କିଛି ବାକି ଥିବା ବିଷୟ ଏସ୍‌ପି ଶ୍ରୀ ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଲୋକଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସହିତ ତଳ ସ୍ତରରେ ବୃଦ୍ଧି ପାଉଥିବା ଅପରାଧ ଉପରେ ପୁଲିସ୍ କଡା ନଜର ରଖିବା ନେଇ ଏଭଳି ହେଲପ୍ ଲାଇନ୍ ନମ୍ବର ଜାରି କରାଯିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ରାଉତ କହିଛନ୍ତି । ଇତିମଧ୍ୟରେ ସବୁ ଥାନାରେ ହେଲପ୍ ଲାଇନ୍ ନମ୍ବର ୧୧୨ ଉପରେ ମକଡ୍ରିଲ୍ କରାଯାଇଥିଲେ ମଧ୍ୟ ମହିଳା ସୁରକ୍ଷା ପାଇଁ ଉଦ୍ଦିଷ୍ଟ ହେଲପ୍ ଲାଇନ୍ ନମ୍ବର ୧୮୧ ଏବଂ ଶିଶୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ୧୦୯୮ ହେଲପ୍ ଲାଇନ୍ ନମ୍ବରକୁ ନେଇ ମକଡ୍ରିଲ ପାଇଁ ଜିଲାର ସବୁ ଥାନାକୁ ଅବଗତ କରାଯାଇଛି । ଅନୁରୂପ ଜିଲାର ଯୁବଛାତ୍ର ବର୍ଗଙ୍କ ପୁଲିସ୍ ସହାୟତା ଲାଗି ଏସ୍‌ପି ନିଜେ ତାଙ୍କ ନମ୍ବର ଓ ଅଫିସ୍ ନମ୍ବର ଦେଇଛନ୍ତି । ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ଏହି ହେଲପ୍ ଲାଇନ୍ ନମ୍ବରକୁ ସାର୍ବଜନୀନ କରିବା ପାଇଁ ଏହାକୁ ବିଭିନ୍ନ ଛକ ଓ ଜନଗହଳି ସ୍ଥାନମାନଙ୍କରେ ୱାଲ ପେଂଟି ଜରିଆରେ କରାଯିବା ନେଇ ଶ୍ରୀ ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ମାଲକାନଗିରି ବିଧାୟକଙ୍କ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ

ମାଲକାନଗିରି, ୧୯/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ବିଭିନ୍ନ ସ୍ଥାନରେ ଜଳମଗ୍ନ ଅବସ୍ଥା ଦେଖାଦେଇଛି । ଏହି ପରିସ୍ଥିତିରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି । ଲଗାଣ ବର୍ଷା ଫଳରେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି, ଯାହା ଫଳରେ ଅନେକ ପୋଲ ଉପରେ ଜଳ ପ୍ରବାହିତ ହେଉଛି । ବିଧାୟକ ଶ୍ରୀ ମାଡ଼କାମି ଏକ ପ୍ରତିନିଧି ଦଳ ସହିତ ପୋଟେରୁ , କନ୍ୟାଶ୍ରମ ଏବଂ କାଙ୍ଗୁରୁକୋଣ୍ଡା ପୋଲ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଏହି ପରିଦର୍ଶନରେ କାଲିମେଲା ବିଡ଼ିଓ ପ୍ରଦୀପ କୁମାର କର ସମେତ ସଞ୍ଜୟ ସରକାର, ନିହାର ରାୟ, ମାଣିକ ଲାଲ ଚକ୍ରବର୍ତ୍ତି, ରତନ ବଣିକ, ନବଘନ ଲୋକେଇ, ପରିମଳ ବିଶ୍ୱାସ, ଦୀପକ ସାହା, ପ୍ରମିଳା ଦାସ, ରାକେଶ ରାୟ ଓ ଅନ୍ୟାନ୍ୟ ପ୍ରତିନିଧି ଉପସ୍ଥିତ ଥିଲେ । ବର୍ତ୍ତମାନ କେବଳ କନ୍ୟାଶ୍ରମ ପୋଲ ଉପରେ ଜଳ ପ୍ରବାହିତ ହେଉଛି, ଅନ୍ୟ ପୋଲ ଗୁଡ଼ିକରେ ସ୍ଥିତି ସୁଧୁରିଛି ଏବଂ ଯାତାୟାତ ସ୍ୱାଭାବିକ ହୋଇପାରିଛି । ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ଅବସ୍ଥାରେ ଅଛନ୍ତି । ବିଡିଓ ଏବଂ ପୁଲିସ କର୍ମଚାରୀମାନେ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବା ସହିତ ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ରହିଛନ୍ତି । ରିଲିଫ କାର୍ଯ୍ୟ ଜାରି ରହିଛି, ଏବଂ ୪୦୦ରୁ ଅଧିକ ବନ୍ୟା ପ୍ରଭାବିତ ଲୋକଙ୍କୁ ଖାଦ୍ୟ ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯାଇଛି । ବିଧାୟକ ଶ୍ରୀ ମାଡ଼କାମି କହିଛନ୍ତି ଯେ ବନ୍ୟା ପ୍ରଭାବିତ ନିମ୍ନ ପୋଲ ଗୁଡ଼ିକୁ ଉଚ୍ଚସ୍ତରୀୟ କରାଯିବ ଏହାର ସମୀକ୍ଷା କରି, ଶୀଘ୍ର କିପରି ନୂଆ ଉଚ୍ଚସ୍ତରୀୟ ପୋଲ ହେବ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ।

# ରସାୟନ ବିଭାଗରେ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ରର ପ୍ରଥମ ଦିବସ ଅନୁଷ୍ଠିତ

କେନ୍ଦୁଝର, ୧୯/୦୮ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଆନୁକୁଲ୍ୟରେ "ଶକ୍ତି ଓ ପରିବେଶ " ବିଷୟବସ୍ତୁକୁ ଆଧାର କରି ଏକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ସଭାରେମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଆଇ ଏମ ଏମ ଟି ର ନିର୍ଦ୍ଦେଶକ ଡ଼କ୍ଟର ରାମାନୁଜ ନାରାୟଣ । ସେ ତାଙ୍କ ବକ୍ତବ୍ୟ ରେ କହିଲେ ପରିବେଶ ଓ ଶକ୍ତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଓ ଉଭୟ ର ଭାରସାମ୍ୟ ରକ୍ଷା କରିବା ରସାୟନ ବିଭାଗ ର ପ୍ରମୁଖ କର୍ତ୍ତବ୍ୟ ହେବା ଦରକାର । ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ଭି ଏସ ଏସ ୟୁ ଟି ବୁର୍ଲା ର ପ୍ରଫେସର ଶରତ କୁମାର ସ୍ୱାଇଁ ସେ ତାଙ୍କ ବକ୍ତବ୍ୟ ରେ ପରିବେଶ ସୁରକ୍ଷା କୁ ଗୁରୁତ୍ୱ ଦେଇଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ର ଅଧ୍ୟକ୍ଷ ଡ଼କ୍ଟର ପ୍ରଭୁ ପ୍ରସାଦ ଦାସ ସଭାପତିତ୍ୱ କରି ତାଙ୍କ ବକ୍ତବ୍ୟରେ କହିଥିଲେ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଗବେଷଣା କୁ ଗୁରୁତ୍ୱ ଦେଇ ବିଭିନ୍ନ ଆଲୋଚନା ଚକ୍ରମାନ କରୁଛି ଏହା ଉଭୟ ଛାତ୍ର ଛାତ୍ରୀ ଓ ଅଧ୍ୟାପକ ମାନଙ୍କର ବୌଦ୍ଧିକ ବିକାଶରେ ସହାୟତା ହୋଇ ପାରିବ । କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦେଇଥିଲେ ଓ ସେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଡ଼କ୍ଟର ଶ୍ରୀଧର ସନ୍ୟାସୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଡ଼କ୍ଟର ଯୋଶବନ୍ତ ନାରାୟଣ ସିଂ ବାବୁ ଆଲୋଚନା ଚକ୍ର ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେଡ଼କ୍ଟର ଡି ଗ୍ରହାଚାର୍ଯ୍ୟ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଡ଼କ୍ଟର ଅନୁପମା ଦାସ । ହାଇବ୍ରିଡ ମୋଡରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଓ ଦେଶବିଦେଶରୁ ବିଷୟ ବିଶେଷଜ୍ଞ ମାନେ ଏଥିରେ ଯୋଗ ଦାନ କରିଥିଲେ । ଯୋଗଦେଇଥିବା ବିଷୟ ବିଶେଷଜ୍ଞ ମାନେ ହେଉଛନ୍ତି ଡ଼କ୍ଟର ସୁବାଷ ଚନ୍ଦ୍ର ମଲ୍ଲିକ, ଡ଼କ୍ଟର ନସିମ କୁମାର ଧଳ, ସୁରେଶ ଚନ୍ଦ୍ର ଖୋଟୋଇ ଓ ଡ଼କ୍ଟର ସୁଚିସ୍ମିତା ଆଚାର୍ଯ୍ୟ (ଟେକ୍ସାସ ୟୁ ଏସ ଏ) । ଆଜି ତିନୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଡ଼କ୍ଟର ପ୍ରକାଶ ପଲ୍, ଶ୍ରୀମତୀ ରୋନିତା ନାୟକ ତଥା ବିଭାଗ ର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ।

## ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୧୯/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟଠାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କର ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣିରେ ମୋଟ ୪୬ଟି ଆବେଦନ ଗ୍ରହଣ କରାଯାଇ ଥିଲା । ଯେଉଁଥିରୁ ୩୮ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୮ଟି ସମସ୍ୟା ଗ୍ରାମୀୟ ସମସ୍ୟା ସହିତ ଜଡିତ ଥିଲା । ହେଲେ ମାତ୍ର ୦୬ଟି ଅଭିଯୋଗ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଯାଇଥିଲା । ଅଭିଯୋଗ ଶୁଣାଣୀ ପରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, କ୍ଷେତ୍ରୀୟ ପରିବହନ ଅଧିକାରୀ ସହିତ ସମ୍ବଲପୁର ଜିଲ୍ଲାରେ ଯାତାୟାତ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ସହରକୁ ସ୍ଥାୟୀ ଓ ପରିବେଶ-ଅନୁକୂଳ ଯାନବାହନ ଚଳାଚଳ କରିବା ପାଇଁ ପ୍ରସ୍ତାବିତ କ୍ରୁଟ୍ ( କ୍ୟାପିଟାଲ ରିଜିୟନ ଅର୍ବାନ୍ ଟ୍ରାନ୍ସପୋର୍ଟ) ବସ ଡିପୋ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ ।

# ବଗଲା ଧର୍ମଶାଳାକୁ ନେଇ ଆପ୍‌ର ଜିଲ୍ଲପାଳଙ୍କୁ ଦାବିପତ୍ର

ପୁରୀ, ୧୯/୦୮ (ନି.ପ୍ର): ବଗଲା ଧର୍ମଶାଳା ଗରିବ ତୀର୍ଥଯାତ୍ରୀ, ପର୍ଯ୍ୟଟକ ପାଇଁ ସମର୍ପିତ ହୋଇ ନିର୍ମାଣ କରାଯାଇଥିଲା । ଗତ ସରକାର ସମୟରେ ୬ ଜଣଙ୍କୁ ଏହା ଆବଂଟନ ହେଇଥିଲା । ଏହି ସମୟରେ ବିଜେପି ବିରୋଧ ଦଳ ରେ ଥିବାରୁ ଖୋଦ ସମ୍ବିତ ପାତ୍ର ଯେ କି ବର୍ତମାନ ର ସାଂସଦ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ଏହା ପରେ କୋର୍ଟ ଏହା ଉପରେ ରହିତାଦେଶ ଲଗାଇଥିଲେ । ଏହି ମାମଲା ରେ ଖୋଦ ପ୍ରଭାତୀ ପରିଡା ଯେ କି ଉପ ମୁଖ୍ୟମନ୍ତ୍ରୀ ଅଛନ୍ତି ବର୍ତମାନ ସମୟରେ ସେ ମଧ୍ୟ ଏହି ମାମଲା ରେ ଚୁପ ଅଛନ୍ତି । ବର୍ତମାନ ବଗଲା ରେ ଜଣେ ସେବାୟତ ସେଠାରେ ନିର୍ମାଣ କାର୍ଯ୍ୟ କରୁଛନ୍ତି । ଆମ ଆଦମୀ ପାର୍ଟି ର ପ୍ରଶ୍ନ ଯେ ମାମଲା କୋର୍ଟ ରେ ବିଚାରଧୀନ ଥିବା ବେଳେ କେମିତି ଜଣେ ଅବମାନନା କରି ନିର୍ମାଣ କରୁଛି ଓ ତାକୁ ଜିଲ୍ଲା ପ୍ରଶାସନ ରୋକ କରୁନାହିଁ । ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିବା ପରେ ମଧ୍ୟ ଏହା ର ନିର୍ମାଣ ଏପର୍ଯ୍ୟନ୍ତ ଚାଲିବା ଆଶ୍ଚର୍ଯ୍ୟ ଲାଗୁଛି । ସାଂସଦ ଓ ଉପ ମୁଖ୍ୟମନ୍ତ୍ରୀ ଏହି ମାମଲା ରେ ଚୁପ ରହିବାରୁ ଜଣା ପଡୁଛି । ଯେ ବିଜେପି ହାଇକୋର୍ଟକୁ ବି ମାନୁନାହିଁ କୁହାଯାଉଛି । ତେଣୁ ଆମ ଆଦମୀ ପାର୍ଟି ଚେତାବନୀ ଦେଉଛି ଯେ ଯଦି ପ୍ରଶାସନ ଓ ସରକାର ଏହି ନିର୍ମାଣକୁ ବନ୍ଦ ନ କରନ୍ତି ତେବେ ଆମେ ଆଗାମୀ ଦିନରେ ଆମରଣ ଅନଶନ କରିବାକୁ ବାଧ୍ୟ ହେବୁ । ପୁରୀର ସୁରକ୍ଷା ଓ ଆଇନ ରକ୍ଷା ପାଇଁ ଆମେ ଜୀବନ ଦେବାକୁ ବି ପ୍ରସ୍ତୁତ ଅଛୁ । ଆମର ଯଦି କ୍ଷତି କିଛି ହୁଏ ତେବେ ପ୍ରଶାସନ ଓ ବିଜେପି ସରକାର ଉତରଦାୟୀ ରହିବେ । ଆଜିର ଏହି ଦାବିପତ୍ର ଜିଲ୍ଲପାଳଙ୍କୁ ଦେବା ସମୟରେ ସଂଜୀବ ମହାନ୍ତି, ତପସ୍ୱିନୀ ଜଗଦେବ,ସନ୍ଧ୍ୟା ଦାସ, ସମିନା ନାୟକ, ରମାକାନ୍ତ ସ୍ୱାଇଁ, ରବୀନ୍ଦ୍ର ସାହୁ, ଦେବ ପ୍ରଧାନ, ଅନିଲ ସେନାପତି, ଜନ୍ମେଜୟ ସ୍ୱାଇଁ, ଯୁଧିଷ୍ଠିର ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ସବୁ ଧର୍ମାବଲମ୍ବୀ ନୁଆଁଖାଇ ପାଳିବାର ଅପିଲ କଲା ଓଡିଶା ସାଂସ୍କୃତିକ ସମାଜ

ସମ୍ବଲପୁର, ୧୯/୦୮ (ନି.ପ୍ର): ରାଜ୍ୟର ସମସ୍ତ ଧର୍ମାବଲମ୍ବୀ ନୁଆଁଖାଇ ଗଣପର୍ବକୁ ପାଳନ କରିବାକୁ ଓଡିଶା ସାଂସ୍କୃତିକ ସମାଜ ଆହ୍ୱାନ ଦେଇଥିବା ବେଳେ ନୂଆପଡା ଓ କଳାହାଣ୍ଡି ଜିଲ୍ଲାକୁ ମଧ୍ୟ ନୁଆଖାଇ ଛୁଟିରେ ସାମିଲ କରିବାକୁ ଦାବି ଉଠାଇଲା ପଶ୍ଚିମାଂଚଳ ପିପୁଲ୍ସ ଫୋରମ । ଏହି ଦାବି କରି ନୂଆଖାଇକୁ ଏକ ନୂତନ ସମ୍ମାନ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି । ଓଡିଶା ସାଂସ୍କୃତିକ ସମାଜ ଠାରେ ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ସବୁ ଧର୍ମାବଲମ୍ବୀ ମାନଙ୍କୁ ନୂଆଖାଇ ଗଣ ପର୍ବ ପାଳନ କରିବା ଉଦେଶ୍ୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । କମିଟିର ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ସମ୍ବଲପୁର ଏକ ସର୍ବ ଧର୍ମ ସମନ୍ୱୟର ସହର । ଭାଇଚାରାକୁ ବଜାୟ ରଖିବାକୁ ଏହି ଗଣଉତ୍ସବ ପାଳନ କରିବାକୁ ପ୍ରତ୍ୟେକ ବର୍ଗକୁ ଅନୁରୋଧ ପୂର୍ବକ ଆହ୍ୱାନ ଜଣାଇଛନ୍ତି । ଏହି ସଭାରେ ଶିଖ ସମ୍ପ୍ରଦାୟ ପକ୍ଷରୁ ରଣଜିତ୍ ସିଂ, ମୁସଲିମ ପକ୍ଷରୁ ମହମ୍ମଦ ଜୁଲ୍ଫିକର ଭୁଟ୍ଟୋ, ହମିଦ୍ ରେହମାନ୍, ସିନ୍ଧି ସମାଜରୁ ଗୁଲାବ ଚାନ୍ଦ ପୃଥିୱାନୀ, ଯାଦବ ସମାଜରୁ ଅନୀଲ କୁମାର ଯାଦବ, ବେଙ୍ଗଲୀ ସମାଜରୁ ଅରୁଣ କୁମାର ମୁଖାର୍ଜୀ ଓ ଶୁଭାଶିଷ ସରକାର, ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ସ୍ମୃତି ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇ ସେମାନଙ୍କ ସମ୍ପ୍ରଦାୟ ନୁଆଁଖାଇ ଭେଟଘାଟ କରିବାକୁ ଆୟୋଜିତ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସାଂସ୍କୃତିକ ସମାଜର ଆବାହକ ରାମାନୁଜ ପଣ୍ଡା, ଅଖିଳ ରଞ୍ଜନ ପଟ୍ଟନାୟକ, ସୁଶାନ୍ତ ଗୁରୁ, ତାପସ କୁମାର ଦାସ, ଦିଲୀପ କୁମାର ବଘାର, ସୁରେଖା ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ସେହିପରି ଉତରାଂଚଳ ରାଜସ୍ୱ କମିଶନରଙ୍କୁ ପଶ୍ଚିମାଂଚଳ ପିପୁଲ୍ସ ଫୋରମ୍ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ନୁଆଁଖାଇ ପରବର୍ତୀ ଦିନକୁ ସମଗ୍ର ପଶ୍ଚିମ ଓଡ଼ିଶାରେ ସରକାରୀ ଛୁଟି ଘୋଷଣା କରିବାକୁ ସର୍ବସମ୍ମତିକ୍ରମେ ଦାବି କରାଯାଇଛି । ଏପରିକି ନୁଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଛୁଟୀ ପାଇଁ ଦାବି କରି ଫୋରମର ଭକ୍ତ ପ୍ରସାଦ ନନ୍ଦ, ହିଣ୍ଡାଲକୋର ପୂର୍ବତନ ସଭାପତି ଇଂ ସୁଶାନ୍ତ ଗୁରୁ, ସମାଜ୍‌ସେବୀ ଭାରତୀ ପଣ୍ଡା, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ପୁରସ୍କାରପ୍ରାପ୍ତ ସଂଗୀତଜ୍ଞ ମୋତିଲାଲ୍ ଦୋରା ଓ ଫୋରମର ଆବାହକ ଡ. ସପନ ମିଶ୍ର ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

## ଆବାସିକ ବିଦ୍ୟାଳୟ ଛାତ୍ରାବାସରୁ ଛାତ୍ର ନିରୁଦ୍ଦିଷ୍ଟ

ବାରିପଦା, ୧୯/୦୮ (ନି.ପ୍ର): ବାରିପଦା ପୌର ପରିଷଦର ତୁଳସୀଚୌରା ସ୍ଥିତ ବିଦ୍ୟା ବିକାଶ ଆବାସିକ ବିଦ୍ୟାଳୟ ଛାତ୍ରାବାସରୁ ଜଣେ ଛାତ୍ର ନିରୁଦ୍ଦିଷ୍ଟ ହୋଇଛନ୍ତି । ଛାତ୍ର ଜଣକ ହେଲେ ପ୍ରକାଶ ଚନ୍ଦ୍ର ମହାନ୍ତ । ସେ ଉକ୍ତ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ବେଳେ ସନ୍ଧ୍ୟା ସମୟରେ କାହାକୁ କିଛି ନଜଣାଇ କୁଆଡେ ଚାଲି ଯାଇଛନ୍ତି । ଏନେଇ ପ୍ରଧାନ ଶିକ୍ଷକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅନେକ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନପାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଛାତ୍ରାବାସରୁ ଜଣେ ଛାତ୍ର ନିଖୋଜ ହେବାକୁ ନେଇ କର୍ତ୍ତୃପକ୍ଷଙ୍କ ପ୍ରତି ଆଙ୍ଗୁଳି ଉଠିଛି । କର୍ତ୍ତୃପକ୍ଷଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଏହା ହୋଇଛି । ଅନ୍ୟପକ୍ଷରେ ଛାତ୍ରାବାସ ପରିସରରେ ସିସିଟିଭିର ବ୍ୟବସ୍ଥା ନଥିବା ପ୍ରିନ୍ସିପାଲ ନିଜେ ସ୍ୱୀକାର କରିଛନ୍ତି । ଆବାସିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ କର୍ତ୍ତୃପକ୍ଷଙ୍କ ଏହିପରି କାର୍ଯ୍ୟକଳାପ ପ୍ରତି ଜିଲ୍ଲା ପ୍ରଶାସନ ଯାଞ୍ଚ କରିବାର ନିହାତି ଆବଶ୍ୟକତା ରହିଛି ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି ।

# ମଠ ମନ୍ଦିରରୁ ଚୋରୀ ସାମଗ୍ରୀ ସହ ଦୁଇ ଚୋର ଗିରଫ: ବାଇକ୍ ଜବତ, ପୁଲିସ୍‌ର ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୧୯/୦୮ (ନି.ପ୍ର): ଭଦ୍ରକ ଜିଲା ଧାମନଗର ଥାନା ଅଂଚଳରେ ମଠ ମନ୍ଦିରରୁ ଚୋରି ଘଟଣାରେ ୨ ଜଣଙ୍କୁ ଧାମନଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ଦୁହେଁ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ର ଯଇପୁର ଗ୍ରାମର ୩୩ ବର୍ଷୀୟ ଯୁବକ ସେକ୍ ମୁସ୍ତାକ ,ପିତା ସେକ ମୁଶାରଫ ଓ ଧାମନଗର ଏନ୍‌ଏସି ଅଧିନ ହବିବନଗର ର ୪୦ ବର୍ଷୀୟ ମିର ଅରଫାନ , ପିତା ମିର ୟୁନସ । ମୁସ୍ତାକ ବିଭିନ୍ନ ମନ୍ଦିରରୁ ଚୋରି କରିଥିବାବେଳେ ଅରଫାନ ତା ପାଖରୁ ଚୋରି ସାମଗ୍ରୀ ନେଇ ବିକ୍ରି କରିଥାଏ । ତେବେ ୧୬ ତାରିଖ ବିଳମ୍ବିତ ରାତିରେ ଧାମନଗର ଥାନା ର ଏସ ଆଇ ପ୍ରଦୀପ ନାୟକ ଓ ଏ ଏସ ଆଇ ନରେନ୍ଦ୍ର ରାଉତ ରାତ୍ରି କାଳୀନ ପାଟ୍ରୋଲିଂ କରୁଥିବା ବେଳେ ଗୁହାଳିଆ ଛକ ପାଖ ନାୟାରା ପେଟ୍ରୋଲ ଟାଙ୍କୀ ପାଖ ରେ ଏକ ବାଇକି ରେ ଦୁଇ ଜଣ ଆସୁଥିବା ବେଳେ ପୋଲିସ ର ସନ୍ଦେହ ହେବାରୁ ତାକୁ କାବୁ କରିବାକୁ ଯିବା ବେଳେ ଜଣେ ଚୋର ଦୌଡ଼ି ପଳେଇ ଥିଲା । ଅନ୍ୟ ଜଣକୁ ପୋଲିସ ଟିମ ତାକୁ ପିଛା କରି କାବୁ କରି ଥାନାକୁ ଆଣିଥିଲା । ପଚରାଉଚରା ବେଳେ ତା ନାଁ ସେକ ମୁସ୍ତାକ ବୋଲି କହିଥିଲା । ସେକ ମୁସ୍ତାକ କୁ ଜେରା କରିବାରୁ ସେ ଅନେକଗୁଡ଼ିଏ ମଠ ମନ୍ଦିର ଚୋରି ଘଟଣାରେ ସାମିଲ ଥିବା ମାନିଥିଲା । ଏହାସହ ସେ ଗତ କିଛି ମାସ ହେବ ଧାମନଗର ହବିବନଗର ରେ ଜଣକ ଘରେ ରହୁଥିଲା । ଏ ଅଂଚଳରେ ବିଭିନ୍ନ ମଠ ମନ୍ଦିରରୁ ଚୋରି କରି ହବିବନଗରର ମିର ଅରଫାନ ନାମକ ବ୍ୟକ୍ତିଙ୍କୁ ବିକ୍ରି କରୁଥିଲା । ଏହାପରେ ପୋଲିସ ମିର ଅରଫାନକୁ ଉଠାଇ ଆଣିଥିଲା । ତାଙ୍କ ପାଖରୁ ବହୁ ପରିମାଣର ପୂଜା ଉପକରଣ, କଂସା ବାସନ ଆଦି ଜବତ ହୋଇଛି । ଦୁହିଁଙ୍କୁ ଜେରା କରିବାରୁ ଧାମନଗର, ଭଣ୍ଡାରିପୋଖରୀ, ଯାଜପୁର ଟାଉନ, ବିଞ୍ଝାରପୁର ଓ ଅଳକୁଣ୍ଡ ଥାନା ଅଂଚଳର ମଠ ମନ୍ଦିରରୁ ଚୋରି କରିଥିବା ସୂଚନା ଦେଇଥିଲେ । ତଦନ୍ତ ପ୍ରକ୍ରିୟାରେ ଧାମନଗର ପୋଲିସ ଏହି ସବୁ ଥାନାକୁ ସୂଚନା ଦେଇଥିଲା । ତା ସହ କେନ୍ଦ୍ରାପଡ଼ା ଥାନାକୁ ମଧ୍ୟ ଜଣାଇଥିଲା । କେନ୍ଦ୍ରାପଡ଼ା ଥାନା ପୋଲିସର ସୂଚନାକୁ ଆଧାର କରି ଧାମନଗର ଥାନା ଆଇଆଇସି କହିଛନ୍ତି ଯେ, ମୁସ୍ତାକ ବିରୋଧରେ କେନ୍ଦ୍ରାପଡ଼ା ଥାନାରେ ଲୁଟ୍, ଡକାୟତି ଓ ହତ୍ୟା ଭଳି ସଂଗୀନ ଅପରାଧ ଥିବା ୨୦ ଟି ମାମଲା ରହିଛି । ଏହାପରେ ତାକୁ କୋର୍ଟ ଚାଲାଣ କରାଯାଇଛି । ସେପଟେ ତାକୁ ରିମାଣ୍ଡରେ ନେବାକୁ ଯାଜପୁର ଟାଉନ, ବିଞ୍ଝାରପୁର ଓ ଅଳକୁଣ୍ଡ ଥାନା ପୋଲିସ କୋର୍ଟରେ ଆବେଦନ କରିଛନ୍ତି । ଏଇ ମାସେ ହେଲା ଧାମନଗର ଓ ଭଣ୍ଡାରିପୋଖରୀ ଥାନା ଅଂଚଳରେ ପ୍ରବଳ ଚୋରି ହେଉଥିଲା । ଚୋରମାନେ ମଠ, ମନ୍ଦିରକୁ ଟାର୍ଗେଟ କରୁଥିଲେ । ତେବେ ଏହି ଚୋରୀ ସମ୍ପର୍କ ରେ ଧାମନଗର ଥାନା ଅଧିକାରୀ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇ କହିଛନ୍ତି ଯେ ଆହୁରି ଅନେକ ଏଥିରେ ସାମିଲ ଅଛନ୍ତି ଖୁବ ଶିଘ୍ର ସେମାନଙ୍କୁ ଗିରଫ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅଳକୁଣ୍ଡ ଥାନା ଅଧିକାରୀ ଦେବାଶିଷ ଶତପଥୀ , ଏ ଏସ ଆଇ ବିଜୟ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହୀ ଘଟଣା ରେ ଗୋଟିଏ ବାଇକି ଜବତ କରାଯାଇଛି ।ସୂଚନା ଥାଉକି ଏହି ଘଟଣାରେ ଚଳିତ ମାସ ଦ୍ୱିତୀୟ ସପ୍ତାହରେ ୫ ଜଣଙ୍କୁ ଗିରଫ କରାଯାଇଥିଲା ।

# ବୌଦ୍ଧଗଡ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କଠାରେ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ

ବୌଦ୍ଧ, ୧୯/୦୮ (ନି.ପ୍ର): ବୌଦ୍ଧଗଡ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ଠାରେ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଛି କ୍ଷ ଗଣପର୍ବ ନୂଆଖାଇ ପାଇଁ ଧାର୍ଯ୍ୟ ହେଲା ଲଗ୍ନ । ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ପାଇଁ ପରମ୍ପରା ଅନୁସାରେ ବୌଦ୍ଧଗଡ ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ନବାନ୍ନ ଲଗ୍ନ ଧାର୍ଯ୍ୟ କରାଯାଇଛି । ପଣ୍ଡିତ ମଣ୍ଡଳି ଆଲୋଚନା କରିବା ପରେ ଚଳିତ ନୂଆଁଖାଇ ପାଇଁ ଆସନ୍ତା ୨୮ ତାରିଖ ଗୁରୁବାର ଭାଦ୍ରବ ଶୁକ୍ଳପକ୍ଷ ପଂଚମୀ ତିଥିର ସକାଳ ୧୦ ଘଣ୍ଟା ୩୯ ମିନିଟ୍ ରୁ ୧୧ ଘଣ୍ଟା ୨୫ ମିନିଟ୍ ମଧ୍ୟେ ଲଗ୍ନଧାର୍ଯ୍ୟ କରିଛନ୍ତି । ଆସନ୍ତା ୨୮ ତାରିଖ ଗୁରୁବାର ଭାଦ୍ରବ ଶୁକ୍ଳପକ୍ଷ ପଂଚମୀ ତିଥିର ସକାଳ ୧୦ ଘଣ୍ଟା ୩୯ ମିନିଟ୍ ରୁ ୧୧ ଘଣ୍ଟା ୨୫ ମିନିଟ୍ ମଧ୍ୟେ ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ଠାରେ ନବାନ୍ନ ଭୋଗ ଲାଗି କରାଯିବ ବୋଲି ଜ୍ୟୋତିଷାଚାର୍ଯ୍ୟ ସିଦ୍ଧେଶ୍ୱର ଯୋଶୀ ସୂଚନା ଦେଇଛନ୍ତି । ମା ଭୈରବୀଙ୍କ ପୀଠରେ ପ୍ରଥମେ ନବାନ୍ନ ଲାଗି ହେବା ପରେ ଜିଲା ସାରା ଅନ୍ୟ ଦେବାଦେବୀଙ୍କ ଠାରେ ନବାନ୍ନ ଅର୍ପଣ ହେବ, ତାପରେ ଲୋକେ ନିଜ ନିଜ ଇଷ୍ଟ ଦେବାଦେବୀଙ୍କ ଠାରେ ନବାନ୍ନ ଅର୍ପଣ କରି ନିଜେ ନବାନ୍ନ ଗ୍ରହଣ କରିବେ ବୋଲି ମୁଖ୍ୟ ପୂଜକ ଗୌରୀ ଶଙ୍କର ବଡମାଳୀ ପ୍ରକାଶ କରିଛନ୍ତି । ପରମ୍ପରା ପ୍ରକାରେ ମା' ଭୈରବୀଙ୍କ ନିକଟରେ ନବାନ୍ନ ଲାଗି କରାଯିବା ପରେ ମା ଭୈରବୀଙ୍କ ପୀଠରେ ଭକ୍ତମାନଙ୍କୁ ନବାନ୍ନ ଭୋଗ ବିତରଣ କରାଯିବ ।

ଏହି ଅବସରରେ ଜିଲା ବ୍ରାହ୍ମଣ ସମାଜର ସଂପାଦକ ଦେବାଶିଷ ପୁରୋହିତ, ମିନୁ ପ୍ରସାଦ ମିଶ୍ର , ପୂଜକ ହରିହର ବଡମାଳି, ରାଜୀବ ବଡମାଳି, ଏକା ବଡମାଳି, ଧନେ ବଡ଼ମାଳି, ସାନନ୍ଦ ବଡମାଳି, ସିକୁନ ବଡମାଳି, ତରଣୀ ବଡମାଳି, ବିଭୁତି ଭୂଷଣ ବଡମାଳି, ବିଜୟ ମିଶ୍ର, ଶମ୍ଭୁ ପ୍ରସାଦ ମହାକୁଳ, ସଂପଦ ଅଗ୍ରୱାଲା, ଅମର ସାହୁ, ହରେଷ ନାୟକ, ଆଲୋକ ମହାପାତ୍ର , ଅଜିତ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ରଜତ ଜୟନ୍ତୀ ପାଳନ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଓଡ଼ିଶା ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ସଂଘର ରଜତ ଜୟନ୍ତୀ ଉତ୍ସବ ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଓଡ଼ିଶାର ଉନ୍ନତି ପାଇଁ ଡିପ୍ଲୋମା ଇଞ୍ଜିନିୟର ମାନଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ । ଓଡ଼ିଶାକୁ କେମିତି ଅନ୍ୟ ରାଜ୍ୟ ତୁଳନାରେ ଆଗକୁ ନେଇ ହେବ ସେ ବିଷୟରେ ମଧ୍ୟ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ । ଏହି କ୍ରମରେ ବିଭିନ୍ନ ପ୍ରକାରର ସମସ୍ୟା, ଏହାର ସମାଧାନ ରୂପକ ଦସ୍ତାବିଜ ସ୍ଥାନୀୟ ସରକାରୀ ଅଧିକାରୀ ବା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଉପସ୍ଥିତ ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟର ମାନଙ୍କୁ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ରାସ୍ତା, କୋଠାବାଡ଼ି ଓ ଛୋଟରୁ ବଡ ସେତୁ ଗୁଡ଼ିକର ଦୀର୍ଘ ମିଆଦୀ ରକ୍ଷଣାବେକ୍ଷଣ ପାଇଁ ବୈଷୟିକ କମିଟି ଆଞ୍ଚଳିକ ସ୍ତରରେ ଗଠନ କରାଯିବା ଜରୁରୀ ଓ ଏହି କମିଟିରେ ଅଭିଜ୍ଞତା ସମ୍ପନ୍ନ ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନିୟରଙ୍କୁ



ସାମିଲ କରାଯିବ । ୭୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଆୟୁଷ୍ମାନ କାର୍ଡ ବ୍ୟବସ୍ଥା ଥିବାବେଳେ ୬୦ ରୁ ୭୦ ବର୍ଷ ବୟସ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ କିଛି ସୁବିଧା ନାହିଁ ବା କୌଣସି ଭତ୍ତାର ବନ୍ଦୋବସ୍ତ ନାହିଁ । ଏ ବିଷୟରେ ମନ୍ତ୍ରୀ ମହୋଦୟ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତତ୍ ସହିତ ଅବସର ପରେ ପରେ ବିଭିନ୍ନ ପ୍ରାପ୍ୟ ପାଇବାରେ ଅହେତୁକ ବିଳମ୍ବକୁ ସରଳୀକରଣ, କର୍ମଚାରୀଙ୍କ ଅକାଳ ବିୟୋଗ ପରେ ଅଥଥାନ ପାଇଁ ସୁବନ୍ଦୋବସ୍ତ କରାଯିବାର ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟରେ ସମସ୍ତ ରାସ୍ତା ଖାଲଖମା ମୁକ୍ତ କେମିତି ହେବ, ସେ ବିଷୟରେ ତୁରନ୍ତ ପଦକ୍ଷେପ ନିଆଯିବ । ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ସାମ୍ବାଦିକ ତଥା ସମାଲୋଚକ ଡଃ.ରାଜାରାମ ଶତପଥୀ ଡିପ୍ଲୋମା ଇଞ୍ଜିନିୟର ମାନଙ୍କ ଅବଦାନକୁ ପ୍ରଶଂସା କରିବା ସହ ପିଲାଦିନର ଗାଁ ରାସ୍ତା ଓ ଆଜିର ସେହି ରାସ୍ତାର ଏକ ତୁଳନାତ୍ମକ ଛବି ବିଷୟରେ ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ପ୍ରାକ୍ତନ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଓ ଶାସନ ସଚିବ ଇଂ. ଡଃ. ନନ୍ଦ ନନ୍ଦନ ଦାସ ସମଗ୍ର ଇଞ୍ଜିନିୟରିଂ ବିଭାଗକୁ ଗୋଟିଏ ମନ୍ତ୍ରଣାଳୟ ଓ ଗୋଟିଏ ଶାସନ ବ୍ୟବସ୍ଥା ଭିତରେ ରଖିବା ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ । ତାଙ୍କର ଲିଖିତ ପୁସ୍ତକ ପ୍ରଧାନମନ୍ତ୍ରୀଙ୍କ ଚିଠିର ୭ମ ଖଣ୍ଡ ମଧ୍ୟ ମନ୍ତ୍ରୀ ମହୋଦୟ ଉଦଘାଟନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରାଜ୍ୟ ମାନବାଧିକାର କମିଶନର ସଦସ୍ୟ ମାନ୍ୟବର ଶ୍ରୀଯୁକ୍ତ ଚିତ୍ତରଞ୍ଜନ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ କୌଣସି ପରିସ୍ଥିତିରେ ମାନବାଧିକାର କ୍ଷୁର୍ଣ୍ଣ ହେବା ଦୃଷ୍ଟିକୁ ଆଣିଲେ କମିଶନ ନିଶ୍ଚିତ ଉଚିତ ନ୍ୟାୟ ଦେବାରେ ସୁବନ୍ଦୋବସ୍ତ କରିବାର ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ଡିଏଚି ଆଞ୍ଚଳିକ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷାବିତ୍ ଡଃ. କେଶବ ଚନ୍ଦ୍ର ଶତପଥୀ ତାଙ୍କ ବକ୍ତବ୍ୟରେ ଅବସରପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ମହତ୍ତ୍ୱ ବିଷୟରେ ଉଦାହରଣ ଦେଇ ଅନେକ ପ୍ରଶଂସା କରିଥିଲେ । ୬୨ ରୁ ୮୦ ବର୍ଷ ବୟସରେ ଜଣେ ନିଜ ନିଜର ପ୍ରତିଭାର ପରିପ୍ରକାଶ କରିବାର ସୁଯୋଗ ଥାଏ ଓ ଏହାକୁ ସଫଳ କରିବା ଉଚିତ । ଏହି ଅବସରରେ ରଜତ ଜୟନ୍ତୀ କମିଟିର ଅଧ୍ୟକ୍ଷ ଇଂ. ଡଃ. ହୃଷୀକେଶ ସାହୁ ମଞ୍ଚ ଆହ୍ୱାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାରେ ସଂଘର ସଭାପତି ଇଂ ହିମାଂଶୁ ଶେଖର ଲେଙ୍କା ଅଧ୍ୟକ୍ଷତା କରିଥିବାବେଳେ ବରିଷ୍ଠ ଉପସଭାପତି ଇଂ ଶିବ ପ୍ରସାଦ ମିଶ୍ର ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ । ସଂଘର ସାଧାରଣ ସମ୍ପାଦକ ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତ ସ୍ମରଣିକାକୁ ମଞ୍ଚାସୀନ ଅତିଥି ମାନେ ଉନ୍ମୋଚନ କରିଥିଲେ । ତତ୍ ସହିତ ବରିଷ୍ଠ ସଦସ୍ୟ ମାନଙ୍କୁ ସମ୍ମାନିତ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବାଲେଶ୍ୱର, ଗଂଜାମ ଓ ରାଉରକେଲା କମିଟି ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଅନ୍ୟତମ ଉପସଭାପତି ଇଂ ଅଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରାଇବାରେ ଇଂ ବାବାଜୀ ଚରଣ ବେହେରା, ଇଂ ବିଘ୍ନରାଜ ଜେନା, ଇଂ ଶ୍ରୀକାନ୍ତ ମହାନ୍ତି, ଇଂ ଅଶୋକ କୁମାର ପଣ୍ଡା, ଇଂ ନିରୋଜ କୁମାର ଦଳବେହେରା, ଇଂ ବନ ବିହାରୀ ପଣ୍ଡା, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ଇଂ ପ୍ରଭାତ କୁମାର ମହାପାତ୍ର, ଇଂ ବାମଦେବ ତ୍ରିପାଠୀ, ଇଂ କିଶୋର ଚନ୍ଦ୍ର ମହନ୍ତ, ଇଂ ଅଲେଖ ଚନ୍ଦ୍ର ସାହୁ, ଇଂ ସୁକାନ୍ତ ଚନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଚୋରି ମାମଲାରେ ୨ ଗିରଫ : କାର୍, ବାଇକ୍, ମାରଣାସ୍ତ୍ର ଜବତ

ଜୟପୁର, ୧୯/୮ (ନି.ପ୍ର): ଚୋରି ମାମଲାରେ ୨ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ହାଟପଦାର ରିଙ୍କୁ ବେନିୟା (୨୩), ବାବୁ ସୁନିରି କୋଲନି ମୁନିଗୁଡା ସୁଶାନ୍ତ ପନ୍ଦପାନ (୨୮)। ସୂଚନା ଅନୁଯାୟୀ, ଜୟପୁର ପାଓାର ହାଉସ ଅଂଚଳର ବାବୁଜି ପଟ୍ଟନାୟକ ଲିଖିତ ଅଭିଯୋଗ କରିଥିଲେ । ସେ ଜଣେ ବ୍ୟବସାୟି ହୋଇଥିବା ବେଳେ ଗତ୨.୮.୨୫ ତାରିଖରେ ହାଇଦ୍ରାବାଦରେ ରହୁଥିବା ଝିଅ ଘରକୁ ଯାଇ ଥିଲେ । ୭.୮.୨୫ ରେ ତାଙ୍କ ପଡୋଶି ସୂଚନା ଦେଲେ ତାଙ୍କ ଘରେ ଚୋରି ହୋଇଛି । ସୂଚନା ଆଧାରରେ ପହଂଚି ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସିସିଟିଭି ଫୁଟେଜ ଆଧାରେ ଜାଣିବାକୁ ପାଇଲେ ଅଭିଯୁକ୍ତ ରିଙ୍କୁ ବେନିଆ ଓ ସହଯୋଗି ସୁଶାନ୍ତ କନ୍ଦପାନ ଚୋରି କରିଥିଲେ । ସୁନା ରୁପା ଗହଣା ସହ ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ପୋଲିସ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା ।

# ବିଦ୍ୟାଳୟ ଶିକ୍ଷା ଯୋଜନାର ସମୀକ୍ଷା ଓ ‘ଆସ ସ୍କୁଲ ଯିବା - ୨୦୨୫-୨୬’ଯୋଜନାର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା , ୧୯/୮ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଶିକ୍ଷା ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା ସହ ‘ଆସ ସ୍କୁଲ ଯିବା‘ଯୋଜନାର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ଅଧ୍ୟକ୍ଷ, ଶ୍ରୀ ତାପସ କୁମାର ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀମତୀ କସ୍ତୁରିବାଳା ଜେନା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ ପୂର୍ବ ଅନୁଷ୍ଠିତ ବୈଠକର ନିଷ୍ପତି ଓ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କୁ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଋତୁରାଜ ଖର୍ଚ୍ଚ ବିନିଯୋଗ ପ୍ରମାଣ ପତ୍ର, ଜିଲ୍ଲାପାଳ,ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ରୁ ଆସିଥିବା ଆପତ୍ତି ଅଭିଯୋଗ ସମାଧାନ, ସ୍ୱୟଂ ସହାୟିକା ଗୋଷ୍ଠୀ ଏଚ ଏସ ଟି ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି କରି ଜଗିବା ଓ ପହରା କାର୍ଯ୍ୟ,ପି ଏମ ଶ୍ରୀ ବିଦ୍ୟାଳୟ ଗୁଡିକରେ ସିଭିଲ କାର୍ଯ୍ୟ ଓ ଭିତ୍ତିଭୂମିର ଅଗ୍ରଗତି,‘ଆସ ସ୍କୁଲ ଯିବା‘ଅଭିଯାନର ସ୍ଥିତି ତଥା ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଆଦି ଶୈକ୍ଷିକ ଗୁରୁତ୍ୱପୂ୍ର୍ଣ୍ଣ କାର୍ଯ୍ୟକ୍ରମ ଗୁଡିକ ଉପରେ ଜିଲ୍ଲାପାଳ ଶ୍ରୀ ଆମ୍ରିତ୍ ଋତୁରାଜ ସମୀକ୍ଷା କରିଥିଲେ । ୟୁ ଡାଇଜ , ଏଚ ଏସ ଟି,ରାଇଜ ଆଦି ବିଭିନ୍ନ ଅଗ୍ରଣୀ ଶିକ୍ଷା ଯୋଜନା ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଥିଲେ । ଖୋର୍ଦ୍ଧା ଓ ଜଟଣୀ ପୌରରିଷଦ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ସମସ୍ତ ୧୦ ଗୋଟି ବ୍ଲକର ୧୬ଗୋଟି ଉଚ୍ଚ ବିଦ୍ୟାଳୟ ର ଗୁରୁତ୍ୱପୂର୍ଣ୍ଣ ମରାମତି କାର୍ଯ୍ୟ, ଖେଳ ପଡିଆ, କ୍ରୀଡ଼ା, ସୌନ୍ଦର୍ଯ୍ୟତା ,ଏଲ ଇ ଡି, ଲାଇଟ୍, ସେଲ୍ଫି ପଏଣ୍ଟ,, ସାଇନ୍ ବୋର୍ଡ ତଥା ସାଇନେଜ୍ ଆଦି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ । ଜିଲ୍ଲାରେ ବିଦ୍ୟାଳୟ ଛାଡିଥିବା ୬୨୧୭ଛାତ୍ର ଛାତ୍ରୀ ମାନଙ୍କୁ ଚିହ୍ନିତ କରାଯାଇ ଥିବାବେଳେ ସେଥିରେ ୬ ରୁ ୧୪ ବର୍ଷ ୧୬୭୧,୧୫ରୁ୧୬ବର୍ଷ ୧୯୯୯, ୧୭ ରୁ ୧୮ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ୨୫୪୭ ଅଛନ୍ତି । ବର୍ତ୍ତମାନ ସ୍କୁଲ ଛାଡିଥିବା ଉକ୍ତ ୬ରୁ ୧୪ବର୍ଷ ର ୩୫୯ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟରେ ଭର୍ତ୍ତି କରାଯାଇଛି । ୧୫ରୁ ୧୮ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ୧୦୦ ଜଣକୁ ଏବଂ ୧୫ ରୁ୧୮ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ୬୬ଜଣକୁ ଆତ୍ମ ନିଯୁକ୍ତି କ୍ଷେତ୍ରରେ ଧନ୍ଦା ମୂଳକ ଶିକ୍ଷାରେ ଭର୍ତ୍ତି କରାଯାଇଛି । ରାଇଜ ଶିକ୍ଷା କାର୍ଯ୍ୟକ୍ରମରେ ୨୦୨୬ ବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ରେ ପ୍ରତ୍ୟେକ ବିଦ୍ୟାଳୟରେ ଶତକଡା ଶତ ପ୍ରତିଶତ ଫଳାଫଳ ପାଇଁ। କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ସ୍କୁଲରୁ ଏ ୧ ଗ୍ରେଡ ରେ ନିଶ୍ଚିତ ଭାବେ ଏକ ଜଣ, ପିଲାର ଉନ୍ନତିରେ ବୃଦ୍ଧି ନିମନ୍ତେ କ୍ରମାନ୍ୱୟରେ ଶିକ୍ଷକ ଅଭିଭାବକ ଆଲୋଚନା କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ୧୮ ବର୍ଷ ରୁ ତଦୁର୍ଦ୍ଧ ଛାତ୍ର ଛାତ୍ରୀ ମାନଙ୍କୁ ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିଯୁକ୍ତି ଅଧିକାରୀଙ୍କ ସହ ଆଲୋଚନା କରି ବିଭିନ୍ନ ନିଶୁଳ୍କ ତାଲିମ୍ ଓ ବିଭିନ୍ନ ବେସରକାରୀ ସଂସ୍ଥା ରେ ନିଯୁକ୍ତି ଦେବା ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱାରୋପ କରି ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ଗାଇଡ୍ ଲାଇନ୍ ଅନୁଯାୟୀ ସାକ୍ଷରତା ସଚେତନତା ଅଭିଯାନ ମାଧ୍ୟମରେ ପାରାଗ୍ରାଫ ପଢିବା, ଅକ୍ଷର ଚିହ୍ନିବା, ଗଣିତ, ବିଜ୍ଞାନ ଓ ଇଂରାଜୀ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ବହୁଳ ମାତ୍ରାରେ ଆୟୋଜନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ବାତ୍ସଲ୍ୟ ଯୋଜନା ର ସହାୟତା ନେବାକୁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯୋଗଦେଇଥିଲେ।

# ରାଜ୍ୟପାଳଙ୍କ ଭଦ୍ରକ ଗସ୍ତ

ଭଦ୍ରକ , ୧୯/୮ (ନି.ପ୍ର): ମାନ୍ୟବର ରାଜ୍ୟପାଳ ଶ୍ରୀ ଡ. ହରି ବାବୁ କମ୍ଭମପତିଙ୍କ ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ ବନ୍ତ ବ୍ଲକ ଅନ୍ତର୍ଗତ କାଦବରଙ୍ଗା ଶିକ୍ଷାଞ୍ଚଳ ପାର୍କରେ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀକୁ ଦେଖିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। ମା'ମାନଙ୍କର ଆତ୍ମନିର୍ଭରତା, ପରିଶ୍ରମ ଓ ସୃଜନଶୀଳତାର ପ୍ରୟାସକୁ ସେ ଅଭିନନ୍ଦନ ଜଣାଇବା ସହ କିପରି ସ୍ୱୟଂ ସହାୟକ ଗୋଷ୍ଠୀ ମା 'ମାନେ ନିଜେ ଆତ୍ମନିର୍ଭର ହୋଇ ସମାଜରେ ନୂତନ



ରୋଜଗାର ସୃଷ୍ଟି କରିପାରିବେ ସେନେଇ ପରାମର୍ଶ ମଧ୍ୟ ଦେଇଥିଲେ । ଏହି ଅବସରରେ ଭଦ୍ରକ ବିଧାୟକ ସୀତାଂଶୁ ସେଖର ମହାପାତ୍ର ଏବଂ ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ।

# ଚିକିତ୍ସା ଅବହେଳାରୁ ଛାତ୍ର ମୃତ୍ୟୁ

ଚମ୍ପୁଆ, ୧୯/୮ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟଠାରେ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ରାଜ କୁମାର ମୁଣ୍ଡା (୧୧)ଙ୍କ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟଠାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ରାଜକୁମାର ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲା । ତେବେ ଛାତ୍ର ଜଣକ ଆଜି ଅସୁସ୍ଥ ହେବାରୁ ୧୦ଘ.୪୩ମିନିଟ ସମୟରେ ଦେହ ଦେଖାଇବାକୁ ଚମ୍ପୁଆ ଡାକ୍ତରଖାନାକୁ ଆଣିଥିଲେ । ଶିଶୁ ରୋଗ ବିଶେଷଜ୍ଞ ଡଃ ଦାସ ଆଡମିଶନ କରିବାକୁ କହିଥିଲେ । ମାତ୍ର ତାର ଅଭିଭାବକ ଆସି ନଥିବାରୁ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ପୁଣି ବିଦ୍ୟାଳୟକୁ ନେଇଯାଇଥିଲେ । ପୁଣି ଦେହ ଅସୁସ୍ଥ ହେବାରୁ ୧୨ଘ.୩୦ ମିନିଟ ସମୟରେ ଡାକ୍ତରଖାନାରେ ଭର୍ତି କରିଥିଲେ । ପ୍ରାୟ ୨ଘ.୧୬ମିନିଟ ସମୟରେ ଛାତ୍ର ଜଣକର ମୃତ୍ୟୁ ଘଟିଥିଲା । ତେବେ ଛାତ୍ର ଜଣକର ପୂର୍ବରୁ ଦେହ ଅସୁସ୍ଥ ଥିବା କଥା ଜଣା ପଡିଥିଲା । ତେବେ ଏଥିରେ ଛାତ୍ର ଜଣକର ଅସୁସ୍ଥତା କାରଣରୁ ମୃତ୍ୟୁ ଘଟିଥିବା ସ୍ପଷ୍ଟ ଜଣା ପଡୁଛି । ଚମ୍ପୁଆ ଥାନାରେ ଛାତ୍ର ପରିବାର ପକ୍ଷରୁ ଏ ସମ୍ବନ୍ଧରେ ଏକ ଲିଖିତ ଜଣାଇଛନ୍ତି । ଚମ୍ପୁଆ ପୁଲିସ ଘଟଣାର ତଦନ୍ତତ କରୁଥିବା ଜଣାପଡିଛି ।

# ବାଲେଶ୍ୱର ଜିଲ୍ଲାରେ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ୨ୟ ଦିନରେ ଗଣଧାରଣା

ବାଲେଶ୍ୱର, ୧୯/୮ (ନି.ପ୍ର): ଉନ୍ନତ ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଦାବିରେ ମେଡିକାଲ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସପ୍ତାହବ୍ୟାପୀ ଗଣଧାରଣାର ୨ୟ ଦିନରେ ‘ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ’ ଓ ସ୍ୱେଚ୍ଛାସେବୀ ସଂଗଠନ ‘ସହାୟକ’ ପକ୍ଷରୁ ଶତାଧିକ ସଭ୍ୟସଭ୍ୟା ଗଣଧାରଣାରେ ଯୋଗ ଦେଇଥିଲେ। ଧାରଣା ସ୍ଥଳରେ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଓ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ କ୍ରିୟାନୁଷ୍ଠାନ କମିଟିର ୧୮ଦଫା ଦାବି ଓ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନକୁ ସାଧୁବାଦ ଜଣାଇଥିଲେ। ମେଡିକାଲ୍ କଲେଜ୍ ପ୍ରତିଷ୍ଠା ହେଲେ ଜିଲ୍ଲାବାସୀ ଉନ୍ନତ ଓ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ପାଇବାର ଆଶା ଆଜି ମଉଳିଯାଉଛି। କାରଣ ମେଡିକାଲ୍ କଲେଜ୍‌ରେ ଗୁରୁତର ରୋଗମାନଙ୍କର ଚିକିତ୍ସାପାଇଁ ବିଭାଗଗୁଡ଼ିକ ଖୋଲାଯାଇପାରିଲା ନାହିଁ। ସମସ୍ତ ବିଭାଗରେ ପ୍ରଫେସର ନାହାନ୍ତି। ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରମାନଙ୍କରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କର ଅଭାବ ଏମ୍ସ ସାଟେଲାଇଟ୍ ସେଣ୍ଟରର ବହିର୍ବିଭାଗ ନାମକୁମାତ୍ର ୨ଦିନ କାର୍ଯ୍ୟ କରୁଛି। ଗୁରୁତର ରୋଗୀମାନେ ପୂର୍ବଭଳି ଉନ୍ନତ ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହୋଇ କଟକ-ଭୁବନେଶ୍ୱର ଯାଉଛନ୍ତି। ଏସବୁର ପ୍ରତିକାର ଦାବି କରି ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ସହ ଯେଉଁ ସଂଗଠନମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବା ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି, ବକ୍ତାମାନେ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟିର ଉପସଭାପତି ନିରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଧାରଣାସ୍ଥଳରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, ସାଧାରଣ ସଂପାଦକ ଦାମୋଦର ନାୟକ ଓ ‘ସହାୟକ’ର ସଭାପତି ଡ. କ୍ଷିତୀଶ୍ୱର ଦାଶ ଓ ସଂପାଦକ ଇଂ. ହୃଷିକେଶ ସାହୁଙ୍କ ସମେତ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଆନ୍ଦୋଳନର ଅନ୍ୟତମ ନାରୀନେତ୍ରୀ ଅନୁସୂୟା ନାୟକ, ସରସ୍ୱତୀ ପଣ୍ଡା, ବନ୍ଦନା ପାତ୍ର, ଶରତ କୁମାର ବିଶ୍ୱାଳ, ବରଦା ପ୍ରସନ୍ନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଶ୍ୟାମସୁନ୍ଦର ଜେନା, ପ୍ରଫୁଲ୍ଲ କୁମାର ଦାସ, ଆଇନଜୀବୀ ଏମ୍.ଡି. ଇସଲାମ୍, ଶରତ କୁମାର ମହାପାତ୍ର, ଶାନ୍ତନୁ ଦାସ, ପ୍ରଜ୍ଞା ପାରମିତା ବିଶ୍ୱାଳ, ବେଣୁଧର ସାହୁ, ରମେଶ ଚନ୍ଦ୍ର ଜେନା, ଦୀନବନ୍ଧୁ ଲେଙ୍କା, ସଞ୍ଜୟ କୁମାର ପଣ୍ଡା, ପଦ୍ମଲୋଚନ ଦତ୍ତ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଧାରଣା ସ୍ଥଳରେ ଦାବିଗୁଡ଼ିକ ସପକ୍ଷରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସି.ପି. ରାଧାକ୍ରିଷ୍ଣନଙ୍କୁ ...

ଅନ୍ୟପକ୍ଷରେ ବର୍ତ୍ତମାନର ତେଲେଙ୍ଗାନା ରଙ୍ଗାରେଡ୍ଡୀ ଜିଲ୍ଲାରେ ୧୯୪୬ ଜୁଲାଇ ୮ରେ ଜନ୍ମଗ୍ରହଣ କରିଥିଲେ ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡୀ। ଏହି ୭୯ ବର୍ଷୀୟ ତାଙ୍କର ଆଇନ କ୍ୟାରିୟର କଥା ଦେଖିଲେ, ୧୯୭୧ରେ ଆନ୍ଧ୍ରପ୍ରଦେଶ ବାର୍ କାଉନସିଲରେ ଓକିଲ, ୧୯୮୮ରୁ ୧୯୯୦ ଯାଏଁ ହାଇକୋର୍ଟରେ ସରକାରୀ ଓକିଲ, ୧୯୯୦ରେ ୬ ମାସ କେନ୍ଦ୍ର ସରକାରଙ୍କ ଅତିରିକ୍ତ ସ୍ଥାୟୀ ଆଇନ ପରାମର୍ଶଦାତା ଏବଂ ଓସମାନିଆ ବିଶ୍ୱବିଦ୍ୟାଳୟର ଆଇନଗତ ପରାମର୍ଶଦାତା ଥିଲେ। ୧୯୯୫ରେ ଆନ୍ଧ୍ର ହାଇକୋର୍ଟର ସ୍ଥାୟୀ ବିଚାରପତି ଏବଂ ୨୦୦୫ରେ ଗୌହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଥିବା ଜଷ୍ଟିସ୍ ସୁଦର୍ଶନ୍, ୨୦୦୭ରୁ ୨୦୧୧ ଯାଏଁ ଥିଲେ ସୁପ୍ରିମକୋର୍ଟର ବିଚାରପତି। ଉଭୟ ଏନଡିଏ ଓ ଇଣ୍ଡି ମେଣ୍ଟ ଦକ୍ଷିଣ ଭାରତରୁ ପ୍ରାର୍ଥୀ ଦେଇଥିବାରୁ ଧର୍ମସଂକଟରେ ପଡ଼ିଛନ୍ତି ଦକ୍ଷିଣ ଭାରତୀୟ ଦଳ। ଡିଏମକେ, ଟିଡିପି, ୱାଇଏସଆରସିପି ଓ ବିଆରଏସ ଆଦି ଦଳ ଏବେ କାହାକୁ ସମର୍ଥନ ଦେବେ, ଦଳ ନା ରାଜ୍ୟକୁ ବାଛିବେ, ତାକୁ ନେଇ ଦ୍ୱନ୍ଦ୍ୱରେ ଥିବା ଚର୍ଚ୍ଚା ହେଉଛି। ତାମିଲନାଡୁର ରାଧାକ୍ରିଷ୍ଣନଙ୍କ ବଦଳରେ ଡିଏମକେ ଇଣ୍ଡି ପ୍ରାର୍ଥୀ ସୁଦର୍ଶନଙ୍କୁ ସମର୍ଥନ କରୁଥିଲେ ମଧ୍ୟ, ଏହା ତାର ତାମିଲ୍-ପ୍ରାଇଡ୍ ଇମେଜ ଉପରେ ଆଞ୍ଚ ଆଣିପାରେ। ଯାହାକୁ ୨୦୨୬ ତାମିଲନାଡୁ ନିର୍ବାଚନରେ ମୁଦ୍ଦା କରିପାରନ୍ତି ବିରୋଧୀ। ସେପଟେ ଏନଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ଜଗନମୋହନ ରେଡ୍ଡିଙ୍କ ୱାଇଏସଆରସିପି ଏବଂ ଟିଡିପି ସମର୍ଥନ ଘୋଷଣା କରିଥିବା ବେଳେ, ପ୍ରମୁଖ ତେଲୁଗୁ ଚେହେରା ସୁଦର୍ଶନଙ୍କ ପ୍ରତି ଚନ୍ଦ୍ରଶେଖର ରାଓଙ୍କ ବିଆରଏସର ଆଭିମୁଖ୍ୟ କଣ ରହିବ, ତାହା ସ୍ପଷ୍ଟ ହୋଇନାହିଁ। ଏପଟେ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ଆଭିମୁଖ୍ୟକୁ ନେଇ ମଧ୍ୟ ସସପେନ୍ସ ଲାଗି ରହିଛି। ବିଭିନ୍ନ ବିରୋଧୀ ଦଳଙ୍କ ସହ କଥା ହୋଇ ସମର୍ଥନ ଲୋଡୁଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ନବୀନଙ୍କୁ ମଧ୍ୟ ଫୋନ୍ କରି ବିଜେଡିର ସମର୍ଥନ ଲୋଡ଼ିଥିବା ଚର୍ଚ୍ଚା ହେଉଛି।

### ମାଓବାଦୀଙ୍କ ଲିଙ୍କ୍‌ରେ ମାଇନିଂ ...

ଗାତ ଖୋଲି ପୋତା ଯାଇଥିବା ୬୦୦ ଡିଟୋନେଟର ସହ ରହିଛି ତୁମୁଡ଼ିବନ୍ଧ ବିସ୍ଫୋରକ ଲିଙ୍କ୍ । ସେତେବେଳେ ମିଳିଥିବା ବିସ୍ଫୋରକ ଏବଂ ଗତକାଲି ମିଳିଥିବା ବିସ୍ଫୋରକରେ ଗୋଟିଏ ସଂସ୍ଥାର ଲୋଗୋ ରହିଛି । ତେବେ ମାଓବାଦୀଙ୍କୁ ଏହି ଗୋଟିଏ ସଂସ୍ଥା ବିସ୍ଫୋରକ ଯୋଗାଉ ଥିବା ତଦନ୍ତରୁ ଜାଣିବାକୁ ପାଇଛି ଗୁଇନ୍ଦା ବିଭାଗ । ଏପି ଏକ୍ସପ୍ଲୋସିଭସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସାମଗ୍ରୀ କେମିତି ପାଇଲେ ମାଓବାଦୀ ? କିଏ, କାହିଁକି ଓ କେଉଁ ଉଦ୍ଦେଶ୍ୟ ରଖି ମାଓବାଦୀଙ୍କ ପାଖକୁ ପଠାଉଛି ବିସ୍ଫୋରକ ? ଏହି ସଂସ୍ଥା କେତେ ବିସ୍ଫୋରକ ତିଆରି କରୁଛି ? କେଉଁ କେଉଁ ସଂସ୍ଥାକୁ କେତେ ଟନ୍ ଲେଖାଏଁ ମାଲ୍ ଯୋଗାଉଛି ତାର ତଥ୍ୟ ମଗାଯାଇଛି ଗୁଇନ୍ଦା ? ତେବେ ଖୁବ୍‌ଶୀଘ୍ର ଉକ୍ତ ସଂସ୍ଥାର ଗୋହି ଖୋଳିବ ଗୁଇନ୍ଦା ବିଭାଗ ।

### ପଟ୍ଟାମୁଣ୍ଡାଇ ଛାତ୍ରୀ ...

ଦୁର୍ବୃତ୍ତଙ୍କ ସହ ଲଢ଼େଇ କରି ନିଜ ଜୀବନ ବଞ୍ଚାଇଲେ ଛାତ୍ରୀ । ଏଭଳି ଘଟଣା ଘଟିଛି ମାହାଙ୍ଗା ଥାନା କୁହୁଣ୍ଡା ପଞ୍ଚାୟତ ବିରୂପା ନଦୀ ବନ୍ଧ ରାସ୍ତାରେ, ଛାତ୍ରୀ ଜଣକ ହେଉଛନ୍ତି କୁଆଁପାଳ ଜେ ଏନ କଲେଜର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ସୁଭସ୍ମିତା ସାହୁ । ଦୃର୍ବୃତ୍ତମାନେ ଛାତ୍ରୀଙ୍କ ଡାହାଣ ହାତ ବାହୁକୁ ହାଣିଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନ ଭିନ୍ ଆରମ୍ଭ କରିଛି ।

### ଓଡ଼ିଶାକୁ କେନ୍ଦ୍ରର...

ବୋଲି କୁହାଯାଇଛି। ଏହି ପ୍ରକଳ୍ପ ହେଲେ ଓଡିଶା ସମେତ ପୂର୍ବ ଭାରତର ଅନ୍ୟ ରାଜ୍ୟକୁ ବି ବେଶ ଫାଇଦା ହେବ। ମାଲବାହୀ ଗାଡି ସହଜରେ ଯାତାୟାତ କରିବା ସହିତ ପରିବହନ ଖର୍ଚ୍ଚ ବି କମିଯିବ। ଏଥିସହ ପୁରା ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଆଣିବାରେ ସହାୟକ ହେବ ବୋଲି କ୍ୟାବିନେଟ୍ ବୈଠକ ପରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ପ୍ରସ୍ତାବିତ ବାଇପାସ ସହିତ ତିନିଟି ପ୍ରମୁଖ ଜାତୀୟ ରାଜପଥ ଏନଏଚ ୫୫, ଏନଏଚ ୫୭, ଏନଏଚ ୬୫୫ ସହ ରାଜ୍ୟ ରାଜପଥ ୬୫ ମଧ୍ୟ ସଂଯୋଗ କରିବ। ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଢେଙ୍କାନାଳକୁ ସଂଯୋଗ ଏକପ୍ରକାର ସହଜ ହୋଇଯିବ। ଏଥିସହ ଆର୍ଥିକ, ସାମାଜିକ ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ ଏଇ ରାସ୍ତା। କେବଳ ମାଲ ପରିବହନ ନୁହେଁ ଯାତ୍ରୀ ପରିବହନରେ ବି ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ରେଳ ଷ୍ଟେସନ, ବିମାନ ବନ୍ଦର, ପ୍ରସ୍ତାବିତ ଅସ୍ତରଙ୍ଗ ଓ ପୁରୀ ଭଳି ଦୁଇଟି ବନ୍ଦର ଏବଂ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ କୁ ଗମନାଗମନକୁ ଅଧିକ ସୁଗମ କରିବ। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ଥରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ, ଏହା ସ୍ଥାନୀୟ ଆର୍ଥିକ ଅଭିବୃଦ୍ଧିକୁ ବଳ ଦେବା ସହ ପ୍ରମୁଖ ଧାର୍ମିକ ଓ ଇକୋନମିକ୍ ସେଣ୍ଟରକୁ ଯୋଡି ନୂଆ ଶିଳ୍ପ ଓ ବାଣିଜ୍ୟ ପାଇଁ ପଥ ପରିଷ୍କାର କରିବ। ଏହାଦ୍ୱାରା ୭୪ ଲକ୍ଷ ୪୩ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସହ ୯୩ ଲକ୍ଷ ୪ ହଜାର ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ, ମେଗା ଫୁଡ ପାର୍କ, ବୟନଶିଳ୍ପ କ୍ଲଷ୍ଟର, ଫାର୍ମା କ୍ଲଷ୍ଟର ସହ ଫିସିଂ କ୍ଲଷ୍ଟରର ବିକାଶ କରିବାରେ ମୁଖ୍ୟ ଭୂମିକା ତୁଲାଇବ। ସେହିଭଳି ଆକାଂକ୍ଷୀ ଜିଲ୍ଲା, ଆଦିବାସୀ ଅଧ୍ୟୁଷିତ ଓ ମାଓ ପ୍ରଭାବିତ ଜିଲ୍ଲାକୁ ଅନେକ ଫାଇଦା ହେବ।

### ୬ ହଜାରରୁ ଅଧିକ ଛାତ୍ରଙ୍କ ...

ବିଭାଗର କର୍ମଚାରୀ ଅନୁସାରେ, ପ୍ରାୟ ୪,୦୦୦ ଭିସା ଅପରାଧିକ କାରଣରୁ ବାତିଲ୍ କରାଯାଇଛି, ଯେଉଁଥିରେ ସବୁଠୁ ବେଶି ମାମଲା ଆକ୍ରମଣ ସହିତ ସଂପୃକ୍ତ। ଏହା ସହିତ ସେମାନଙ୍କ ବିରୁଦ୍ଧରେ ମଦ ଓ ମାଦକଦ୍ରବ୍ୟ ସେବନ କରି ଗାଡ଼ି ଚାଳନା, ଚୋରି ଭଳି ଅନ୍ୟାନ୍ୟ ଅପରାଧ ମଧ୍ୟ ଥିଲା।

ଏହି ପଦକ୍ଷେପ ସେହି ସମୟରେ ଗ୍ରହଣ କରାଯାଇଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଛାତ୍ର ଭିସା ନିୟମ ଉପରେ ଅଧିକ କଠୋରତା ଆଣିଛି। ବର୍ତ୍ତମାନ ସୋସିଆଲ୍ ମିଡିଆ ଖାତାର ଗଭୀର ଯାଞ୍ଚ, ଗଭୀର ସ୍କ୍ରିନିଂ ଏବଂ ଅମେରିକୀୟ ଦୂତାବାସଗୁଡ଼ିକୁ ରାଜନୈତିକ ଭାବେ ସକ୍ରିୟ ଅନୁରୋଧକମାନଙ୍କ ବିଷୟରେ ଅଧିକ ସଚେତନ ରହିବା ନିର୍ଦ୍ଦେଶ ଦିଆଯାଇଛି।

### ଓଡ଼ିଶାରେ ଏସଆଇଆରକୁ ...

ଜଳିବ ବୋଲି କହିଛି କଂଗ୍ରେସ। ସେପ୍ଟେମ୍ବର ୪ ତାରିଖରେ ଭୋଟ ଚୋରି ଏବଂ ଏସଆଇଆର ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବ ଦଳ। ବିଜେଡି କହିଛି, ଏହାକୁ ନେଇ ଏବେ ବଡ ବିତର୍କ ଚାଲିଛି, ଦଳ ସବୁବେଳେ ଭୋଟରଙ୍କ ସହିତ ରହିଛି। ବିଜେପିର ଜବାବ, ଯେଉଁମାନେ ଅତୀତରେ ଭୋଟ ଚୋରି ଇଭିଏମ ଜାଲିଆତି କରୁଥିଲେ। ସେମାନେ ତାର ସଂସ୍କାରକୁ ବିରୋଧ କରିବା ଆରମ୍ଭ କରିଛନ୍ତି । ଓଡ଼ିଶାରେ ଏସଆଇଆରକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଯିଏ ଏହାକୁ ବିରୋଧ କରିବ ସିଏ ଓଡ଼ିଶା ଓ ଦେଶ ବିରୋଧୀ । ଏସଆଇଆର ବା ‘ସ୍ୱତନ୍ତ୍ର ସଘନ ସଂଶୋଧନ’ ହେଉଛି ଭୋଟର ତାଲିକାରେ ବ୍ୟାପକ ସଂଶୋଧନ। ବିହାର ଭଳି ଓଡ଼ିଶାରେ ବି ୨୦୦୨ ପର ଠାରୁ ଆଉ ଭୋଟର ତାଲିକାରେ ସଂଶୋଧନ ହୋଇନାହିଁ। ପ୍ରତିବର୍ଷ ଭୋଟର ତାଲିକାରେ ସାମରି ରିଭିଜନ ହୋଇଥାଏ ମାତ୍ର ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ବା ଏସଆଇଆର ହୋଇନଥାଏ। ସାରାଂଶ ସଂଶୋଧନରେ ଭୋଟରମାନେ ନିଜ ତରଫରୁ ଭୋଟର ତାଲିକାରେ କିଛି ପ୍ରମାଣ ଦେଇ ନିଜ ନାମ ଯୋଡ଼ି ଥାନ୍ତି ବା କାଟି ଥାନ୍ତି। ମାତ୍ର ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ ବା ଏସଆଇଆରରେ ବୁଥ୍ ଲେବଲ୍ ଅଫିସର ବା ବିଏଲଓମାନେ ଘର ଘର ବୁଲି ପ୍ରମାଣ ସହ ଭୋଟର ତାଲିକାରେ ସଂଶୋଧନ କରିବେ। ନଜର ପକାନ୍ତୁ ସଂଶୋଧନ ପାଇଁ ତଥା ଯାଞ୍ଚ ବେଳେ ଆପଣଙ୍କୁ କେଉଁ କେଉଁ ପ୍ରମାଣ ପତ୍ର ଦେଖାଇବାକୁ ହେବ। ବାର୍ଥ ସାର୍ଟିଫିକେଟ, ଆଧାର କାର୍ଡ, ପାସପୋର୍ଟ, ମାଟ୍ରିକ ସାର୍ଟିଫିକେଟ, ଜାତିଗତ ଏବଂ ଆବାସିକ ସାର୍ଟିଫିକେଟ ଏବଂ ସରକାରୀ ସଂସ୍ଥାରୁ ମିଳିଥିବା କୌଣସି ପରିଚୟ ପତ୍ର ଦେଖାଇ ପାରିବେ। ସର୍ଭେ ପ୍ରକ୍ରିୟା ସାରି ୨୦୨୬ ଜାନୁଆରୀ ୭ରେ ଚୂଡାନ୍ତ ଡ୍ରାଫ୍ଟ ତାଲିକା ପ୍ରକାଶ ପାଇବ।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ...

ଅଭିଯୋଗ ନେଇ ଆସୁଥିବା ଲୋକଙ୍କୁ ଏମିତି ହଲାପଟା ହେବାକୁ ପଡୁଛି । ଭୁବନେଶ୍ୱରରୁ ଯାଉଥିବା ଅଭିଯୋଗକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ । ହେଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ' କରି ଉଡ଼ାଇ ଦେଉଛନ୍ତି ବାବୁ । ପ୍ରଶ୍ନ ଉଠୁଛି, ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ କାହିଁକି ଢିଲା ମାରୁଛନ୍ତି ବାବୁ ? ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ନମାନି ମନମାନି କରୁଥିବା ବାବୁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନି ? ଏସବୁ ଭିତରେ ସରକାରଙ୍କୁ କଟାକ୍ଷ ବାଣ ମାରିଛନ୍ତି ବିରୋଧୀ । କହିଛନ୍ତି, ଅଭିଯୋଗ ଶୁଣାଣି କେବଳ ପ୍ରହସନ ପାଲଟିଛି । ସରକାରୀ ହିସାବରେ ଏବେ ସୁଦ୍ଧା ୮୮ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି । ହେଲେ ତୃଣମୂଳସ୍ତରରେ ମାସ ମାସ ଧରି ଅଭିଯୋଗର ଶୁଣାଣି ନହୋଇ ପଡ଼ି ରହିବା ଅଭିଯୋଗକାରୀଙ୍କୁ ନିରାଶ କରିଛି ।

### ଯୁଦ୍ଧ ବନ୍ଦ ପାଇଁ ଜେଲେନସ୍କିଙ୍କ...

ପାଇଁ ହ୍ୱାଇଟ୍ ହାଉସରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେୟର ଷ୍ଟାରମର, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ଜର୍ମାନ ଚାନସେଲର ଫ୍ରେଡରିକ୍ ମର୍ଜ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଫିନଲାଣ୍ଡ ରାଷ୍ଟ୍ରପତି ପ୍ରମୁଖ ପହଞ୍ଚିଥିଲେ । ଟ୍ରମ୍ପ ଓ ଜେଲେନସ୍କିଙ୍କ ସହ ସେମାନଙ୍କର ମଧ୍ୟ ଆଲୋଚନା ହୋଇଥିଲା । ଜେଲେନସ୍କିଙ୍କ ସହ ଆଲୋଚନା କରିବା ପରେ ଟ୍ରମ୍ପ ୟୁରୋପୀୟ ନେତାମାନଙ୍କ ସହ ଫଟୋ ଉଠାଇଥିଲେ ।

### ଜଣେ ଗ୍ରାମବାସୀଙ୍କୁ ...

ଶଂକର ରାଓ ମଧ୍ୟ ମୃତ୍ୟୁବରଣ କରିଥିଲା। ଏହାପରେ ମଧ୍ୟ ବହୁ ଥର ପୁଲିସ ନକ୍ସଲ ମଧ୍ୟରେ ଏଠାରେ ଗୁଳିବିନିମୟ ଘଟିଛି। କିନ୍ତୁ ସବୁବେଳେ ନକ୍ସଲ ଖସି ପଳାଇବାରେ ସଫଳ ହୋଇଥିଲେ। ଏବେ ପୁଣି ହତ୍ୟା କରି ଏହି ଅଂଚଳରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ସ୍ଥାନୀୟ ସରପଞ୍ଚ ରାମଜୀ ଧ୍ରୁବାକୁ ହତ୍ୟା କରିବା ପାଇଁ ପୋଷ୍ଟର ଏବଂ ବ୍ୟାନରରେ ଉଲ୍ଲେଖ କରିଛନ୍ତି। ଏଥିସହ ଗ୍ରାମବାସୀ ଏବଂ କିଛି ଡିଆରଜି ଯବାନଙ୍କୁ ମଧ୍ୟ ହତ୍ୟା କରାଯିବା ନେଇ ଚେତାବନୀ ଦିଆଯାଇଛି।

# ଜମି ଦଲାଲଙ୍କ କବଜାରେ ଚାଷ ଜମି ମାମଲା: ବୈଶିଙ୍ଗା ଥାନାରେ ମାମଲା ରୁଜୁ

ବୈଶିଙ୍ଗା , ୧୯/୮ (ନି.ପ୍ର): ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ସୁବର୍ଣ୍ଣରେଖା ଜଳସେଚନ କେନାଲ ଏବେ ଦିଗହରା ହୋଇ ପଡ଼ିଥିବାର ପରିଲକ୍ଷିତ ହେଉଛି । ଏହାର ପ୍ରକୃତ କାରଣ ହେଉଛି ଜମି ମାଫିଆଙ୍କ ଦାଦାଗିରି । ଏକର ଏକର ଚାଷ ଜମିକୁ କମ୍ ଦାମରେ କିଣି ସେଥିରେ ରାସ୍ତା ତିଆରି କରିବା ସହିତ ପ୍ଲଟିଂ କରି ଚଢ଼ା ଦାମ୍ ରେ ଘରାବାରି ସୂତ୍ରରେ ବିଭିନ୍ନ ଲୋକଙ୍କୁ ବିକ୍ରୀ କରି ମୁନାଫା ହାତେଇବା ଏହାର ମୂଖ୍ୟ ଉଦ୍ଦେଶ୍ୟ ବୋଲି ଅଭିଯୋଗ ହେଉଛି । ଏହାର ନମୂନା ଦେଖିବାକୁ ମିଳିଛି ବୈଶିଙ୍ଗା ନିକଟସ୍ଥ ବୈଶିଙ୍ଗା -ଚାଇଁପୁରିଆ- ମହୁରୀ ମୌଜାରେ ଚାଲିଥିବା ଜମି ପ୍ଲଟିଂ ରୁ ୧ବୃହତ୍ ସୁବର୍ଣ୍ଣରେଖା କେନାଲ ମୟୂରଭଞ୍ଜ ଜିଲ୍ଲାରେ ଲକ୍ଷ୍ମିପୋଷି ନିକଟରୁ ବିଭାଜିତ ହୋଇ ଏକ କେନାଲ ପତଡା-ବୈଶିଙ୍ଗା - ଚାଇଁପୁରିଆ ହୋଇ ମହୁରୀ ନିକଟରେ ବୈଶିଙ୍ଗା -ରୁପସା ଆର.ଡି ରାସ୍ତା ପାରି ହୋଇ ତଳକୁ ତଳକୁ ଯିବା ପାଇଁ କେନାଲ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି ।ଏହି କେନାଲ ପାଣି ଦ୍ୱାରା ଚାଷିତ ଜମି ଗୁଡିକ ଘରବାରି ହୋଇନ ପାରିପାର ନିୟମ ରହିଛି । ମାତ୍ର ତହସିଲଦାର ମୋଟା ଅଙ୍କର ବଟୀ ନେଇ ଶାରଦ-୧ ଓ ଶାରଦ-୨ କିସମର ଚାଷ ଉପଯୋଗୀ ଜମିକୁ ଘରବାରୀ କରି ଦେଉଥିବାର ଅଭିଯୋଗ ହେଉଛି । ଏତଦ୍ ବ୍ୟତୀତ ଏହି ଚାଷ ଜମିରେ ରାସ୍ତା ତିଆରି କରିବା ପାଇଁ ସରକାରୀ ରାୟାଲଟି ଫାଙ୍କି ଜମି ମାଫିଆ ମାନେ ଶହ ଶହ ଟ୍ରକ୍ ମୋରମ ଓ ବାଲି ଦିନ ରାତି ବୋହୁଥିବାର ଦେଖିବାକୁ ମିଳିଛି । ଏଭଳି କାର୍ଯ୍ୟକୁ ବିରୋଧ କରିବା ସହିତ ନିଜ ଚାଷ ଜମିର ପ୍ଲଟ ନଂ ୩୮ ର ଉତ୍ତରକୁ ବାରିକ ବନ୍ଧ ବେଆଇନ୍ ଭାବେ ରାସ୍ତା ନିର୍ମାଣ କୁ ଆଡଭୋକେଟ୍ ଉମାଶଙ୍କର ବାରିକ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜମି ମାଫିଆ ବିକାଶ ଦାସ ଏବଂ ସହଯୋଗୀ ମାନେ ଡଙ୍ଗର ଚଢାଇ ମାରିଦେବାର ଧମକ ଦେଇଥିବା କୁ ନେଇ ସେ ବୈଶିଙ୍ଗା ଥାନା ତଥା ବେତନଟୀ ତହସିଲଦାର ଙ୍କୁ ଅଭିଯୋଗ କରିଥିବା ଜଣାଇଛନ୍ତି । ଏନେଇ ବୈଶିଙ୍ଗା ଥାନାରେ ୪୦୧/୨୫ ମୂଳେ ମାମଲା ରୁଜୁ ହୋଇଥିବାର ଜଣାଯାଇଛି । ଏଥି ସହିତ ଏହି ଅଭିଯୋଗ ରାଜସ୍ୱ ବିଭାଗର ସମସ୍ତ ଅଧିକାରୀ ଙ୍କୁ ଜଣାଯାଇଛି । ଏଭଳି ଘଟଣାକୁ ଆଡଭୋକେଟ ଶ୍ରୀଯୁକ୍ତ ବାରିକ ପୂର୍ବରୁ ଫୋନ ଯୋଗେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାର ଅଭିଯୋଗ ରେ ଦର୍ଶାଇଛନ୍ତି ।

# ବୈଶିଙ୍ଗାରେ ଷଷ୍ଠ ବାର୍ଷିକ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଉଦ୍‌ଯାପିତ




ବୈଶିଙ୍ଗା , ୧୯/୮ (ନି.ପ୍ର): ବୈଶିଙ୍ଗା ସ୍ଥିତ ଅଭିନ୍ନ ସୁନ୍ଦର ଭଜନ ସନ୍ଧ୍ୟା ସଂଗଠନ ତରଫରୁ ଷଷ୍ଠ ବାର୍ଷିକ 'ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ମୁଖ୍ୟ ଅତିଥି ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଏହି ଅନୁଷ୍ଠାନର ସ୍ଥାୟୀ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନୀତ ବକ୍ତା ଭାବେ ଦୀପକ କୁମାର ନାୟକ ଯୋଗ ଦେଇ କଳାର ବିକାଶ ନିମନ୍ତେ ଆଞ୍ଚଳିକ ସ୍ତରରେ ସମସ୍ତଙ୍କ ର ସହଯୋଗ କାମନା କରିଥିଲେ ।ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଆଞ୍ଚଳିକ ସ୍ତରରେ ଶିକ୍ଷା ଲାଭ କରୁଥିବା କୁନି କୁନି କଳାକାର ମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ଆସିଥିବା କଳାକାର ଗଣଙ୍କ ଦ୍ୱାରା ସୁନ୍ଦର ଭଜନ ପରିବେଷଣ କରାଯାଇଥିଲା । ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଦର୍ଶକ /ଦର୍ଶିକା ଉପସ୍ଥିତ ରହି ଥିବାର ଲକ୍ଷ୍ୟ କରାଯାଇଥିଲା । ଜୀତେନ୍ଦ୍ର କୁମାର ବିନ୍ଧାଣୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକଙ୍କ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ




ବାରିପଦା , ୧୯/୮ (ନି.ପ୍ର): ବୟନ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ତଥା ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀ ପ୍ରେମ ଚନ୍ଦ୍ର ଚୌଧାରୀ, ଭା. ପ୍ର.ସେ. ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଆଜି ପ୍ରଥମ ଦିନରେ କ୍ଷେତ୍ର ପରିଦର୍ଶନରେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରି ହେଉଥିବା ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଏବଂ ଜନ କଲ୍ୟାଣକାରୀ ଯୋଜନା ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରିଥିଲେ । ଏହି କ୍ଷେତ୍ର ପରିଦର୍ଶନ କ୍ରମରେ ଆଜି ଶ୍ରୀ ଚୌଧାରୀ ପ୍ରଥମେ ବେତନଟୀ ବ୍ଲକ ଅଧିନସ୍ଥ ପୁରୁଣୀଆ ଜି ପି ର ଅଙ୍ଗାରୁଆରେ ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ଏବଂ ସେଠାରୁ ବେତନଟି ଗ୍ରାମ ର ପି ଏମ ଶ୍ରୀ ସ୍କୁଲକୁ ପରିଦର୍ଶନ କରି ଛାତ୍ର ଛାତ୍ରୀଙ୍କ ସହିତ ଭାବବିନିମୟ କରିଥିଲେ ।ଏହାପରେ ବେତନଟି ଜି ପି ରେ ଆମଯୋଡ଼ା କୃଷ୍ଣ କଲୋନୀରେ ହିତାଧିକାରୀ ମାନଙ୍କ ସହିତ ଅନ୍ତ୍ୟୋଦୟ ଗୃହ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ମଧୁବାବୁ ପେନସନ ଯୋଜନାରେ ମିଳୁଥିବା ସୁବିଧା ପାଉଛନ୍ତି କି ନାହିଁ ସେ ବିଷୟରେ ଆଲୋଚନା କରିଥିଲେ । ସେଠାରୁ ଶାଳବଣୀ ସ୍ଥିତ ଏସ ଏସ ଡି ହାଇସ୍କୁଲ ଯାଇ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ସେଠାରୁ ଦାନ୍ତିମୁହାଁର ଟସର ରିଲର ସମବାୟ ସମିତି (ଟି ଆର ସି ଏସ )ଯାଇ ରେଶମ ପୋକ ପାଳନ କେନ୍ଦ୍ର ଅନୁଧ୍ୟାନ କରିବା ସହ ରେଶମ ଚାଷ ଅନ୍ତର୍ଗତ ଏମ ଜି ଏନ ଆର ଜି ଏସ ର ବୃକ୍ଷ ରୋପଣ ସ୍ଥାନ ଦେଖିଥିଲେ । ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ବିଭାଗ ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସ୍ଥିତି ଓ ଉନ୍ନୟନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଉକ୍ତ ବୈଠକ ରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସମେତ ଉପଜିଲ୍ଲାପାଳ ରାଇରଙ୍ଗପୁର ସୌମ୍ୟ ରଞ୍ଜନ ପ୍ରଧାନ, କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଆଇ ଏ ଏସ ପ୍ରବେଶନର କାଶିଷ ବକ୍ସି, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ,ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, ଉଦଳା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଓ ଏ ସି ଡି ଓ ଶାନ୍ତନୁ କୁମାର ନାୟକ ଯୋଗ ଦେଇଥିଲେ । ଏହି ସମୀକ୍ଷା କ୍ରମରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ତ୍ୟଦୟ ଗୃହ ଯୋଜନା, ନଗର ଉନ୍ନୟନ ବିଭାଗର ପାନୀୟ ଜଳ ଯୋଗାଣ ଓ ପରିମଳ ଯୋଜନା , ଗ୍ରାମ୍ୟ ଉନ୍ନୟନ ବିଭାଗର ସେତୁ ବନ୍ଧନ ଯୋଜନା, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପିଏମଶ୍ରୀ ଯୋଜନା, ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା, ପୋଷଣ ଯୋଜନା, ସାଧାରଣ ଯୋଗାଣ, ଜାତୀୟ ସାମାଜିକ ସୁରକ୍ଷା, ସମବାୟ, ଗ୍ରାମ୍ୟ ବିଦ୍ୟୁତ ଇତ୍ୟାଦି ବିଷୟରେ ସମୀକ୍ଷା କରିଥିଲେ । ଆଜିର ସମୀକ୍ଷା ବୈଠକ ରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଓଡିଆ ଭାଷାର ବହୁଳ ପ୍ରଚାର ପ୍ରସାର ପଦକ୍ଷେପ

ବୌଶିଙ୍ଗା , ୧୯/୮ (ନି.ପ୍ର): ଚଳିତ ଅଗଷ୍ଟ ମାସ ୬ ତାରିଖ ଦିନ ଶାସନ ସଚିବ ଉଷା ପାଢି ରାଜ୍ୟରେ ଓଡିଆ ଭାଷାର ବହୁଳ ପ୍ରଚଳନ ନିମନ୍ତେ ନିର୍ଦ୍ଦେଶନାମା ପ୍ରକାଶନ ପରେ ସେଥି ପାଇଁ ଅଣ୍ଟାଭିଡିଛି, ବେତନଟୀର ସିଭିଲ ସୋସାଇଟି ।ଏକ ପ୍ରଚାର ପତ୍ର କରି ଏହାର ସଦସ୍ୟଗଣ ଦୋକାନ କୁ ଦୋକାନ ଅଫିସ ମାନଙ୍କୁ ଯାଇ ଏହା ବଣ୍ଟନ କରି ଓଡିଆରେ ନିଶ୍ଚିତ ଧାଡି ଟିଏ ନାମ ଫଳକରେ ଲେଖିବାକୁ ଅନୁରୋଧ କରୁଛନ୍ତି । ସରକାରୀ କାଗଜପତ୍ରରେ, ବିବାହ ନିମନ୍ତ୍ରଣ ପତ୍ରରେ, କଥାବାର୍ତ୍ତାରେ ଯଥାସମ୍ଭବ କମ୍ ଇଂରାଜୀ ଓ ହିନ୍ଦୀ ଭାଷାର ପ୍ରଚଳନ ଇତ୍ୟାଦି ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି । ତା ୧।୪।୨୦୧୮ରୁ ଓଡ଼ିଆ ଭାଷାର ବହୁଳ ପ୍ରଚଳନ ନିମନ୍ତେ ରାଜ୍ୟ ସରକାରଙ୍କ ବିଧିବଦ୍ଧ ନିଷ୍ପତ୍ତି ସହ ଏଥିପୂର୍ବରୁ ଓଡିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ ଭଳି ତଥ୍ୟ ସମ୍ବନ୍ଧରେ ସମସ୍ତଙ୍କୁ ଜଣାଇବା ସହ ବହୁ ବର୍ଷ ଆଗରୁ ଏଭଳି ନିଷ୍ପତିକୁ ଶୀତଳ ଭଣ୍ଡାରରେ ପକାଇ ରଖାଯାଇଥିବାରୁ ସୋସାଇଟି କ୍ଷୋଭ ପ୍ରକାଶ କରିଛି । ଆଗାମୀ ଦିନରେ ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ନିମନ୍ତେ କାର୍ଯ୍ୟ ଚାଲୁ ରଖିବାର ସଗଠନର ନିଷ୍ପତ୍ତି ବୋଲି ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଠାରୁ ପ୍ରକାଶ ।

# ଏନ ଏସି ଘୋଷଣା ଦାବିରେ କଂଗ୍ରେସର ଖବରଦାତା ସମ୍ମିଳନୀ: ଦାବି ପୂରଣ ନହେଲେ ଆନ୍ଦୋଳନର ଚେତାବନୀ



ବାଲିଆପାଳ , ୧୯/୮ (ନି.ପ୍ର): ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟରେ ୧୨ଟି ବ୍ଲକକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଘୋଷଣା କରାଯାଇଛି । ମାତ୍ର ପୂର୍ବରୁ ଏନ ଏସି ଭାବରେ ଘୋଷଣା ହୋଇଥିବା ବାଲିଆପାଳ ବ୍ଲକ ଏଥିରୁ ବାଦ ପଡିଛି ।ଯାହାକୁ ନେଇ ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ପକ୍ଷରୁ ବ୍ଲକ ଛକ ସ୍ଥିତ ଶୁଭମ୍ ଗେଷ୍ଟ ହାଉସ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଯୁବ କଂଗ୍ରେସ ସଭାପତି ସୁବାଷ ନାୟକଙ୍କ ଅଧକ୍ଷତାରେ ଏହି ଖବରଦାତା ସମ୍ମିଳନୀରେ ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ତୀର୍ଥ ନାଗ,ସମୀତି ସଭ୍ୟ ଶାନ୍ତନୁ ମହାପାତ୍ର, ସରୋଜ ପିଳା, ହୃଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ । ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ବାଲିଆପାଳକୁ ଏନ୍ ଏସି ଘୋଷଣା କରିଥିଲେ । ବାଲିଆପାଳ ତହସିଲ ପକ୍ଷରୁ ଏନେଇ ସର୍ଭେ କରାଯିବା ସହ ଏନ୍ ଏସି ଅଞ୍ଚଳରେ ଥିବା ପଞ୍ଚାୟତରେ ମଧ ଜନଶୁଣାଣୀ କରାଯାଇଥିଲା । ସରକାର କାହିଁକି ତାହା ପୂରଣ ନକରି ବାଲିଆପାଳକୁ ଅଣଦେଖା କରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ।ଆଗାମୀ ୨୫ ତାରିଖ ସୁଦ୍ଧା ବାଲିଆପାଳ ବ୍ଲକକୁ ଏନ୍ ଏସି ଘୋଷଣା କରାନଯାଏ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସଭାପତି ଶ୍ରୀ ନାୟକ ।

# ଓୟୋରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୯/୮ (ନି.ପ୍ର): ଓୟୋରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ। ଫାର୍ମାସୀ ଛାତ୍ରଙ୍କ ମୃତ ଦେହ ଉଦ୍ଧାର ହୋଇଛି । ଭଗବାନପୁର ସ୍ଥିତ ସମୃଦ୍ଧି ରେସିଡେନ୍ସରେ ଘଟିଛି ଘଟଣା । ମୃତ ଯୁବକ ହେଲେ ସିପୁନ କୁମାର ମୁରୁଣି । ସିପୁନ ମହାବୀର ଫାର୍ମାସୀ କଲେଜର ଛାତ୍ର । କିଛି ଦିନ ହେବ କଲେଜ କି ଘରକୁ ଯାଉ ନଥିଲେ । ମାସେ ହେବ ଓୟୋରେ ରହୁଥିଲେ । ଅନଲାଇନ୍ ଗେମ୍ ମୃତ୍ୟୁର କାରଣ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି । ତମାଙ୍ଗୋ ଥାନା ପୋଲିସ ମୃତ ଦେହ ଓ ମୋବାଇଲ ଜବତ୍ କରି ଚଳାଇଛି ତଦନ୍ତ । ସେପଟେ ପରିବାର ଲୋକେ କଲେଜ କର୍ତ୍ତୃପକ୍ଷ ଙ୍କ ନାଁରେ ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ । ଗତ ଏକ ମାସ ହେବ କଲେଜ ନଯାଇ ଓୟୋ ହୋଟେଲରେ ରହୁଥିଲେ ମୃତ ଛାତ୍ର, ହେଲେ କଲେଜ ପକ୍ଷରୁ ପରିବାର ଲୋକଙ୍କୁ କୌଣସି ସୂଚନା ଦିଆଯାଇନଥିଲା । ଯେଉଁଥିପାଇଁ ତାଙ୍କ ପୁଅଙ୍କୁ ହତ୍ୟା କରାଯାଇ ଥିବା ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ ।

# ଭଦ୍ରକର ଯୁବ ନେତା ନଳିନୀ କାନ୍ତ ମହାନ୍ତି ହେଲେ ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ଯୁବ ସମନ୍ୱୟ କମିଟିର ରାଜ୍ୟ ସଂଯୋଜକ

ଭଦ୍ରକ , ୧୯/୮ (ନି.ପ୍ର): ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ଯୁବନେତା ନଳିନୀକାନ୍ତ ମହାନ୍ତି ପ୍ରଦେଶ କଂଗ୍ରେସ କମିଟି ଦ୍ୱାରା ନିଯୁକ୍ତି ରାଜ୍ୟ ଯୁବ ସମନ୍ୱୟ କମିଟିର ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ହୋଇଛନ୍ତି । ତାଙ୍କ ନିଯୁକ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ଭଦ୍ରକ ଜିଲ୍ଲା କଂଗ୍ରେସ କର୍ମୀ ମହଲରେ ଖୁସି ର ଲହରୀ ଖେଳିଯାଇଛି । ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରକାଶିତ ଏକ ଆଠ ଜଣିଆ ରାଜ୍ୟ କମିଟିରେ ଶ୍ରୀ ନଳିନୀ କାନ୍ତ ମହାନ୍ତିଙ୍କୁ ମୁଖ୍ୟ ସଂଯୋଜକ ଭାବେ ନିଯୁକ୍ତି ହୋଇଥିବାରୁ ଏଥି ନେଇ ଶ୍ରୀ ମହାନ୍ତି ଅଖିଳ ଭାରତ କଂଗ୍ରେସ କମିଟି ର ସଭାପତି ଶ୍ରୀଯୁକ୍ତ ମଲ୍ଲିକାର୍ଜୁନ ଖଡଗେ ଜୀ ବିରୋଧି ଦଳର ନେତା ଶ୍ରୀଯୁକ୍ତ ରାହୁଲ ଗାନ୍ଧିଜୀ, ଅଖିଳ ଭାରତ କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ କେ ସି ବେନୁଗୋପାଳ, ଓଡିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କୁ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଦେଇଛନ୍ତି । ଆଗାମୀ ଦିନରେ ରାଜ୍ୟର ଯୁବ ଗୋଷ୍ଠୀ ମାନଙ୍କୁ କଂଗ୍ରେସ ଦଳର ନୀତି ଆଦର୍ଶ ପ୍ରତି ଆକୃଷ୍ଟ କରିବା ସହ ଦଳରେ ସାମିଲ କରି କଂଗ୍ରେସ ଦଳକୁ ରାଜ୍ୟର ଶକ୍ତିଶାଳୀ କରିବାକୁ ଶ୍ରୀ ମହାନ୍ତି ପ୍ରେସ ବିବୃତିରେ ଜଣାଇଛନ୍ତି ।

# ବିଜେବି କଲେଜରେ ରାଗିଙ୍ଗ୍ ଅଭିଯୋଗ

ଭୁବନେଶ୍ୱର, ୧୯/୮ (ନି.ପ୍ର): ବିଜେବି କଲେଜରେ ରାଗିଙ୍ଗ୍ ଅଭିଯୋଗ ହୋଇଛି । କ୍ୟାମ୍ପସରେ ଆୟୋଜିତ ରାଲିକୁ ନଯିବାରୁ +୩ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ଆୟୁଷ୍ମାନ ପତିଙ୍କୁ ବିଜେବି କଲେଜର ଛାତ୍ରଙ୍କ ସହ କିଛି ଅଣଛାତ୍ର ରାଗିଙ୍ଗ୍ କରିଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ଆଂଟି ରାଗିଙ୍ଗ୍ କମିଟିରେ ଜଣେଇବା ପରେ କୌଣସି ସମାଧାନ ହେଉନାହିଁ । ଓଲଟା ରାଗିଙ୍ଗ୍ କରିଥିବା ଛାତ୍ରଙ୍କ ପାୱାର ଅଧିକ କହି ପରୋକ୍ଷରେ କମିଟି ଡ଼ରାଉଥିବା ଅଭିଯୋଗ କରିଛନ୍ତି ଛାତ୍ର । ଘଟଣା ନେଇ ଆଜି କଲେଜରେ ଆଂଟି ରାଗିଙ୍ଗ୍ କମିଟି ବୈଠକ ବସିଥିଲା । କ୍ୟାମ୍ପସରେ ପୋଲିସ ମଧ ପହଂଚିଥିଲା ହେଲେ କୌଣସି ସମାଧାନ ହୋଇନଥିବା ସୂଚନା ମିଳିଛି ।

# ଧାରଣାରେ ବସିଲେ ଅଣ ଅନୁଦାନପ୍ରାପ୍ତ କର୍ମଚାରୀ



ଜଳେଶ୍ୱର , ୧୯/୮ (ନି.ପ୍ର): ଆଜି ସକାଳ ୧୦ ଘଟିକା ସମୟରେ ଜଳେଶ୍ୱର ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଧାରଣାରେ ବସିଲେ ଅଣ ଅନୁଦାନ ପ୍ରାପ୍ତ କର୍ମଚାରୀ ।୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ହୋଇଥିବା କର୍ମଚାରୀ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରୁଛନ୍ତି ତେଣୁ ସରକାରଂକ ତରଫରୁ ସତନ୍ତ୍ର ଅନୁଦାନ ପାଇଁ ବାରମ୍ବାର ଦାବୀ କରି ଆସୁଛନ୍ତି । ମାତ୍ର ସରକାର୍ ଏ କଥା ଏମାନଙ୍କର କୌଣସି କଥା କର୍ଣ୍ଣପାତ ନାହାନ୍ତି । ଏହି ପ୍ରତିବାଦରେ ମହାବିଦ୍ୟାଳୟର ୧୧ ଜଣ କର୍ମଚାରୀ ମହାବିଦ୍ୟାଳୟର ଫାଟକ ଆଗରେ ଧାରଣା ରେ ବସିଥିଲେ । ଦାବୀ ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ସହିତ ଧାରଣା ଚାଲୁ ରହିବ । ବୋଲି ମହାବିଦ୍ୟାଳୟର ସଂଯୋଜକ ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା ପ୍ରକାଶ କରିଛନ୍ତି । ଏହି ଧାରଣା ରେ ଅଧ୍ୟାପିକା ଦିପ୍ତିମୟୀ ସାଧୁଆ, ଦିବ୍ୟଭାରତି ଦାସ୍, ସ୍ମୃତିରେଖା ରାଜ , ସାଇଶ୍ମିତା ଗିରି ଅଧ୍ୟାପକ ବନବିହାରୀ ଗିରି, ଅଣଶିକ୍ଷକ କର୍ମଚାରୀ ବ୍ୟୋମକେଶ ମହାପାତ୍ର, ଶାନ୍ତନୁ ପ୍ରଧାନ, ଜଳିରାଣୀ ଭୂୟାଁ, ବବିତା ଦାସ , ମାନସ ରଂଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିଠୁ ରାଜରାସ୍ତାକୁ ଓହ୍ଲାଇବେ ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଆସନ୍ତାକାଲିଠୁ ରାଜରାସ୍ତାକୁ ଓହ୍ଲାଇବେ ଧନ୍ଦାମୂଳକ ପ୍ରଶିକ୍ଷକ ସଂଘ । ଚାକିରି ସୁରକ୍ଷା ଓ ପୂର୍ଣ୍ଣ ଶିକ୍ଷକତା ଦାବି ନେଇ ଧନ୍ଦାମୂଳକ ଶିକ୍ଷକ ଶାନ୍ତିପୂର୍ଣ୍ଣ ଭାବରେ ରାଜ୍ୟସରକାରଙ୍କୁ ଜଣାଇବେ ନିଜର ଦାବି । ରାଜ୍ୟରେ ୨୦୧୬ରୁ ଭୋକେସନାଲ ଶିକ୍ଷା ଆରମ୍ଭ ହୋଇ ଏଥିମଧ୍ୟରେ ୯ ବର୍ଷ ଅତିକ୍ରାନ୍ତ ହୋଇଛି । ଏହାରି ଭିତରେ ସ୍ଥାୟୀ ନିଯୁକ୍ତି ସର୍ତ୍ତାବଳି ପ୍ରଣୟନ ଓ ପୂର୍ଣ୍ଣ ଶିକ୍ଷକତା ମାନ୍ୟତା ଦାବି କରିଆସୁଛନ୍ତି ଶିକ୍ଷକମାନେ । ଏହାକୁ ନେଇ ଗତ ସରକାରଙ୍କୁ ଅନେକ ଥର ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଆଭିଯୋଗ ହୋଇଛି । କାର୍ଯ୍ୟରତ ୨୧୨୨ ଭୋକେସନାଲ ପ୍ରଶିକ୍ଷକ ଏବେ ମଧ ବିଭିନ୍ନ ସମସ୍ୟା ଭିତରେ ରହିଥିବା ବେଳେ ନ୍ୟାର୍ଯ୍ୟ ଦାବିକୁ ନେଇ ଆସନ୍ତାକାଲିଠୁ ୩୦ ଟି ଜିଲ୍ଲାର ପ୍ରଶିକ୍ଷକ ରାଜରାସ୍ତାକୁ ଓହ୍ଲାଇବେ । ନୂଆ ସରକାର ସେମାନଙ୍କ ଦାବି ଶୁଣିବା ସହ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବେ ଆଶା ପ୍ରକାଶ କରିଛନ୍ତି ଧନ୍ଦାମୂଳକ ପ୍ରଶିକ୍ଷକ ସଂଘର ସଭାପତି ।

# ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଗିରଫ

ଭୁବନେଶ୍ୱର, ୧୯/୮ (ନି.ପ୍ର): ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା ଗିରଫ । ଅନୁଗୁଳ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ସୁରେନ୍ଦ୍ର ବେହେରାଙ୍କୁ ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ ଓଡିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି ଓ ତାଙ୍କୁ ଆଜି ସୁନ୍ଦରଗଡରେ ଭିଜିଲାନ୍ସ ସ୍ୱତନ୍ତ୍ର ନ୍ୟାୟାଳୟରେ ହାଜର କରାଯିବ । ଶ୍ରୀ ସୁରେନ୍ଦ୍ର ବେହେରାଙ୍କ ବେଆଇନ ସଂପତ୍ତି ବିଷୟରେ ତଦନ୍ତ କରିବା ସମୟରେ ତାଙ୍କ ନିଜସ୍ୱ ଓ ପରିବାର ନାମରେ ଥିବା ଜମି, ଘର ଓ ଅନ୍ୟାନ୍ୟ ସଂପତ୍ତି ଉପରେ ରେଡ୍ କରାଯାଇଥିଲା । ତଦନ୍ତରେ ତାଙ୍କ ନିକଟରୁ ୨ଟି ବହୁମହଲା ବିଲ୍ଡିଂ, ଭୁବନେଶ୍ୱରରେ ୨ଟି ଫ୍ଲାଟ୍, ୪ଟି ଉଚ୍ଚମୂଲ୍ୟ ଜମି, ନଗଦ ୨.୩୩ ଲକ୍ଷ ଟଙ୍କା, ଏବଂ ପ୍ରାୟ ୫୪ ଲକ୍ଷ ଟଙ୍କା ଥିବା ବ୍ୟାଙ୍କ ଡିପୋଜିଟ୍ ମିଳିଛି । ଯାହାର ସେ ସନ୍ତୋଷଜନକ ଉତର ଦେଇପାରିନାହାନ୍ତି । ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ ଶ୍ରୀ ସୁରେନ୍ଦ୍ର ବେହେରାଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି ।




# ରାଜ୍ୟସ୍ତରୀୟ ଏନସିସି ଶିବିରରେ ମୟୂରଭଞ୍ଜ ପାଇଁ ଗୌରବ ଆଣିଲେ ଅସନଯୋଡ଼ା ପିଏମଶ୍ରୀ ସ୍କୁଲ

ବାରିପଦା, ୧୯/୮ (ନି.ପ୍ର): ଭୁବନେଶ୍ୱର ସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମର ଶିକ୍ଷାର୍ଥୀ ବାହିନୀ ଶିବିରରେ ବାରିପଦା ନିକଟସ୍ଥ ପି ଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅସନଯୋଡ଼ା ର ୩୫ ଜଣିଆ ଏନ ସି ସି ଟ୍ରୁପ ଅଂଶଗ୍ରହଣ କରିବା ସହ ଜିଲ୍ଲାପାଇଁ ସଫଳତା ଆଣିଛନ୍ତି ଓ ବିଦ୍ୟାଳୟର ଏନ ସି ସି ଅଫିସର ଉମା ଦେ ଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ଏହି ଦଳର ଲିଡର ଭାବେ ମାନିନୀ ମୁର୍ମୁ ଓ କମାଣ୍ଡର ଭାବେ ଭୂମିକା ମାଝୀ ସାମିଲ ହୋଇଥିଲେ ଓ ଚଳିତ ମାସ ୯ ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଶିବିରରେ ଏହି ଦଳ ବିଭିନ୍ନ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ପ୍ରତିପାଦନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଏହି ଅବସରରେ ଆୟୋଜିତ ସାମୁହିକ ନୃତ୍ୟ ଗୀତରେ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଓ ବିଦ୍ୟାଳୟରେ ପହଂଚିବାପରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ତଥା ଛାତ୍ରୀମାନେ ମହାସମାରୋହରେ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ ଓ ଖବର ପାଇ ଜିଲ୍ଲା ମଙ୍ଗଳ ବିଭାଗ, ଅବିଭାବକ, ସ୍ଥାନୀୟ ଅଂଚଳବାସୀ ମଧ ଅଭିନନ୍ଦନ ଜଣାଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida